
# ଇସଲାମର ବିଜୟ

## (ଫତେହ୍ ଇସଲାମ୍)



ଲେଖକ

**ହଜରତ ମିର୍ଜା ଗୁଲାମ ଅହମଦ** ଆ.ସ

ପ୍ରତିଶ୍ରୁତ ମସିହ ଓ ମେହଦୀ

# ଇସଲାମର ବିଜୟ

(ଫତେହ୍ ଇସଲାମ)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ
ପ୍ରତିଶ୍ରୁତ ମସିହ ଓ ମେହଦୀ

# ଇସଲାମର ବିଜୟ


ମୂଳ ଉର୍ଦ୍ଦୁ : 'ଫତେହ୍ ଇସଲାମ'

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡିଆ ରୂପାନ୍ତର: **ମୌ. ଅନୱର୍ ଅହମଦ ଖାନ୍,** ଏଚ.ଏ.

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରୁଦାସ୍‌ପୁର,
ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୧, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)


## ISLAMRA BIJAYA

**'Fateh Islam'**


*Author of the Book* : **Hadhrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Anwar Ahmad Khan**, H.A. Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2021, First Edition in Odia (1000 copies)
*Printed at* : Fazle Umar Printing Press, Qadian (India)




*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*



**ISBN:**

## ٹائیٹل بار اوّل



الحمد للہ والمنت کہ رسالہ تالیف کردہ مجدد دوران مسیح الزمان مرزا غلام احمد
رئیس قادیان موسوم بہ

الہامی — الہامی

# فتح اسلام

## حصہ اوّل

اور خدا تعالیٰ کے تجلّی خاص کی بشارت
اور اسکی پیروی کی راہوں اور اسکی تائید کے
طریقوں کی طرف دعوت

جمادی الاوّل سنہ ۱۳۰۸ھ میں

باہتمام شیخ نور احمد مالک مطبع ریاض ہند امرتسر میں طبع ہو کر واسطے
عام و تبلیغ پیام اور اتمام حجت کی غرض سے باظہار اذن الٰہی شائع کیا گیا

قیمت فی جلد ۸

*ପ୍ରଥମ ଉର୍ଦ୍ଦୁ ପ୍ରକାଶନର ପ୍ରଚ୍ଛଦ ପୃଷ୍ଠାର ଫଟୋଚିତ୍ର*

# ପ୍ରାକ୍‌କଥନ

ଏହି ପୁସ୍ତକ ଯୁଗାବତାର ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ ୧୮୯୦ମସିହାରେ ଉର୍ଦ୍ଦୁ ଭାଷାରେ ରଚନା କରିଥିଲେ । ଏହା ୧୮୯୧ମସିହାରେ ମୁଦ୍ରିତ ହୋଇଥିଲା । ଏହି ପୁସ୍ତକରେ ସେ ଘୋଷଣା କଲେ ଯେ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ଯେଉଁ ମସିହ ଆସିବାର ଦୃଢ ସ୍ୱର୍ଗୀୟ ପ୍ରତିଶୃତି ଦିଆଯାଇଥିଲା, ମୁଁ ହେଉଛି ସେହି ମସିହ, ଚାହୁଁଛ ତ ଗ୍ରହଣ କର । ପୁଣି କହିଛନ୍ତି:

"ମସିହଙ୍କ ନାମରେ ଏହି ବିନୀତକୁ ପ୍ରେରଣ କରାଯାଇଛି । ଯଦ୍ୱାରା ଯୀଶୁଙ୍କର କ୍ରୁଶବିଦ୍ଧରେ ମୃତ୍ୟୁ ହୋଇଥିବା ବିଚାରଧାରାକୁ ଖଣ୍ଡ ବିଖଣ୍ଡ କରି ଦିଆଯିବ । ସୁତରାଂ ମୁଁ କ୍ରୁଶ ଭଙ୍ଗ କରିବା ଓ ଶୁକରକୁ ବଧ କରିବା ପାଇଁ ପ୍ରେରିତ ହୋଇଛି ।"

ତଦନୁରୂପ ସେ ମୁସଲମାନମାନଙ୍କ ନିକଟରେ ସ୍ୱଷ୍ଟ ରୂପେ ଘୋଷଣା କରି କହିଲେ ଯେ ତାଙ୍କର ଆବିର୍ଭାବ ହେବା କ୍ରୁଶବିଦ୍ଧ ଜନିତ ଭ୍ରାନ୍ତ ସିଦ୍ଧାନ୍ତକୁ ଖଣ୍ଡନ କରିବା ସକାଶେ ଏକ ଐଶ୍ୱରିକ ଚମତ୍କାରୀତା ବୋଲି କୁହା ଯାଇପାରେ ।

ଅହମଦିୟା ମୁସଲିମ ସଂପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କ ସଦୟ ଅନୁମତିକ୍ରମେ କେନ୍ଦ୍ରୀୟ ପ୍ରକାଶନ ଓ ପ୍ରସାରଣ ବିଭାଗ, ଭାରତଙ୍କ ସୌଜନ୍ୟରୁ ଏହି ପୁସ୍ତକର ଓଡ଼ିଆ ଅନୁବାଦ 'ଇସଲାମର ବିଜୟ' ନାମରେ ପ୍ରକାଶିତ କରାଯାଉଛି । ଏହାକୁ ମୌ. ଅନଓ୍ୱର ଅହମଦ ଖାନ୍ ଅନୁବାଦ କରିଛନ୍ତି । ତ୍ରୁଟି ସଂଶୋଧନ ଓ ପୁସ୍ତକ ସମୀକ୍ଷା ଇଂ.ରୌଶନ୍ ଖାନ୍ ସାହେବ ଅଧକ୍ଷ ରିଭ୍ୟୁ କମିଟି ଓଡ଼ିଶାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଈଶ୍ୱର ସେମାନଙ୍କୁ ତାହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହି ପୁସ୍ତକ ଓଡ଼ିଆ ଭାଷାର ପାଠକ ମହଲରେ ବିଶେଷ ଭାବରେ ଆଦୃତ ଲାଭ କରୁ ଏବଂ ସେମାନଙ୍କ ପାଇଁ ଅତ୍ୟନ୍ତ ଲାଭପ୍ରଦ ହେଉ ।

ବିନୀତ

**ହାଫିଜ ମଖଦୁମ୍ ଶରିଫ୍**
ନାଜର ନଶରୋ ଇଶାଅତ୍
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ବିଭାଗ
କାଦିୟାନ୍

# ଘୋଷଣା

ଏହି ପୁସ୍ତକ 'ଫତେହ୍ ଇସଲାମ'ର ମୋଟ ୭୦୦ଟି ନକଲ ମୁଦ୍ରିତ କରାଯାଇଛି । ସେଥିମଧ୍ୟରୁ ୩୦୦ ଖଣ୍ଡ ସେହିମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି, ଯେଉଁମାନଙ୍କ ମଧ୍ୟରେ ଇସଲାମର ଉପଦେଷ୍ଟା ବର୍ଗ ଅବା ଅତୁଳନୀୟ ଜିଜ୍ଞାସୁ ଅବା ଖ୍ରୀଷ୍ଟଧର୍ମୀ ଅବା ହିନ୍ଦୁ ପଣ୍ଡିତମାନେ ଅନ୍ତର୍ଭୁକ୍ତ । ବାକି ୪୦୦ ଗୋଟି ପତ୍ରିକା ଏପରି ବ୍ୟକ୍ତିଙ୍କ ସକାଶେ ଯେ ମୂଲ୍ୟ ପ୍ରଦାନ କରି ଖରିଦ୍ କରିବାର ସାମର୍ଥ୍ୟ ରଖୁଛନ୍ତି, ଗୋଟିକୁ ମାତ୍ର ୮ ଅଣାରେ ବିକ୍ରି କରାଯିବ । ଡ଼ାକ ଟିକସ୍ ଏତତ୍ ବ୍ୟତୀତ ଅଟେ । ଯେଉଁ ବ୍ୟକ୍ତି ମାଗଣାରେ ନେବାକୁ ଇଚ୍ଛୁକ ଅର୍ଥାତ ଉପଦେଷ୍ଟା ଅବା ଅତୁଳନୀୟ ଜିଜ୍ଞାସୁ ଆଦି ସେମାନଙ୍କ ପାଇଁ ଅନିର୍ବାର୍ଯ୍ୟ ଯେ ଡ଼ାକ ଖର୍ଚ୍ଚ ବାବଦରେ କେବଳ ଅଧା ଅଣା ପ୍ରେରଣ କଲେ, ପୁସ୍ତକ ସେମାନଙ୍କ ନିକଟକୁ ପଠାଇ ଦିଆଯିବ ।

ଘୋଷଣାକାରୀ

ବିନୀତ

**ମିର୍ଜା ଗୁଲାମ ଅହମଦ କାଦିୟାନୀ**

بِسۡمِ اللّٰہِ الرَّحۡمٰنِ الرَّحِیۡمِ

نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ

## *ଇସଲାମର ବିଜୟ ଏବଂ ପରମେଶ୍ୱରଙ୍କ ବିଶେଷ କଲ୍ୟାଣ ପ୍ରକଟ ହେବାର ଶୁଭ ସମ୍ବାଦ ତଥା ତାହାଙ୍କ ପଦାଙ୍କ ଅନୁସରଣ କରିବାର ମାର୍ଗ ଓ ତାଙ୍କ ସମର୍ଥନର ପନ୍ଥା ଆଡ଼କୁ ଆହ୍ୱାନ*

**ରବ୍‌ବିନ୍‌ଫୁଖ୍ ରୁହା ବରକତିନ୍ ଫୀ କଲାମି ହାଜା ଓ୍ୱଜ୍‌ଅଲ୍ ଅଫିଇଦ ତନ୍ ମିନ୍ନନାସି ତହ୍‌ଓ୍ୱି ଇଲୈହି** ଅର୍ଥାତ ହେ ପାଠକବୃନ୍ଦ ! ଆଫାକୁମ୍‌ଲ୍ଲାହୁ ଫିଦ୍ ଦୁନ୍‌ୟା ଓ୍ୱଦ୍‌ଦିନ୍ । ଅର୍ଥାତ ଅଲ୍ଲାଃତାଲା ଆପଣମାନଙ୍କ ଧାର୍ମିକ ଓ ସାଂସାରିକ ଦୋଷତ୍ରୁଟି ସମୁହ କ୍ଷମା କରିଦିଅନ୍ତୁ । ଆଜି ଏହି ବିନୀତ ଏକ ଦୀର୍ଘ ସମୟ ବ୍ୟବଧାନରେ ସେହି ଐଶ୍ୱରିକ କାରଖାନା ସମ୍ବନ୍ଧରେ ଯାହାକି ଅଲ୍ଲାଃତାଲା ଇସଲାମର ପୃଷ୍ଠପୋଷକତାରେ ମୋତେ ଦାୟିତ୍ୱ ଭାର ଅର୍ପଣ କରିଛନ୍ତି, ଏକ ଜରୁରୀ ପ୍ରସଙ୍ଗ ପ୍ରତି ଆପଣମାନଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି । ଯେପର୍ଯ୍ୟନ୍ତ ଈଶ୍ୱର ମୋତେ ଭାଷଣ ଦେବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି, ଏହି ସମ୍ପ୍ରଦାୟର ଗୌରବ ଏବଂ ସାହାଯ୍ୟ ସହଯୋଗର ଆବଶ୍ୟକତା ଆପଣ ସଜନମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଚାହୁଁଅଛି । ଯଦ୍ଦ୍ୱାରା ମୋ ଉପରେ ପ୍ରଚାରର ଯେଉଁ ଦାୟିତ୍ୱଭାର ନ୍ୟସ୍ତ କରାଯାଇଛି ସେଥିରୁ ମୁଁ ଦୋଷମୁକ୍ତ ହୋଇପାରିବି । ସୁତରାଂ ଏହି ବିଷୟ ବର୍ଣ୍ଣନା କରିବାରେ ମୋର ତିଳେମାତ୍ର ଅଭିପ୍ରାୟ ନାହିଁ ଯେ ଏହାର ଅନ୍ୟମାନଙ୍କ ଉପରେ କ'ଣ ପ୍ରଭାବ ପଡ଼ିବ । ଉଦ୍ଦେଶ୍ୟ କେବଳ ଏତିକି ଯେ ଯେଉଁ ବିଷୟ ମୋ ପ୍ରତି ଅନିର୍ବାର୍ଯ୍ୟ କରାଯାଇଛି ଏବଂ ଯେଉଁ ବାର୍ତ୍ତା ପହଞ୍ଚାଇବା ମୋର ପରମ କର୍ତ୍ତବ୍ୟ ସଦୃଶ ବାଧ୍ୟତାମୂଳକ, ତାହା ଯେପରି ସଠିକ୍ ରୂପେ ମୋ ଦ୍ୱାରା ସମ୍ପାଦିତ ହୋଇଯାଉ । ଏଥିରେ ଲୋକମାନେ ତାହାକୁ ପ୍ରସନ୍ନତାର ସହିତ ଶୁଣନ୍ତୁ ଅବା ଅନାସକ୍ତ ଭାବ ପ୍ରକାଶ କରନ୍ତୁ ଅବା ମୋ ପ୍ରତି ସଦ୍‌ଭାବନା ମୂଳକ ଚିନ୍ତାଧାରା ରଖନ୍ତୁ କିମ୍ବା ଘୃଣାକୁ ନିଜ ହୃଦୟରେ ସ୍ଥାନ ଦିଅନ୍ତୁ । **ଓ୍ୱଉଫଓ୍‌ୱିଜୁ ଅମରି ଇଲ୍ଲାହା ଓ୍ୱଲ୍ଲାହୁ ବସୀରୁନ୍ ବିଲ୍‌ଇବାଦ୍** (ଅର୍ଥାତ ମୁଁ ନିଜ ମାମଲା ପରମେଶ୍ୱରଙ୍କୁ ସମର୍ପଣ କରୁଛି । ସେ ନିଜ ଭକ୍ତମାନଙ୍କୁ ଉତ୍ତମ ରୂପେ ନିରୀକ୍ଷଣ କରୁଛନ୍ତି- ଅନୁବାଦକ)

ବର୍ତ୍ତମାନ ମୁଁ ନିମ୍ନରେ ସେହି ବିଷୟ ଉଲ୍ଲେଖ କରୁଛି, ଉପରେ ଯାହାର ପ୍ରତିଶୃତି ଦିଆଯାଇଛି:

ହେ ସତ୍ୟାନୁସନ୍ଧିସୁ ଓ ପ୍ରକୃତ ଇସଲାମ ପ୍ରେମୀ ! ଆପଣମାନଙ୍କ ଉପରେ ଏହା ସ୍ପଷ୍ଟ ହେଉ ଯେ ଏହି ଯୁଗ ଯହିଁରେ ଆମେ କାଳାତିପାତ କରୁଛେ, ଏହା ଏପରି ଅନ୍ଧକାରମୟ ଯୁଗ ଯେ ତାହା ଆସ୍ଥା ଓ ସମ୍ବନ୍ଧିତ ହେଉ କି ଆଚରଣ ସମ୍ବନ୍ଧିତ ଯେତେ ଯାହା ବିଷୟ ହୋଇଥାଉ ନା କାହିଁକି ସମସ୍ତ କ୍ଷେତ୍ରରେ ପ୍ରଚଣ୍ଡ ବିଭ୍ରାଟ ଓ ବିଶୃଙ୍ଗଳା ସୃଷ୍ଟି ହୋଇଯାଇଛି ଏବଂ ଅଜ୍ଞାନତା ଓ ପଥଭ୍ରଷ୍ଟତାର ଏକ ତୀବ୍ର ଝଡ଼ବାତ୍ୟା ପ୍ରତ୍ୟେକ ଦିଗରୁ ପ୍ରବାହିତ ହେଉଛି । ଯାହାକୁ ଆସ୍ଥା ଓ ବିଶ୍ୱାସ ବୋଲି କୁହାଯାଉଛି, ତାହାର ସେଠାରେ କେବଳ କେତେକ ଶବ୍ଦ (ମାତ୍ର) ରହିଯାଇଛି ଏବଂ ଯାହାର ସ୍ୱୀକାରରୋକ୍ତି ମାତ୍ର ତୁଣ୍ଡରୁ କରାଯାଉଛି । କିନ୍ତୁ ସେହି କଥା ଯାହାର ନାମ ସତ୍‌କର୍ମ, ତାହା ବଦଳରେ କେତେକ କୁପ୍ରଥା, ଅଯଥା ବ୍ୟୟ ଓ ଲୋକଦେଖାଣିଆ କର୍ମମାନଙ୍କୁ ବିବେଚନା କରାଯାଉଛି । ପ୍ରକୃତ ସତ୍‌କର୍ମ ଠାରୁ ଲୋକମାନେ ଅଜ୍ଞାତ ହୋଇ ରହିଛନ୍ତି । ଚଳିତ ଯୁଗର ଦର୍ଶନଶାସ୍ତ୍ର ଓ ଭୌତିକ ଜ୍ଞାନ ମଧ୍ୟ ଆଧ୍ୟାତ୍ମିକ ପାରଦର୍ଶୀତାର ପୂର୍ଣ୍ଣ ବିପରୀତ ହୋଇଯାଇଛି । ତାହାର (ଧାର୍ମିକ) ଭାବନା ତାକୁ ଜାଣିଥିବା ଲୋକମାନଙ୍କ ଉପରେ ଏପରି କୁଧାରଣା ସୃଷ୍ଟି କରିପକାଇଛନ୍ତି ଯେ ଘୋର ଅଜ୍ଞାନ ଆଡ଼କୁ ଟାଣି ନେଇଯିବା ସାବ୍ୟସ୍ତ ହୋଇଥାଏ । ତାହା ସେହି ବିଷାକ୍ତ ଉପାଦାନକୁ ସଂକ୍ରୀୟ କରାଇ ଶୁପ୍ତ ଶୈତାନକୁ ଜଗାଇ ଦେଇଥାଏ । ଏହି ତତ୍ତ୍ୱଗୁଡ଼ିକର ବିଶେଷକମାନେ ଧାର୍ମିକ ଜ୍ଞାନ ମୂଳକ ବିଷୟରେ ଅଧିକାଂଶ ସମୟରେ ଏଭଳି ନାସ୍ତିକ ମତ ପୋଷଣ କରି ବସିଥାନ୍ତି କି ଅଲ୍ଲାଃତାଲାଙ୍କ ନିର୍ଦ୍ଧାରିତ ନୀତି ନିୟମା ତଥା ନମାଜ, ଉପବାସ ଇତ୍ୟାଦି ଉପାସନା ପଦ୍ଧତିକୁ ତୁଚ୍ଛ ଓ କୌତୁକ ଦୃଷ୍ଟିରେ ଦେଖିଥାନ୍ତି । ସେମାନଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ମଧ୍ୟ କୌଣସି ମହତ୍ୱ ଓ ସମ୍ମାନ ନଥାଏ । ବରଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଧର୍ମ ଓ ନାସ୍ତିକତାର ରଙ୍ଗରେ ରଙ୍ଗାୟିତ ତାହାର ଶିରା ପ୍ରଶିରାରେ ବୁଡ଼ି ରହିଥାନ୍ତି ଏବଂ ମୁସଲମାନମାନଙ୍କ ସନ୍ତାନ ବୋଲାଉ ଥିଲେ ସୁଦ୍ଧା ଧର୍ମର ଶତ୍ରୁ ପାଲଟିଥାନ୍ତି । କଲେଜ୍‌ମାନଙ୍କରେ ଅଧ୍ୟୟନରତ ବିଦ୍ୟାର୍ଥିମାନଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ଏପରି ଦେଖିବାକୁ ମିଳିଥାଏ ଯେ ସେମାନେ ଆବଶ୍ୟକୀୟ ଶିକ୍ଷା ଗ୍ରହଣ କରିବାରୁ ମୁକ୍ତ ହୋଇ ନଥା'ନ୍ତି ଯେ ତାହା ଆଗରୁ ହିଁ ଧର୍ମ ଓ ଧର୍ମ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରୁ ମୁକ୍ତ ହୋଇ ଯାଇଥାନ୍ତି । ଏଠାରେ କେବଳ ମୁଁ ଗୋଟିଏ ଶାଖା ସମ୍ବନ୍ଧରେ ଉଲ୍ଲେଖ କଲି, ଯାହା ଚଳିତ ଯୁଗରେ ଅଜ୍ଞାନତାର ଫଳ ଦ୍ୱାରା ଲଦିହୋଇ ରହିଛି । ମାତ୍ର ଏତତ୍ ବ୍ୟତୀତ ଶତସହସ୍ର ଅନ୍ୟ ଶାଖାମାନ

ମଧ୍ୟ ରହିଛି ଯାହାକି ଏହାଠାରୁ କିଛି କମ୍ ନୁହେଁ ! ସାଧାରଣତଃ ଦେଖାଯାଏ ଯେ ସଂସାରରୁ ବିଶ୍ୱସ୍ତତା ଓ ସତ୍ୟତା ଏପରି ଉଠିଯାଇଛି ଯେପରି ଧରିନେବାକୁ ହେବ ଯେ ତାହା ସଂସାରରୁ ପୂର୍ଣ୍ଣତଃ ବିଲୁପ୍ତ ହୋଇଯାଇଛି । ସଂସାର ପ୍ରାପ୍ତି ପାଇଁ କପଟତା ଓ ଶଠତା ସୀମା ଲଙ୍ଘନ କରିବସିଛି । ଯେଉଁ ଲୋକମାନେ ସବୁଠାରୁ ଅଧିକ ଧୂର୍ତ୍ତ ସେହିମାନେ ହିଁ ସବୁଠାରୁ ଅଧିକ ଯୋଗ୍ୟ ବିବେଚିତ ହେଉଛନ୍ତି । ବିଭିନ୍ନ ପ୍ରକାରର ମିଥ୍ୟା, ବିଶ୍ୱାସଘାତକତା, ଦୁଷ୍କର୍ମ, ପ୍ରତାରଣା, ଅସାଧୁତା, କପଟତା ଓ ଅତ୍ୟଧିକ ଚପଳ ଓ ଲିପ୍ସାପୂର୍ଣ୍ଣ ଯୋଜନା ତଥା ଦୁରାଚାରରେ ଭରପୂର ମନ୍ଦ ଅଭ୍ୟାସ ପ୍ରସାର ଲାଭ କରୁଅଛି । ଅତ୍ୟନ୍ତ ନିର୍ଦ୍ଦୟପୂର୍ଣ୍ଣ ବ୍ୟବହାର, ବିଦ୍ୱେଷ ଓ କଳହ ବୃଦ୍ଧି ପାଇବାରେ ଲାଗିଛି । ଏବଂ ହିଂସ୍ରୁକ ଓ ପଶୁତ୍ୱ ଭାବନାର ଏକ ଝଡ଼ ଦେଖା ଦେଇଛି । ଯେପରି ଭାବରେ ଲୋକମାନେ ଏହି ଶିକ୍ଷା ଓ ପ୍ରଚଳିତ ବିଧିବିଧାନରେ ଅଧିକ ତତ୍ପର ଓ ଚାଲାକ ହୋଇଯାଉଛନ୍ତି, ସେତିକି ମାତ୍ରାରେ ଉତ୍ତମ ପରମ୍ପରା ଓ ପୁଣ୍ୟକର୍ମର ସ୍ୱଭାବିକ ସ୍ପୃହା, ଲାଜ ସରମ, ଈଶ୍ୱରଭୟ, ବିଶ୍ୱସ୍ତତା ଓ ସାଧୁତା ଆଦି ବିଶେଷ ଗୁଣ ସେମାନଙ୍କ ମଧ୍ୟରେ ହ୍ରାସ ପାଇବାରେ ଲାଗିଛି ।

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଶିକ୍ଷା ମଧ୍ୟ ସତ୍ୟ ଓ ବିଶ୍ୱସନୀୟତା ଉଡ଼ାଇ ଦେବା ପାଇଁ ଅନେକ ପ୍ରକାରର ସୁଡ଼ଙ୍ଗ ପ୍ରସ୍ତୁତ କରୁଛନ୍ତି ଏବଂ ଖ୍ରୀଷ୍ଟଧର୍ମୀମାନେ ଇସଲାମକୁ ବିଲୋପ କରିଦେବା ପାଇଁ ନାନାପ୍ରକାର ମିଥ୍ୟାର ଆଶ୍ରୟ ନେଇଛନ୍ତି ଏବଂ ମନଗଢା ସୂକ୍ଷ୍ମ ବିଷୟକୁ ବହୁ ପରିଶ୍ରମ କରି ସ୍ଥାନକାଳ ଓ ସୁଯୋଗ ଦେଖି ପ୍ରୟୋଗରେ ଆଣିଛନ୍ତି । ଲୋକମାନଙ୍କ ପଥଭ୍ରଷ୍ଟ କରିବା ପାଇଁ ନୂଆ ନୂଆ କୌଶଳ ଅବଲମ୍ବନ କରିବା ତଥା ବିଭ୍ରାନ୍ତ କରିବାର ଅଭିନବ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏବଂ ସେହି ମହାମାନବଙ୍କୁ ଘୋର ନିନ୍ଦା ଓ ଅପବାଦର ଶରବ୍ୟ କରୁଛନ୍ତି, ଯେ ସମସ୍ତ ପବିତ୍ର (ସିଦ୍ଧପୁରୁଷ)ଙ୍କ ଯଶଗାନ କରୁଥିଲେ ଏବଂ ସମସ୍ତ ମାହାପୁରୁଷଙ୍କ ମଉଡ଼ମଣି ତଥା ସମସ୍ତ ମହାନ ଅବତାରଙ୍କ ସରଦାର ଥିଲେ । ଏପରିକି ନାଟକ ମଞ୍ଚରେ ଅଭିନୟ ଅତ୍ୟନ୍ତ ଧୃଷ୍ଟତା ପୂର୍ବକ ଇସଲାମ ଓ ଇସଲାମର ପବିତ୍ର ସଂସ୍ଥାପକଙ୍କ ଛବିକୁ କୁତ୍ସିତ ଢଙ୍ଗରେ ପ୍ରଦର୍ଶିତ କରାଯାଉଛି ଏବଂ ଏପରି ମିଥ୍ୟାରୋପ ଲଗାଇ ତାଚ୍ଛଲ୍ୟ ଭାବେ ଥିଏଟର ମାଧ୍ୟମରେ ପ୍ରସାର କରାଯାଉଛି ଯେଉଁଥିରେ ଇସଲାମ ଓ ପବିତ୍ର ନବୀଙ୍କ ପ୍ରତିଷ୍ଠାକୁ ମାଟିରେ ମିଶାଇ ଦେବା ପାଇଁ ପୂର୍ଣ୍ଣ ଦୌରାତ୍ମ୍ୟ ବିନିଯୋଗ କରାଯାଇଛି ।

ବର୍ତ୍ତମାନ ହେ ମୁସଲମାନ ବନ୍ଧୁଗଣ ! ଶୁଣ ଓ ମନଧ୍ୟାନ ପୂର୍ବକ ଶୁଣ ଯେ ଇସଲାମର ପବିତ୍ର ପ୍ରଭାବକୁ ପ୍ରତିରୋଧ କରିବା ପାଇଁ ଯେପରି ମିଥ୍ୟା ଅପବାଦ ଏହି ଖ୍ରୀଷ୍ଟଧର୍ମରେ ପ୍ରୟୋଗ କରାଯାଇଛି ଏବଂ ଚାଲାକି ପୂର୍ଣ୍ଣ ଉପାୟ ଅବଲମ୍ବନ

କରାଯାଇଛି ଏବଂ ଏହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ପ୍ରାଣମୁର୍ଚ୍ଛା ଉଦ୍ୟମ ତଥା ପାଣି ପରି ଅର୍ଥ ବୁହାଇବା ପାଇଁ ଚେଷ୍ଟା କରାଯାଇଛି । ଏପରିକି ଅତ୍ୟନ୍ତ ଲଜ୍ୟାଜନକ ସାଧନ ମଧ୍ୟ ଯାହାର ଆଲୋଚନା କରିବାରୁ ମୋର ଏହି ଲେଖନୀକୁ ପବିତ୍ର ରଖିବା ଉଚିତ ହେବ, ଏହି ମାର୍ଗରେ ବିନିଯୋଗ କରାଯାଇଛି । ଏହା ଖ୍ରୀଷ୍ଟଧର୍ମାବଲମ୍ବୀ ଓ ତ୍ରିତ୍ୱବାଦ ସିଦ୍ଧାନ୍ତର ସମର୍ଥକଙ୍କ ପକ୍ଷରୁ ସେସବୁ ଧୋକା ଦେବା କାର୍ଯ୍ୟକ୍ରମର ପରିଚୟ ଦେଉଛି । ଯେପର୍ଯ୍ୟନ୍ତ ସେମାନଙ୍କର ଏହି ଛଳନାତ୍ମକ କାର୍ଯ୍ୟକଳାପର ମୁକାବିଲାରେ ପରମେଶ୍ୱର ନିଜର ଶକ୍ତିଶାଳୀ ହସ୍ତର ପ୍ରଦର୍ଶନ ନକରନ୍ତି, ଯାହାକି ଏକ ଅଲୌକିକ ଚମ୍ତ୍କାରୀତା ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖିଥିବ ଏବଂ ସେହି ଚମ୍ତ୍କାରିତା ମାଧ୍ୟମରେ ସେହି ପ୍ରବଞ୍ଚନାକୁ ଛିନ୍ନଭିନ୍ନ କରି ନଦିଅନ୍ତି, ସେପର୍ଯ୍ୟନ୍ତ ସେହି ୟୁରୋପୀୟ ଛଳନାର ପ୍ରାଦୁର୍ଭାବରୁ ସରଳ ନିରୀହ ଲୋକମାନେ ନିସ୍ତାର ପାଇବା ସମ୍ପୂର୍ଣ୍ଣ କଳ୍ପନାତୀତ । ସୁତରାଂ ଈଶ୍ୱର ଏହି ପ୍ରବଞ୍ଚନାକୁ ମିଥ୍ୟା ସାବ୍ୟସ୍ତ କରି ସମୂଳେ ଲୋପ କରିଦେବା ପାଇଁ ଚଳିତ ଯୁଗରେ ନୈଷ୍ଠିକ ମୁସଲମାନମାନଙ୍କୁ ଏହି ଚମ୍ତ୍କାରିତା ପ୍ରଦାନ କଲେ ଯଦ୍ୱାରା ନିଜର ସେହି ପ୍ରିୟ ଭକ୍ତକୁ ନିଜ ଦିବ୍ୟବାଣୀ ଓ ବର୍ତ୍ତାଳାପ ତଥା ତାହାଙ୍କ ବିଶେଷ କୃପାଶିଷ ଦ୍ୱାରା ସମ୍ମାନିତ କରିବା ସହିତ ନିଜ ମାର୍ଗର ସୂକ୍ଷ୍ମ ତତ୍ତ୍ୱଜ୍ଞାନ ସମ୍ବନ୍ଧରେ ପୂର୍ଣ୍ଣ ରୂପେ ଅବଗତ କରାଇ ତାଙ୍କୁ ବିରୋଧିମାନଙ୍କ ମୁକାବିଲାରେ ପ୍ରେରଣ କଲେ । ଏବଂ ଅନେକ ଐଶ୍ୱରିକ ପୁରସ୍କାର, ଦୈବୀ ଚମ୍ତ୍କାରୀତା ଓ ବ୍ରହ୍ମଜ୍ଞାନ ତଥା ଗୂଢ ରହସ୍ୟ ଆଦି ପ୍ରଦାନ କଲେ ଯଦ୍ୱାରା ସେହି ଆକାଶୀୟ ଶୀଳା ଦ୍ୱାରା ମାନବକୃତ ମହମର ପ୍ରତିମୂର୍ତ୍ତି ଭାଙ୍ଗି ଦିଆଯିବ, ଯାହାକୁ ଫିରଙ୍ଗୀମାନେ ଗଢିଛନ୍ତି । ସୁତରାଂ ହେ ମୁସଲମାନଗଣ ! ଏହି ବିନୀତର ଆଗମନ ସେହି ଛଳନାତ୍ମକ ଅନ୍ଧକାରକୁ ଦୂର କରିବା ନିମନ୍ତେ ଈଶ୍ୱରଙ୍କର ଏକ ଚମ୍ତ୍କାର ନିଦର୍ଶନ । କ'ଣ ଆବଶ୍ୟକ ନଥିଲା କି ଯାଦୁର ମୁକାବିଲାରେ ଚମ୍ତ୍କାରୀତା ମଧ୍ୟ ସଂସାରରେ ଆସି'ଥାନ୍ତା ? କ'ଣ ଆପଣମାନଙ୍କ ଦୃଷ୍ଟିରେ ଏହି ବିଷୟ ଅଭୂତ ଓ ଅସମ୍ଭବ ହେବ ଯେ ପରମେରଶ୍ୱର ସେମାନଙ୍କର ଅତ୍ୟନ୍ତ ଚତୁରପୂର୍ଣ୍ଣ ଯୋଜନା ବିରୁଦ୍ଧରେ ଯାହାକି ପ୍ରତାରଣାର ଜାଲରେ ଛନ୍ଦି ହୋଇ ଯାଦୁର ରୂପ ଧାରଣ କରିଛି, ତାହାପରି ଏକ ସତ୍ୟତାର ଚମକ ଦେଖାଇବ ଯାହା ଅଲୌକିକ ପ୍ରଭାବ ରଖିଥାଏ ।

ହେ ବିଜ୍ଞଜନ ! ତୁମେମାନେ ଏଥିରେ ଆଶ୍ଚର୍ଯ୍ୟଚକିତ ହୁଅ ନାହିଁ ଯେ ପ୍ରଭୁ ଏପରି ଏକାନ୍ତ ଜରୁରୀ ସମୟରେ ତଥା ଘୋର ଅନ୍ଧକାରାଚ୍ଛନ୍ନ ଦିନମାନଙ୍କରେ ଏକ ଆକାଶୀୟ ଆଲୋକ ଅବତୀର୍ଣ୍ଣ କଲେ ଏବଂ ଜଣେ ଭକ୍ତକୁ ସର୍ବସାଧାରଣଙ୍କ ହିତ ସକାଶେ ଅତି ବିଶିଷ୍ଟ କରି ଇସଲାମୀୟ କଲମାର ବାନାକୁ ଉର୍ଦ୍ଧ୍ୱଗାମୀ କରିବା,

ହଜରତ ମୁହମ୍ମଦ[ସ.ଅ]ଙ୍କ ଧର୍ମଜ୍ୟୋତିକୁ ପରିବ୍ୟାପ୍ତ କରିବା ଏବଂ ମୁସଲମାନମାନଙ୍କ ସହାଯ୍ୟ ସମର୍ଥନ ତଥା ସେମାନଙ୍କ ଆଭ୍ୟନ୍ତରୀଣ ଅବସ୍ଥାକୁ ପରିଷ୍କାର କରିବା ଉଦ୍ଦେଶ୍ୟରେ ସଂସାରକୁ ପ୍ରେରଣ କଲେ । ଆଶ୍ଚର୍ଯ୍ୟ ତ ଏହି କଥାରେ ଲାଗୁଛି ଯେ ସେହି ପରମେଶ୍ୱର ଯେକି ଇସଲାମ ଧର୍ମର ସମର୍ଥକ ଓ ଯିଏ ଏହାର ପ୍ରତିଶୃତି ଦେଇଥିଲେ କି ମୁଁ ସର୍ବଦା ପବିତ୍ର କୁରଆନ ଶିକ୍ଷାର ସଂରକ୍ଷକ ହୋଇ ରହିବି ଏବଂ ତାହାକୁ ନିସ୍ପୃହ ଓ ପ୍ରକାଶଶୂନ୍ୟ ହେବାକୁ ଦେବି ନାହିଁ । ସେ ଏହି ଅନ୍ଧକାରକୁ ଦେଖି ଏବଂ ଏହି ଆଭ୍ୟନ୍ତରୀଣ ଓ ବର୍ହିଭାଗର ବିଶୃଙ୍ଗଳାକୁ ଦେଖି ନୀରବ ରହିଯିବେ ତଥା ନିଜର ପ୍ରତିଶୃତିକୁ ମନେ ପକାଇ ନଥା'ନ୍ତେ । ଯାହା ସେ ନିଜ ପବିତ୍ର କୁରଆନର ବଳିଷ୍ଠ ପଙ୍‌କ୍ତିରେ ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ମୁଁ କହୁଛି ଯେ ଯଦି କୌଣସି ଆଶ୍ଚର୍ଯ୍ୟ ବିଷୟ ଥିଲା, ତେବେ ତାହା ଏହିପରି ହୋଇଥା'ନ୍ତା ଯେ ସେହି ପବିତ୍ର ଅବତାରଙ୍କ ସ୍ୱଚ୍ଛ ଓ ସ୍ପଷ୍ଟ ଭବିଷ୍ୟତବାଣୀ ବ୍ୟର୍ଥ ହୋଇଯାଇଥାନ୍ତା, ଯହିଁରେ କୁହାଯାଇ ଥିଲା ଯେ ପ୍ରତ୍ୟେକ ଶତାବ୍ଦୀର ପ୍ରାରମ୍ଭରେ ପରମେଶ୍ୱର ଏପରି ଜଣେ ସନ୍ଥଙ୍କୁ ଜାତ କରାଇବେ ଯେ ତାଙ୍କ ଧର୍ମର ନବିକରଣ କରିବ ।* ସୁତରାଂ ଏହା କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ବରଂ କୋଟି କୋଟି କୃତଜ୍ଞତା ପ୍ରକଟ କରିବା ଓ ଅସ୍ଥା ଓ ବିଶ୍ୱାସ ବୃଦ୍ଧି କରିବାର ସମୟ ଆସିଯାଇଛି ।

ପରମେଶ୍ୱର ନିଜର ଦୟା ଓ କରୁଣା ବଳରେ ନିଜ ପ୍ରତିଶୃତି ପୂରଣ କରିଦେ ଇଛନ୍ତି ଏବଂ ନିଜ ରସୁଲଙ୍କର ଭବିଷ୍ୟତବାଣୀରେ କ୍ଷଣିକ ପାଇଁ ହେଲେ ସୁଧା ଅନ୍ତର ହେବାକୁ ଦେଲେ ନାହିଁ । କେବଳ ଏହି ଭବିଷ୍ୟତବାଣୀକୁ ପୂରଣ କରି ଦେଖାଇଲେ ନାହିଁ, ବରଂ ଭବିଷ୍ୟତ ପାଇଁ ସହସ୍ର ଭବିଷ୍ୟତବାଣୀ ଓ ଅଲୌକିକ ନିଦର୍ଶନର ମଧ ଦ୍ୱାର ଉନ୍ମୁକ୍ତ କରିଦେଲେ । ଯଦି ତୁମେ ବିଶ୍ୱସ୍ତ ଅଟ ତେବେ କୃଙ୍କତ ହୁଅ ଓ ସେହି ଅବସ୍ଥାରେ ହିଁ ଅଲ୍ଲାଃଙ୍କ ସମ୍ମୁଖରେ ମସ୍ତକ ପ୍ରଣିପାତ କରି ରୁହ । କାରଣ ସେହି ଯୁଗ ଯାହାର ପ୍ରତୀକ୍ଷାରେ ତୁମର ପିତୃପିତାମହ ଇହଧାମ ତ୍ୟାଗ କଲେ ଏବଂ ଅଗଣିତ ଆତ୍ମା ତାଙ୍କ ବାଟ ଚାହିଁ ଚାହିଁ ମୃତ୍ୟୁ ପଥର ଯାତ୍ରୀ ହେଲେ । କିନ୍ତୁ ସେହି ସମୟ ତୁମକୁ ଲାଭ ହେଲା । ଏଣିକି ଏହାକୁ ସମ୍ମାନ ଜଣାଇବା ଅବା ନଜଣାଇବା ଏବଂ

* **ପାଦଟୀକା:** କେବଳ ପରମ୍ପରା ରକ୍ଷା କରି ପ୍ରକାଶ୍ୟ ରୂପେ ପବିତ୍ର କୁରଆନର ଅନୁବାଦ ପ୍ରସାର କରିବା ଅଥବା କେବଳ ଧାର୍ମିକ ପୁସ୍ତକ ଏବଂ ନବୀ [ସ.ଅ]ଙ୍କ ହଦିସ୍‌କୁ ଉର୍ଦ୍ଦୁ କିମ୍ବା ଫାର୍ସି ଭାଷାରେ ଅନୁବାଦ କରି ପ୍ରକାଶିତ କରିବା ଅଥବା ଚିରାଚରିତ ମନଗଢା ପ୍ରଥା ଓ ନିରର୍ଥକ ଶୁଷ୍କ ରୀତିନୀତି ଯେପରିକି ଆଜିକାଲି ଅଧିକାଂଶ ଧର୍ମଗୁରୁମାନେ ସମାଜରେ ପ୍ରଚଳିତ କରି ଦେଇଛନ୍ତି, ସେସବୁ ଶିଖାଇବା । ଏସବୁ ମାମଲା ଏପରି ଉଚ୍ଚ କୋଟିର ନୁହେଁ ଯାହାକୁ ସମ୍ପୂର୍ଣ୍ଣ ଓ➔

ସେଥିରୁ ଉପକୃତ ହେବା ଅବା ନହେବା ତୁମ ହାତରେ । ଏହି କଥା ମୁଁ ବାରମ୍ବାର ବର୍ଣ୍ଣନା କରିବି ଏବଂ ଏହି ଆଲୋଚନା କରିବାରେ ମୁଁ କଦାପି ବିରତ ହେବି ନାହିଁ । ମୁଁ ହେଉଛି ସେହି ବ୍ୟକ୍ତି ଯିଏ ଯଥା ସମୟରେ ମାନବଜାତିର ସୁଧାର ନିମନ୍ତେ ପ୍ରେରଣ କରାଯାଇଛି । ଯଦ୍ୱାରା ଧର୍ମକୁ ସଦ୍ୟ ରୂପେ ପ୍ରସ୍ତୁତ କରି ହୃଦୟରେ ପ୍ରତିଷ୍ଠା କରିଦିଆଯିବ । ମୁଁ ତଦନୁରୂପ ପ୍ରେରିତ ହୋଇଛି ଯେପରି ସେହି ବ୍ୟକ୍ତି 'କଲିମୁଲ୍ଲାଃ' (ଅଲ୍ଲାଃଙ୍କ ପ୍ରବକ୍ତା) ଉପାଧିଧାରୀ ଈଶ୍ୱର ପୁରୁଷ ପାଇବା ଅନ୍ତେ (ହଜରତ ମୁସା[ଅସ]ଙ୍କ) ଉତ୍ତାରେ ପ୍ରେରଣ କରାଯାଇଥିଲେ । ଯାହାଙ୍କର ଆତ୍ମା ହିରୋଡ଼େଟସ୍‌ଙ୍କ ଶାସନ କାଳରେ ଅନେକ କଷ୍ଟ ସହ୍ୟ କରିବା ପରେ ଆକାଶ ମାର୍ଗକୁ ଉତ୍‌ଥିତ ହେଲେ । ଅତଃ ଯେତେବେଳେ ଦ୍ୱିତୀୟ କଲିମୁଲ୍ଲାଃ ଯିଏ କି ବାସ୍ତବରେ ସର୍ବପ୍ରଥମ ଓ

---

← ବାସ୍ତବରେ ଧର୍ମର ସଂସ୍କାର ବୋଲି କୁହା ଯାଇପାରିବ । ନଚେତ୍ ଏପରି ପ୍ରଚଳନ ତ ଶୈତାନୀ ମାର୍ଗର ସଂସ୍କାର ଓ ଧର୍ମକୁ ଲୁଟ କରିବାକୁ ବୁଝାଇବ । ପବିତ୍ର କୁରଆନ ଓ ହଦିସ୍ ପୁସ୍ତକଗୁଡ଼ିକୁ ସଂସାରରେ ପରିବ୍ୟାପ୍ତ କରିବା ନିଃସନ୍ଦେହରେ ସ୍ୱୀକାର୍ଯ୍ୟ ଓ ଉତ୍ତମ କାର୍ଯ୍ୟ । କିନ୍ତୁ ଔପଚାରିକ ଭାବେ ଲୋକଦେଖାଣିଆ ଭାବ ପ୍ରଦର୍ଶନ କରି ଅଯଥା ଓ ସନ୍ଧାନ ଉଦ୍ଦେଶ୍ୟରେ ମନଯୋଗ କରି ସେହି କାର୍ଯ୍ୟକୁ ସମ୍ପାଦନ କରିବା ଏବଂ ଆପଣାକୁ ପ୍ରକୃତ ଅର୍ଥରେ ହଦିସ୍ ଓ ପବିତ୍ର କୁରଆନ ଶିକ୍ଷାରେ ଅନୁପ୍ରାଣୀତ ନକରିବା, ଏପରି ପ୍ରକାଶ୍ୟ ଓ ନିରର୍ଥକ ସେବାର ପରିଚୟ ଦେବ, ଯାହା ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି କରିପାରିବ ଏବଂ ଆଜିଯାଏ ହୋଇ ଆସୁଛି । ଏମାନଙ୍କର ସଂସ୍କାରକ ଦୈବୀ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ନାହିଁ । ବରଂ ଏସମସ୍ତ ମାମଲା ଅଲ୍ଲାଃଙ୍କ ଦୃଷ୍ଟିରେ ଅସ୍ଥି ବିକ୍ରି କରିବା ଠାରୁ ବଳି ଅନ୍ୟଥା କିଛି ନୁହେଁ । ଅଲ୍ଲାଃତାଲା ବର୍ଣ୍ଣନା କରିଛନ୍ତି:

لِمَ تَقُوْلُوْنَ مَا لَا تَفْعَلُوْنَ ○ كَبُرَ مَقْتًا عِنْدَ اللّٰهِ اَنْ تَقُوْلُوْا مَا لَا تَفْعَلُوْنَ ○

**ଲିମା ତକୁଲୁନା ମା'ଲା ତଫଅଲୁନ୍ । କବୁରା ମକ୍‌ତନ୍ ଇନଦଲ୍ଲାହି ଅନ୍‌ତକୁଲୁ ମା'ଲା ତଫ୍‌ଅଲୁନ୍** । (ଅସ୍ ସଫ୍ 61:3,4) ଅର୍ଥାତ 'ତୁମେ ସେହି କଥା କାହିଁକି କହୁଛ ଯାହାକୁ ତୁମେ ସ୍ୱୟଂ କରୁନାହଁ । ଅଲ୍ଲାଃଙ୍କ ନିକଟରେ ସେହି କଥାର ଦାବି କରିବା ଯାହା ତୁମେ କରୁନାହଁ, ଅତ୍ୟନ୍ତ ଘୃଣିତ ବିଷୟ ।' ସେହିପରି କହିଛନ୍ତି:

يٰۤاَيُّهَا الَّذِيْنَ اٰمَنُوْا عَلَيْكُمْ اَنْفُسَكُمْ ۚ لَا يَضُرُّكُمْ مَّنْ ضَلَّ اِذَا اهْتَدَيْتُمْ ؕ

**ୟାଅୟୁହଲ୍ ଲଜିନା ଆମନୁ ଅଲୈକୁମ୍ ଅନ୍‌ଫୁସକୁମ୍ ଲାୟଜୁର୍‌ରୁକୁମ୍ ମନ୍‌ଜଲ୍ଲା ଇଜହ୍ ତଦୈତୁମ୍** (ଅଲ୍ ମାଏଦାଃ 5:106) ଅର୍ଥାତ 'ହେ ବିଶ୍ୱାସକାରୀ! ତୁମେ ନିଜ ପ୍ରାଣ(ରକ୍ଷା)ର ଚିନ୍ତା କର । ଯେତେବେଳେ ତୁମେ ସତ୍‌ପଥ ପ୍ରାପ୍ତ କରିବ, ତା'ହେଲେ ଯେପରି କାହାର ପଥଭ୍ରଷ୍ଟ ହେବା ତୁମକୁ (କୌଣସି) କ୍ଷତି ପହଞ୍ଚାଇବ ନାହିଁ । ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ କିପରି ମାର୍ଗ ଦେଖାଇବ ? ଜଣେ ବ୍ୟାଧିଗ୍ରସ୍ତ ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କର ଶରୀରକୁ କିପରି ପରିଷ୍କାର କରିପାରିବ ? ଧର୍ମର ସଂସ୍କାର ଓ ପରିମାର୍ଜିତ ହେବା ଏପରି ପବିତ୍ର ଅବସ୍ଥା ଯେ ପ୍ରଥମତଃ ପ୍ରେମର ଆବେଗ ସହିତ ସେହି ପବିତ୍ର→

ଅବତାରମାନଙ୍କ ସରଦାର ଥିଲେ । ଅନ୍ୟ ଫିରଔନ୍‌ଙ୍କ (ଶତ୍ରୁ)ର ଶୀର ଛେଦିନ କରିବା ପାଇଁ ଆସିଥିଲେ । ତାଙ୍କ ଆଗମନ ସମ୍ବନ୍ଧରେ ଉଲ୍ଲେଖ ରହିଛି:

إِنَّآ أَرْسَلْنَآ إِلَيْكُمْ رَسُولًا شَاهِدًا عَلَيْكُمْ كَمَآ أَرْسَلْنَآ إِلَىٰ فِرْعَوْنَ رَسُولًا

**ଇନ୍ନା ଅରସଲ୍‌ନା ଇଲୈକୁମ୍ ରସୁଲମ୍ ଶାହିଦନ୍ ଅଲୈକୁମ୍ କମା ଅରସଲ୍‌ନା ଇଲା ଫିର୍‌ଅଓ୍ୱନା ରସୁଲା** (ଅଲ୍ ମୁଜମ୍ମିଲ୍ 73:16) ଅର୍ଥାତ 'ଆମ୍ଭେ ତୁମ୍ଭ ନିକଟକୁ ଏକ ଏପରି ରସୁଲ ପ୍ରେରଣ କରିଅଛୁ, ଯିଏ ତୁମମାନଙ୍କର ସଂରକ୍ଷକ ହୋଇ ଆସିଛନ୍ତି, ଠିକ୍ ସେହିପରି ଆମ୍ଭେ ଫିରଔନ୍‌ଙ୍କ ନିକଟକୁ ରସୁଲ ପ୍ରେରଣ କରିଥିଲୁ ।' ସୁତରାଂ ତାଙ୍କୁ ମଧ୍ୟ ତାଙ୍କର କାର୍ଯ୍ୟ ନିର୍ବାହ ଯୋଗୁଁ ପ୍ରଥମ କଲିମ୍ (ଅର୍ଥାତ ହଜରତ ମୁସା)ଙ୍କ ସାଦୃଶ୍ୟ, କିନ୍ତୁ ପ୍ରତିଷ୍ଠାରେ ତାଙ୍କ ଠାରୁ ମହାନ କରାଯାଇଥିଲା । ଜଣେ ମସିହଙ୍କ ଅନୁରୂପ ହେବାର ଅଙ୍ଗୀକାର ପ୍ରଦାନ କରାଯାଇଥିଲା ଏବଂ ସେହି ପ୍ରଥମ ମସିହଙ୍କ ଅନୁରୂପ ପରେ ମରିୟମ ନନ୍ଦନ ମସିହଙ୍କ ଶକ୍ତି, ସ୍ୱଭାବ ଓ ଗୁଣଗ୍ରାଣି ଲାଭ କରି ସେହି ଯୁଗ ପରି ତଥା ସେହି ନିକଟବର୍ତ୍ତୀ ସମୟ ଯାହା

← ହୃଦୟରେ ଅବତରଣ କରିଥାଏ ଯେପରିକି ତାହା ଐଶ୍ୱରିକ ବାର୍ତ୍ତାଳାପ ସ୍ତରରେ ପହଞ୍ଚି ଯାଇଥାଏ । ତତ୍‌ପରେ ଅନ୍ୟମାନଙ୍କ ମଧ୍ୟରେ ତାହା ତ୍ୱରିତ କିମ୍ବା ବିଳମ୍ବରେ ତାହା ପ୍ରବେଶ କରିଥାଏ । ଯେଉଁ ଲୋକମାନେ ଈଶ୍ୱରଙ୍କ ନିକଟରୁ ସଂସ୍କାରକ (ମୁଜଦ୍‌ଦିଦିୟତ୍) ର ହେବାର ଶକ୍ତି ପ୍ରାପ୍ତ କରିଥାନ୍ତି, ସେମାନେ କେବଳ ବାପଅଜାଙ୍କ ନାମରେ ଅସ୍ଥି ବିକାଳି ହୋଇ ନଥାନ୍ତି । ବରଂ ସେମାନେ ବାସ୍ତବରେ ହଜରତ ମୁହମ୍ମଦ[ସଅ]ଙ୍କର ସହାୟକ ଓ ଆଧ୍ୟାତ୍ମିକ ରୂପରେ ତାଙ୍କର ଉତ୍ତରାଧିକାରୀ ବୋଲାଇଥା'ନ୍ତି । ପରମେଶ୍ୱର ସ୍ୱୟଂ ତାଙ୍କୁ ସେହି ସମସ୍ତ ପୁରସ୍କାରର ଅଧିକାରୀ କରିଥାନ୍ତି, ଯାହା ନବୀ ଓ ଅବତାରଙ୍କୁ ପ୍ରଦାନ କରାଯାଇଥାଏ । ସେମାନଙ୍କ ବଚନ ମୂଳରୁ ଶେଷଯାଏ ଭାବୋଦ୍ଦୀପକ ହୋଇଥାଏ । ଏହା ନୁହେଁ ଯେ ପୂର୍ବରୁ କୁହାଯାଇଥିବା ବାକ୍ୟକୁ ଭାଙ୍ଗିଯୋଡ଼ି ଉପସ୍ଥାପନ କରାଯାଇଥାଏ । ସେମାନେ ବ୍ୟାବହାରିକ ରୂପେ ସମୟୋପଯୋଗୀ ଉପଦେଶ ଦେଇଥାନ୍ତି, ନା କି ଭାଷଣ ଦେବା ଉଦ୍ଦେଶ୍ୟରେ । ଈଶ୍ୱରଙ୍କ ଐଶୀବାଣୀର ଚମକ ସେମାନଙ୍କ ହୃଦୟରେ ପଡ଼ିଥାଏ ଏବଂ ସେମାନେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ପବିତ୍ର ଆତ୍ମାଙ୍କ ଦ୍ୱାରା ପ୍ରଶିକ୍ଷଣ ଲାଭ କରିଥାନ୍ତି । ସେମାନଙ୍କ କହିବା ଓ କରିବାରେ ଭୌତିକବାଦର ମିଶ୍ରଣ ନଥାଏ । କାରଣ ସେମାନେ ସଂପୂର୍ଣ୍ଣ ରୂପେ ପବିତ୍ର କରାଯାଇଥାନ୍ତି ଏବଂ ପୁରାପୁରି ଭାବେ (ଈଶ୍ୱରଙ୍କ ଆଡ଼କୁ) ଆକର୍ଷିତ ହୋଇଆସିଥା'ନ୍ତି ।

ପ୍ରଥମ କଲିମ୍‌ଙ୍କ ଯୁଗରୁ ମରିୟମ୍ ନନ୍ଦନ ମସିହଙ୍କ ଯୁଗ ପର୍ଯ୍ୟନ୍ତ ରହିଥିଲେ ଅର୍ଥାତ ଚତୁର୍ଦ୍ଦଶ ଶତାବ୍ଦୀରେ ଆକାଶ ମାର୍ଗରୁ ଅବତରଣ କରିଥିଲେ । ତାଙ୍କର ଅବତରଣ କରିବା ଆଧ୍ୟାତ୍ମିକ ରୂପରେ ଥିଲା । ଯେପରିକି ପରମ ସିଦ୍ଧପୁରୁଷଙ୍କ ଉତ୍‌ଥାନ ଅନ୍ତେ ମାନବଜାତିର ସଂସ୍କାର ନିମନ୍ତେ ଅବତରଣ ହୋଇଥାଏ । ସକଳ ବିଷୟକୁ ଦୃଷ୍ଟିରେ ରଖି ସେହି ଯୁଗ ଅନୁରୂପ ଯୁଗରେ ଅବତରିତ ହେଲେ, ଯାହାକି ମରିୟମ ନନ୍ଦନ ଯୀଶୁ ମସିହଙ୍କର ଅବତରଣ କରିବା ଯୁଗ ଥିଲା, ଯଦ୍ୱାରା ବୁଝୁଥିବା ଲୋକମାନଙ୍କ ପାଇଁ ନିଦର୍ଶନ ହେବ ।* ସୁତରାଂ ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ଆବଶ୍ୟକ ଯେ ତାଙ୍କ ଅମାନ୍ୟ କରିବାରେ ଶୀଘ୍ରତା କରନ୍ତୁ ନାହିଁ, ଯଦ୍ୱାରା ଈଶ୍ୱରଙ୍କ ସହିତ ଲଢିବାର ଦୁର୍ଭାଗ୍ୟ ଆସିବ । ସାଂସାରିକ ଲୋକ ଯେ ଅନ୍ଧବିଶ୍ୱାସ ଓ ନିଜର ପୁରାତନ ବିଚାରଧାରାକୁ ଆବୋରି ବସିଛନ୍ତି । ସେମାନେ ଏହାକୁ ସ୍ୱୀକାର କରିବେ ନାହିଁ । କିନ୍ତୁ ଖୁବ୍ ଶୀଘ୍ର ସେହି ସମୟ ଆସୁଛି ଯେତେବେଳେ ସେମାନଙ୍କ ଭ୍ରାନ୍ତ ଧାରଣା ସେମାନଙ୍କ ଉପରେ ସ୍ପଷ୍ଟ ହୋଇଯିବ । ସଂସାରକୁ ଜଣେ ସର୍ତକ ସୂଚନାଦାତା ଆସିଲେ କିନ୍ତୁ ସଂସାର ତାଙ୍କୁ ସ୍ୱୀକାର କଲା ନାହିଁ । କିନ୍ତୁ ଈଶ୍ୱର ତାଙ୍କୁ ସ୍ୱୀକାର କରିବେ ଏବଂ ତୀବ୍ର ଆକ୍ରାମକ ଦ୍ୱାରା ତାଙ୍କ ସତ୍ୟତାକୁ ପ୍ରକାଶ କରିଦେବେ । ଏହା କୌଣସି ମଣିଷର କାର୍ଯ୍ୟ ନୁହେଁ, ବରଂ ସର୍ବଶକ୍ତିମାନ ଈଶ୍ୱରଙ୍କ ତେଜସ୍ୱୀବାଣୀ ଏବଂ ମହାପ୍ରତାପୀ ପାଳନକର୍ତ୍ତାଙ୍କ ଧ୍ରୁବ ବାକ୍ୟ । ମୁଁ ଦୃଢ ବିଶ୍ୱାସ ରଖୁଛି ଯେ ସେହି ଆକ୍ରମଣାତ୍ମକ ସମୟ ଖୁବ୍ ନିକଟବର୍ତ୍ତୀ ହୋଇଗଲାଣି । କିନ୍ତୁ ସେହି ଆକ୍ରମଣ କମାଣ ଦ୍ୱାରା ହେବ ନାହିଁ ତଥା ତରବାରୀ ଓ ବନ୍ଧୁକର ଆବଶ୍ୟକତା ପଡ଼ିବ ନାହିଁ । ବରଂ ଆଧ୍ୟାତ୍ମିକ ଅସ୍ତ୍ରଶସ୍ତ୍ର ସହିତ ଈଶ୍ୱରଙ୍କ ସାହାଯ୍ୟ ସମର୍ଥନ ଅବତୀର୍ଣ୍ଣ ହେବ ଏବଂ ୟହୁଦିମାନଙ୍କ ସହିତ ଘମାଘୋଟ ଯୁଦ୍ଧ ହେବ । ସେମାନେ କିଏ ? ଏହି ଯୁଗର ପ୍ରକାଶ୍ୟ ପୂଜକ ତଥା ବସ୍ତୁ ଉପାସକ ଯେଉଁମାନେ ସାମୁହିକ ସହମତି କ୍ରମେ ୟହୁଦିମାନଙ୍କ ପାଦରେ

---

* **ପାଦଟୀକା:** ଚଳିତଯୁଗ ଏପରି ଏକ ଯୁଗ ଯେଉଁଥିରେ (ମନୁଷ୍ୟ) ବସ୍ତୁବାଦୀ ସାଜି ଆଧ୍ୟାତ୍ମିକତା ଓ ବାସ୍ତବିକତା ଠାରୁ ଦୂରତ୍ୱ ସ୍ଥାପନ କରିବା ଏବଂ ବିଶ୍ୱସ୍ତତା ଓ ସାଧୁତାରୁ ବଞ୍ଚିତ ରହିବା, ସତ୍‌ଚରିତ୍ର ଓ ଶୁଦ୍ଧ ନୈତିକତାର ଅଭାବ ଦେଖା ଦେବା ସାଧାରଣ ବିଷୟ ପାଲଟି ଯାଇଛି । ଏହି ଯୁଗରେ ଲୋଭ, କୃପଣତା ଓ ସାଂସାରିକ ମୋହମାୟା ଇତ୍ୟାଦି ସାଧାରଣତଃ ଏପରି ବ୍ୟାପିବାରେ ଲାଗିଛି, ଯେପରି ମରିୟମ୍ ପୁତ୍ର ଯୀଶୁ[ଅସ]ଙ୍କର ଆବିର୍ଭାବ ହେବା ସମୟରେ ୟହୁଦିମାନଙ୍କ ମଧ୍ୟରେ ପ୍ରସାର ଲାଭ କରିଥିଲା । ସୁତରାଂ ଯେପରି ୟହୁଦିମାନେ ସେତେବେଳେ ପ୍ରକୃତ ସତ୍‌କର୍ମରୁ ପୂର୍ଣ୍ଣତଃ ବିମୁଖ ହୋଇଯାଇଥିଲେ ଏବଂ କେବଳ ସାମାଜିକ ପ୍ରଥା ଓ ଅପସଂସ୍କୃତି ଆଦି ଗତାନୁଗତିକ ପରମ୍ପରା ଅନୁକରଣ କରିବାକୁ ପୁଣ୍ୟ ମନେ କରୁଥିଲେ, ଏତତ୍‌ଭିନ୍ନ ସତ୍ୟ, ନିଷ୍ଠା, ତ୍ୟାଗ, ଭକ୍ତି, ଆତ୍ମଶୁଦ୍ଧି ଓ ନ୍ୟାୟ ସେମାନଙ୍କ ➔

ପାଦ ମିଳାଇ ଚାଲୁଛନ୍ତି, ସେମାନଙ୍କୁ ଈଶ୍ୱରଙ୍କ ଆକାଶୀୟ ତରବାରୀ ଦୁଇ ଖଣ୍ଡ କରିଦେବ । ଏବଂ ୟହୁଦିମାନଙ୍କ ସ୍ୱଭାବର ଚିହ୍ନବର୍ଣ୍ଣ ରହିବ ନାହିଁ ଏବଂ ପ୍ରତ୍ୟେକ ସତ୍ୟକୁ ଲୁଚାଉଥିବା ଭଣ୍ଡ ପ୍ରତାରକ (ଦଜ୍‌ଜାଲ), ବସ୍ତୁବାଦୀ ମନୁଷ୍ୟ, ଗୋଟିଏ ଚକ୍ଷୁରେ ଦେଖୁଥିବା ବ୍ୟକ୍ତି ଯାହାର ଧର୍ମରୂପକ ଚକ୍ଷୁ ନାହିଁ । ତାକୁ ସୁସ୍ପଷ୍ଟ ଅକାଟ୍ୟ ପ୍ରମାଣର ତରବାରୀ ଦ୍ୱାରା ହତ୍ୟା କରାଯିବ ଏବଂ ସତ୍ୟର ଜୟ ହେବ । ତତ୍‌ସହିତ

---

←ମଧ୍ୟରୁ ସମ୍ପୂର୍ଣ୍ଣ ରୂପେ ଉଭେଇ ଯାଇଥିଲା । ହାର୍ଦ୍ଦିକ ସହାନୁଭୂତି, ପ୍ରକୃତ ଦୟା ଓ କ୍ଷମାର ଚିହ୍ନବର୍ଣ୍ଣ ନଥିଲା । ଭିନ୍ନ ଭିନ୍ନ ପ୍ରକାର ସୃଷ୍ଟଜଙ୍କ ଉପାସନା ବାସ୍ତବ ଉପାସ୍ୟ (ଈଶ୍ୱର)ଙ୍କ ସ୍ଥାନ ନେଇଥିଲା । ସେହିପରି ଏହି ଯୁଗରେ ଏ ସମସ୍ତ ମନ୍ଦ ଓ ଅପକର୍ମ ପ୍ରକଟ ହୋଇ ଯାଇଥିଲା । ଯେପରିକି ବୈଧ ବସ୍ତୁମାନଙ୍କ ଉପଯୋଗୀତା ପ୍ରତି କୃତଜ୍ଞତା ଓ ଆଭାର ବ୍ୟକ୍ତ କରି ବ୍ୟବହାର କରାଯାଉ ନାହିଁ । ଅବୈଧ ଓ ଅନୈତିକ କାର୍ଯ୍ୟ କରିବା ସକାଶେ କୌଣସି ପ୍ରକାର ଘୃଣା ଓ ଅନାଦର ବାକି ରଖାଯାଉ ନାହିଁ । ଈଶ୍ୱରଙ୍କ ବଡ଼ ବଡ଼ ଆଦେଶକୁ ବାହାନା କରି ଅନାୟାସରେ ଟାଳି ଦିଆଯାଉଛି । ଆମର ଅଧିକାଂଶ ଧାର୍ମିକ ବିଦ୍ୱାନମାନେ ତତ୍‌କାଳୀନ ଇସଲାମୀୟ (ଧାର୍ମିକ) ନ୍ୟାୟଧିଷ ଓ ଫାର୍ସିମାନଙ୍କ ଠାରୁ କୌଣସି ଗୁଣରେ କିଛି କମ୍ ନୁହନ୍ତି । ମଶା ଛାଣି ପାରନ୍ତି ଓ ଓଟକୁ ମଧ୍ୟ ଗିଳି ଯାଆନ୍ତି । ଐଶ୍ୱରିକ ରାଜତ୍ୱକୁ ଲୋକମାନଙ୍କ ଅନ୍ତରାଳରୁ ବନ୍ଦ କରୁଛନ୍ତି । ନା ସେମାନେ ସ୍ୱୟଂ ସେହି ମାର୍ଗରେ ପରିଚାଳିତ ହେଉଛନ୍ତି ନା ଯିବାକୁ ପ୍ରାୟସ କରୁଥିବା ଲୋକମାନଙ୍କୁ ବାଟ ଛାଡୁଛନ୍ତି । ଲମ୍ୱା ଓ ଦୀର୍ଘ ସମୟ ନମାଜ ପାଠ କରୁଛନ୍ତି, ହୃଦୟରେ ସେହି ସତ୍ୟ ଉପାସ୍ୟଙ୍କ ପ୍ରତି ପ୍ରେମ ଓ ଗାରିମା ନାହିଁ । ସେମାନଙ୍କ ହୃଦୟରେ ପ୍ରେମ ଓ ମର୍ଯ୍ୟାଦା ନାହିଁ । ମଞ୍ଚ ଉପରେ ବସି ବେଶ୍ ଭାବପ୍ରବଣ ଶୈଳୀରେ ଭାଷଣ ଦେଉଛନ୍ତି । କିନ୍ତୁ ସେମାନଙ୍କ ଅନ୍ତରର କର୍ମ ଭିନ୍ନ ଅଟେ । ସେମାନଙ୍କ ଆଖିଦ୍ୱୟ ଏପରି ଅଦ୍ଭୂତ ଯେ ସେମାନଙ୍କ ହୃଦୟର କୁଟିଳତା ଓ ମନରେ ବିଶୃଙ୍ଖଳା ଭାବନା ଥାଇ ମଧ୍ୟ କାନ୍ଦି ପକାଇବାର ସ୍ୱଭାବ ରଖୁଛନ୍ତି । ସେମାନଙ୍କର ଭାଷା ଏଭଳି ଅଦ୍ଭୂତ ଯେ ପୂର୍ଣ୍ଣ ରୂପେ ଅଜ୍ଞାନତାର ବଶବର୍ତ୍ତୀ ହେବା ସତ୍ତ୍ୱେ ଭାଷା ଚାତୁରୀରେ ସେମାନଙ୍କ ହୃଦୟ ସବୁକିଛି ଅବଗତ ଥିବାର ଦମ୍ଭ ଦେଖାଇଛନ୍ତି । ତଦନୁରୂପ ୟହୁଦିମାନଙ୍କ ସ୍ୱଭାବ ସର୍ବତ୍ର ବ୍ୟାପିଯାଇଥିବା ଦେଖାଯାଉଛି । ଧର୍ମପରାୟଣତା ଓ ଈଶ୍ୱର ପ୍ରେପ୍ସୁ ବେଶ୍ ପ୍ରଭେଦ ସୃଷ୍ଟି ହୋଇଛି । ବିଶ୍ୱାସରେ ଦୁର୍ବଳତା ଈଶ୍ୱର ପ୍ରେମକୁ ଶୀତଳ କରିଦେଇଛି । ସାଂସାରିକ ମୋହମାୟାରେ ଲୋକମାନେ ଚାପିହୋଇ ରହିଛନ୍ତି । ଏହା ଘଟିବା ଅନିବାର୍ଯ୍ୟ ଥିଲା । କାରଣ ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ[ସଅ] ଭବିଷ୍ୟତବାଣୀ କରିଥିଲେ ଯେ ଏହି ସମ୍ପ୍ରଦାୟରେ ଏପରି ଏକ ସମୟ ଆସିବ, ଯେତେବେଳେ ସେମାନେ ଏକବାରକେ ୟହୁଦିମାନଙ୍କ ସମଭାବାପନ୍ନ ରୂପ ଧାରଣ କରିବେ ଏବଂ ୟହୁଦିମାନଙ୍କ ଆଚରଣ ଯେପରି ଥିଲା, ଏମାନେ ସେହିପରି କାର୍ଯ୍ୟ କରି ଦେଖାଇବେ । ଏପରିକି ଯଦି ୟହୁଦିମାନେ ମୂଷା ଗାତରେ ପ୍ରବେଶ କରିଥିବେ, ତେବେ ଏମାନେ ମଧ୍ୟ ସେହିପରି ପ୍ରବେଶ କରିବେ । ସେତେବେଳେ ପାରସୀୟ ବଂଶଧରରୁ ଜଣେ ବ୍ୟକ୍ତି ବିଶ୍ୱାସର ଶିକ୍ଷା ଦେବା ପାଇଁ ଜନ୍ମଗ୍ରହଣ କରିବେ ।→

ଇସଲାମ ପାଇଁ ପୁନରାୟ ସେହି ସତେଜ ଓ ପ୍ରକାଶ୍ୟର ଦିନ ଆସିବ ଯାହା ନିଗତ ସମୟରେ ଆସିସାରିଛି ଏବଂ ସେହି ସୂର୍ଯ୍ୟ ନିଜର ତେଜସ୍ୱ ଦୀପ୍ତି ପ୍ରତାପ ସହିତ ପୁନର୍ବାର ଉଦୟ ହେବ, ଯେପରିକି ପୂର୍ବ କାଳରେ ଏହା ଉଦୟମାନ ହୋଇଥିଲା । କିନ୍ତୁ ବର୍ତ୍ତମାନ ତାହା ଘଟି ନାହିଁ, ସେଥିପାଇଁ ଏହା ଅତ୍ୟାବଶ୍ୟକ ଯେ ପୂର୍ବକାଶ ଦିଗବଳୟରେ ଉତ୍ଥିତ ହେବାରୁ ଅଟକାଇ ରଖିବ, ଯେପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ ତଥା ନୀରବଚ୍ଛିନ୍ନ ନିଷ୍ଠା ଓ ଗଭୀର ମନଯୋଗ ଦ୍ୱାରା ଆମ ହୃଦୟ ରକ୍ତସ୍ନାନ କରିବ ନାହିଁ ଏବଂ ଏହାକୁ ଯେପର୍ଯ୍ୟନ୍ତ ଆମେମାନେ ନିଜର ସକଳ ଆରାମ ତ୍ୟାଗ କରି ତାହା ପ୍ରକଟ ହେବା ପାଇଁ ଦେଇ ନାହୁଁ । ତତ୍‌ସହିତ ଇସଲାମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ

← ଯଦି ଧର୍ମବିଶ୍ୱାସ ସପ୍ତର୍ଷି ମଣ୍ଡଳ ପର୍ଯ୍ୟନ୍ତ ଉଠିଯାଇଥିବ, ତଥାପି ସେ ତାହାକୁ ସେଠାରୁ ଫେରାଇ ଆଣିବେ । ଏହି ଭବିଷ୍ୟତବାଣୀ ହଜରତ ମୁହମ୍ମଦ[ସଅ]ଙ୍କର ଅକାଟ୍ୟ ବଚନ, ଯାହାର ଯଥାର୍ଥଭାବ ପ୍ରଭୁଙ୍କର ଐଶୀବାଣୀ ଦ୍ୱାରା ଏହି ବିନୀତ ଉପରେ ଉନ୍ମୁକ୍ତ କରି ଦିଆଗଲା । ଏବଂ ବିସ୍ତୃତ ଭାବରେ ଏହାର ସତ୍ୟାସତ୍ୟକୁ ପ୍ରକଟ କରି ଦିଆଗଲା । ମୋ ଉପରେ ପରମେଶ୍ୱର ନିଜ ବାଣୀ ମାଧ୍ୟମରେ ଏହା ସ୍ୱଷ୍ଟ ରୂପେ ଖୋଲିଦେଲେ ଯେ ହଜରତ ଯୀଶୁ ମସିହ ମଧ୍ୟ ଏକ ଅପସରିତ ହୋଇଯାଇଥିବା ଆସ୍ତିକ ବିଶ୍ୱାସର ଶିକ୍ଷା ଦେବାକୁ ଆସିଥିଲେ । ଯେଉଁ ମହାପୁରୁଷ ହଜରତ ମୁସାଙ୍କ ୧୪୦୦ବର୍ଷ ପରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଯେତେବେଳେ କି ୟହୁଦିମାନଙ୍କ ବିଶ୍ୱାସ ଓ ଆସ୍ଥାଭିତ୍ତିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ଏବଂ ସେମାନଙ୍କର ଏହି ଅବସ୍ଥା ଯୋଗୁଁ ସେମାନେ ବିଭିନ୍ନ ପ୍ରକାର ଅପରାଧରେ ଲିପ୍ତ ହୋଇଗଲେ ଏବଂ ତାହା ହିଁ ବାସ୍ତବରେ ବିଶ୍ୱାସଘାତକତାର ଏକ ଶାଖା । ସୁତରାଂ ଏହି ସମ୍ପ୍ରଦାୟରେ ଯେତେବେଳେ କି ହଜରତ ମୁହମ୍ମଦ[ସଅ]ଙ୍କ ଆଗମନକୁ ୧୪୦୦ବର୍ଷର ଅବଧି ଅତିବାହିତ ହୋଇଯାଇଛି । ଠିକ୍ ସେହି ସମସ୍ୟାମାନ ଏଥିମଧ୍ୟରେ ଅତ୍ୟଧିକ ମାତ୍ରାରେ ସୃଷ୍ଟି ହୋଇଯାଇଛି । ଫଳସ୍ୱରୂପ ଉକ୍ତ ଭବିଷ୍ୟତବାଣୀ ଅବଶ୍ୟ ପୂରଣ ହେବ, ଯାହା ସେମାନଙ୍କ ସମ୍ବନ୍ଧରେ କରାଯାଇଥିଲା । ସୁତରାଂ ପରମେଶ୍ୱର ସେମାନଙ୍କ ପାଇଁ ଆସ୍ଥା ଓ ବିଶ୍ୱାସର ଏକ ଶିକ୍ଷାଦାତା ରୂପେ ଯୀଶୁ ମସିହଙ୍କ ସାଦୃଶ୍ୟ ରକ୍ଷାକାରୀ ସୁଧାରକଙ୍କୁ ଆପଣା ଦୈବୀ ଶକ୍ତି ଦ୍ୱାରା ପ୍ରେରଣ କରିଦେଲେ । **ଯେଉଁ ମସିହଙ୍କର ଦ୍ୱିତୀୟ ଆଗମନର ଭବିଷ୍ୟତବାଣୀ ରହିଥିଲା, ସେ ହିଁ ହେଉଛନ୍ତି ଏହି ମସିହ । ଚାହୁଁଛ ତ ସ୍ୱୀକାର କର ।** ଯାହାର କର୍ଣ୍ଣ ଅଛି ସେ ଶୁଣିନେଉ । ଏହା ଈଶ୍ୱରଙ୍କ କାର୍ଯ୍ୟ ଏବଂ ଲୋକମାନଙ୍କ ଦୃଷ୍ଟିରେ ବିସ୍ମୟକର ଏବଂ ଯଦି କେହି ଏହି ବିଷୟକୁ ଅସ୍ୱୀକାର କରେ ତେବେ ଏହା ଜାଣିରଖୁ ଯେ ପୂର୍ବ କାଳରେ ମଧ୍ୟ ସତ୍ୟବାଦୀମାନଙ୍କର ଏହିପରି ଅସ୍ୱୀକାର କରାଯାଇଛି । ୟୁହନ୍ନା ଅର୍ଥାତ ୟହ୍‌ୟାଙ୍କୁ ଯେ କି ହଜରତ ଜକରିଆ[ଅସ]ଙ୍କର ପୁତ୍ର ଥିଲେ, ୟହୁଦିମାନେ (ତାଙ୍କୁ) କଦାପି ସ୍ୱୀକାର କଲେ ନାହିଁ । ଯଦିଓ ଯୀଶୁ ମସିହ ତାଙ୍କ ସପକ୍ଷରେ ସାକ୍ଷ୍ୟ ଦେଲେ କି ଯେ ସେହି (ନବୀ) ଯେ ଆକଶ ମାର୍ଗକୁ ଉଠାଇ ନିଆଯାଇଥିଲେ । ସେ ପୁନରାୟ ଆକାଶ ମାର୍ଗରୁ ଅବତରଣ କରିବାର ପବିତ୍ର ଗ୍ରନ୍ଥରେ ପ୍ରତିଶୃତିର ଉଲ୍ଲେଖ ରହିଛି । ପରମେଶ୍ୱର→

ରଖିବା ପାଇଁ ସମସ୍ତ ପ୍ରକାର ନିନ୍ଦା ଅପମାନ ସ୍ୱୀକାର କରି ନାହୁଁ । ଇସଲାମର ଜୀବିତ ରହିବା ଆମଠାରୁ ଏକ ଆତ୍ମବଳୀ ମାଗୁଛି । ତାହା କ'ଣ ? ଆମର ଏହି ମାର୍ଗରେ ନିଜ ପ୍ରାଣର ଆହୁତି ଦେବା । ଏହା ହେଉଛି ସେହି ମୃତ୍ୟୁ ଯାହା ଉପରେ ଇସଲାମ ପ୍ରାଣବନ୍ତ ହେବା, ମୁସଲମାନମାନଙ୍କ ଜୀବନ ଓ ଜୀବିତ ଈଶ୍ୱରଙ୍କ ଭବ୍ୟ ଜ୍ୟୋତି ପ୍ରକଟନ ନିର୍ଭରଶୀଳ । ଏହା ହେଉଛି ସେହି ଦୁର୍ଲଭ ବସ୍ତୁ ଯାହାର ନାମ ଅନ୍ୟ ଶବ୍ଦରେ ଇସଲାମ ଅଟେ । ପରମେଶ୍ୱର ଏବେ ସେହି ଇସଲାମକୁ ପୂର୍ଣ୍ଣଜୀବିତ କରିବା

---

← ସର୍ବଦା ରୂପକାଳଂକାର ଭାଷରେ କାର୍ଯ୍ୟ କରିଥାନ୍ତି ଏବଂ ସ୍ୱଭାବ, ଲକ୍ଷଣ ଓ ଯୋଗ୍ୟତା ଦୃଷ୍ଟିରୁ ଜଣକର ନାମ ଅନ୍ୟକୁ ପ୍ରଦାନ କରାଯାଇଥାଏ । ଯଦି ଜଣେ ଇବ୍ରାହିମଙ୍କ ହୃଦୟ ପରି ହୃଦୟ ରଖିଥାଏ, ସେ ପରମେଶ୍ୱରଙ୍କ ଦୃଷ୍ଟିରେ ଇବ୍ରାହିମ୍ ଅଟେ । ଏବଂ ଯଦି କେହି ହଜରତ ଉମର[ରଅ]ଙ୍କ ପରି ହୃଦୟ ରଖିଥାଏ, ସେ ଈଶ୍ୱରଙ୍କ ଦୃଷ୍ଟିରେ ଉମର ଫାରୁକ୍ ଅଟେ । କ'ଣ ତୁମେ ସେହି ହଦିସ୍ ପାଠ କରୁ ନାହଁ କି ଯଦି ଏହି ସମ୍ପ୍ରଦାୟରେ ମୁହଦିସ୍ ଆସିଛନ୍ତି, ଯାହାଙ୍କ ସହିତ ଅଲ୍ଲାଃ ବର୍ତ୍ତାଳାପ କରୁଥିଲେ ତେବେ ସେ ହଜରତ ଉମର ନାମରେ ଅଭିହିତ ହେବେ । ବର୍ତ୍ତମାନ କ'ଣ ଏହି ହଦିସ୍‌ର ଅର୍ଥ ଏହା ହେବ ଯେ ହଜରତ ଉମରଙ୍କ ଅନ୍ତେ ଉକ୍ତ ପୁରସ୍କାର ସମାପ୍ତ ହୋଇଗଲା ? କଦାପି ନୁହେଁ, ବରଂ ହଦିସ୍‌ର ଅର୍ଥ ଏହି ତାତ୍ପର୍ଯ୍ୟ ବହନ କରିଥାଏ, ଯେ ଜଣେ ବ୍ୟକ୍ତିର ଆଧ୍ୟାତ୍ମିକ ଅବସ୍ଥା ହଜରତ ଉମର[ରଅ]ଙ୍କ ଆଧ୍ୟାତ୍ମିକ ଅବସ୍ଥା ଅନୁରୂପ ହୋଇଥିବ ସେ ହିଁ ଆବଶ୍ୟକ ସ୍ଥଳେ ମୁହଦିସ୍‌ର ମାନ୍ୟତା ପାଇବ । ଅତଏବ ଏହି ବିନୀତକୁ ଏକଦା ଏଥିସମ୍ବନ୍ଧରେ ଐଶୀବାଣୀ ପ୍ରାପ୍ତ ହେଲା: **ଫିକା ମାଦତୁନ୍ ଫାରୁକିୟା** ଅର୍ଥାତ ତୁମ ବ୍ୟକ୍ତିତ୍ୱ ମଧ୍ୟରେ ଫାରୁକୀୟ ବିଶେଷତ୍ୱ ରହିଛି । ତେଣୁ ଏହ ବିନୀତ ସହିତ ଅନ୍ୟ ମହାପୁରୁଷଙ୍କ ସ୍ୱଭାବ ଏକାପରି ହେବା ଅବଶ୍ୟମ୍ଭାବୀ । ବରାହିନେ ଅହମଦିୟା ପୁସ୍ତକରେ ବିସ୍ତୃତ ଭାବରେ ଏହାର ଉଲ୍ଲେଖ ରହିଛି । ହଜରତ ଯୀଶୁ ମସିହଙ୍କ ସ୍ୱଭାବ ସହ ଏକ ବିଶେଷ ସାମଞ୍ଜସ୍ୟ ରହିଛି ଏବଂ ଏପରି ସମାନ ସ୍ୱଭାବ ରହିଥିବା ହେତୁ ଏହି ବିନୀତ ମସିହଙ୍କ ନାମରେ ପ୍ରେରିତ ଯଦ୍ୱାରା କ୍ରୁଶଭିତ୍ତିକ ସିଦ୍ଧାନ୍ତକୁ ଦୃଢ ଭାବେ ଖଣ୍ଡନ କରି ଦିଆଯିବ । ସୁତରାଂ ମୁଁ କ୍ରୁଶଭଙ୍ଗ କରିବା ଓ ଶୁକର (ସ୍ୱଭାବ)କୁ ବଧ କରିବା ପାଇଁ ପ୍ରେରଣ କରାଯାଇଛି । ମୁଁ ଆକାଶର ସେହି ପବିତ୍ର ଦେବଦୂତମାନଙ୍କ ସହିତ ଅବତରିତ ହୋଇଛି; ଯେଉଁମାନେ ମୋ ବାମ ଓ ଦକ୍ଷିଣ ପାର୍ଶ୍ୱରେ ରହିଥିଲେ । ଯେଉଁମାନଙ୍କୁ ମୋ ପ୍ରଭୁ ଯିଏକି ମୋ ସାଥିରେ ଅଛନ୍ତି, ମୋ କାର୍ଯ୍ୟ ପୂରଣ କରିବା ନିମନ୍ତେ ଏହାର କାମନା ରଖୁଥିବା ପ୍ରତ୍ୟେକ ଅଭିଳାଷିତଙ୍କ ହୃଦୟରେ ପ୍ରବେଶ କରାଇବେ, ବରଂ ଏବେ ମଧ୍ୟ କରୁଛନ୍ତି ଏବଂ ଯଦି ମୁଁ ନୀରବ ରହିଯିବି ତଥା ମୋ କଲମ ଚାଲିବା ବନ୍ଦ ହୋଇଯାଏ, ତେବେ ମଧ୍ୟ ସେହି ଦେବଦୂତ ଯେଉଁମାନେ ମୋ ସାଥିରେ ଅବତରଣ କରିଛନ୍ତି, ନିଜର କାର୍ଯ୍ୟକୁ ବନ୍ଦ କରିପାରିବେ ନାହିଁ । ସେମାନଙ୍କ ହସ୍ତରେ ବଡ଼ ବଡ଼ ଗଦା ରହିଛି ଯାହା ଦ୍ୱାରା ସେମାନେ କ୍ରୁଶଭଙ୍ଗ କରିବା ଏବଂ ସୃଷ୍ଟିର ଉପାସନା କରାଯାଉଥିବା ଗୃହକୁ ସମୂଳେ ନିପାତ କରିବା ପାଇଁ ଦିଆଯାଇଛି । ସମ୍ଭବତଃ କୌଣସି ଅଜଣା ବ୍ୟକ୍ତି ଏହା ଶୁଣି ଆଚମ୍ବିତ ହେବ ଯେ→

ନିମନ୍ତେ ମନସ୍ଥ କରି ସାରିଛନ୍ତି । ସେଥିନିମନ୍ତେ ଆବଶ୍ୟକ ଥିଲା ଯେ ସେହି ମହାନ ଅଭିଯାନକୁ ସଫଳ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ କାରଖାନା ଯାହାକି ପ୍ରତ୍ୟେକ ଦୃଷ୍ଟିକୋଣରୁ ପ୍ରଭାବଶାଳୀ ସାବ୍ୟସ୍ତ ହେବ, ତାହାକୁ ସ୍ୱୟଂ ନିଜ ତରଫରୁ ପ୍ରତିଷ୍ଠା କରିବେ । ଅତଃ ସେହି ପରମ ବିଜ୍ଞ ଓ ସର୍ବଶକ୍ତିଶାଳୀ ଏହି ବିନୀତକୁ ମାନବଜାତିର

---

←ଦେବଦୂତମାନଙ୍କର ଅବତରଣ କରିବରେ ଉଦ୍ଦେଶ୍ୟ କ'ଣ ହୋଇପାରେ ? ତେଣୁ ଏହା ସ୍ପଷ୍ଟ ହେଉ ଯେ ଈଶ୍ୱରଙ୍କର ଏହା ନିୟତି ଯାହାକି ପ୍ରାରମ୍ଭରୁ ପ୍ରଚଳିତ ହୋଇଆସିଛି ଯେ ଯେତେବେଳେ କୌଣସି ବାର୍ତ୍ତାବହ ଅବା ନବୀ ଅଥବା ମୁହଦିସ୍ ମାନବଜାତିର ସୁଧାର ସକାଶେ ଆକାଶରୁ ଅବତୀର୍ଣ୍ଣ ହୋଇଥାନ୍ତି, ସେତେବେଳେ ନିଶ୍ଚିତ ରୂପେ ତାଙ୍କ ସହିତ ଏଭଳି ଦେବଦୂତଗଣ ଅବତରଣ କରିଥାନ୍ତି ଯେଉଁମାନଙ୍କ ମାଧ୍ୟମରେ ତତ୍ପର ହୃଦୟରେ ସତ୍‌ପଥ ସଞ୍ଚାରିତ ହୋଇଥାଏ । ସେମାନେ ପୁଣ୍ୟ କର୍ମ କରିବା ପାଇଁ ଅନୁପ୍ରେରିତ କରିଥାନ୍ତି ଏବଂ ସେପର୍ଯ୍ୟନ୍ତ ନିରନ୍ତର ଭାବେ ପ୍ରକଟିତ ହୋଇଥାନ୍ତି, ଯେପର୍ଯ୍ୟନ୍ତ ଅମାନ୍ୟ ଓ ପଥଭ୍ରଷ୍ଟତାର ଅନ୍ଧକାର ଦୂର ହୋଇ ବିଶ୍ୱାସ ଓ ସତ୍ୟର ପ୍ରକାଶମୟ ପ୍ରଭାତ ଉଦୟ ହୋଇଯାଇ ନାହିଁ । ଯେପରିକି ଅଲ୍ଲାଃ ପରମବ୍ରହ୍ମ କହିଛନ୍ତି:

تَنَزَّلُ الْمَلٰٓئِكَةُ وَالرُّوْحُ فِيْهَا بِاِذْنِ رَبِّهِمْ ۚ مِنْ كُلِّ اَمْرٍ سَلٰمٌ ۛ هِيَ حَتّٰى مَطْلَعِ الْفَجْرِ ○

**ତନ୍ନଜଲୁଲ୍ ମଲାଇକତୁ ଓ୍ୱର୍ ରୁହୁଫୀହା ବିଇଜ୍‌ନି ରବ୍‌ବିହିମ୍; ମିନ୍‌କୁଲ୍ଲି ଅମରିନ୍ ସଲାମ୍ ହିୟା ହତ୍‌ତା ମତ୍‌ଲଇଲ୍ ଫଜ୍‌ର୍** (ଅଲ୍ କଦର୍ 97:5-6) ଅର୍ଥାତ 'ଦେବଦୂତ ଓ ପବିତ୍ର ଆତ୍ମା ନିଜ ପାଳନକର୍ତ୍ତାଙ୍କ ଆଦେଶ କ୍ରମେ ସମସ୍ତ ଆଦେଶ ସହିତ ଆକାଶ ମାର୍ଗରୁ ଅବତରଣ କରିଥାନ୍ତି ।' ପ୍ରଶାନ୍ତି ହିଁ ପ୍ରଶାନ୍ତି ପ୍ରଭାତର ଆଗମନ ପର୍ଯ୍ୟନ୍ତ । ଅତଏବ ଦେବଦୂତ ଓ ପବିତ୍ର ଆତ୍ମଙ୍କର ଆକାଶରୁ ଅବତରଣ ସେତେବେଳେ ହେବ, ଯେତେବେଳେ ଜଣେ ମହାନ ସିଦ୍ଧ ପୁରୁଷ ଖିଲାଫତ୍‌ର ବସ୍ତ୍ର ପରିଧାନ କରିବ ଏବଂ ଐଶୀବାଣୀ ବହନ କରି ଭୂପୃଷ୍ଠରେ ଅବତରଣ କରିବ । ସେତେବେଳେ ପବିତ୍ର ଆତ୍ମା ବିଶେଷ ରୂପେ ସେହି ଖଲିଫାଙ୍କୁ ପ୍ରାପ୍ତ ହୋଇଥାଏ । ତାହାଙ୍କ ସହିତ ଯେଉଁ ଦେବଦୂତ ରହିଥାନ୍ତି । ସେମାନେ ସମସ୍ତ ସଂସାରର କର୍ମଯୋଗୀ ବ୍ୟକ୍ତିମାନଙ୍କ ହୃଦୟରେ ଓହ୍ଲାଇଥାନ୍ତି । ସେତେବେଳେ ସମଗ୍ର ସଂସାରରେ ଯେଉଁ ଯେଉଁ ସ୍ଥାନରେ ମଧ୍ୟ ଯୋଗ୍ୟ ପୁରୁଷ ମିଳିଥାନ୍ତି ସେ ସମସ୍ତଙ୍କ ଉପରେ ସେହି ପ୍ରକାଶର ପ୍ରତିବିମ୍ବ ପଡ଼ିଥାଏ, ଯାହା ଫଳରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଏକ ପ୍ରକାଶମାନ ଜ୍ୟୋତି ବ୍ୟାପି ଯାଏ । ଦେବଦୂତଙ୍କ ପବିତ୍ର ପ୍ରଭାବ ଫଳରେ ହୃଦୟରେ ସ୍ୱତଃସ୍ଫୁତ ଭାବରେ ସତ୍ ବିଚାର ଭାବନା ଉତ୍ପନ୍ନ ହୋଇଥାଏ ଏବଂ ସେମାନଙ୍କୁ ଏକେଶ୍ୱରବାଦ ପ୍ରିୟ ଲାଗିଥାଏ ଏବଂ ସରଳ ସ୍ୱଚ୍ଛ ହୃଦୟରେ ସତ୍ୟ ପ୍ରତି ଆସକ୍ତି ଜାଗ୍ରତ ହୋଇଥାଏ । ସତ୍ୟର ଅନିସନ୍ଧିତ୍ସୁମାନଙ୍କ ପ୍ରତି ଏକ ପ୍ରେରଣାର ଆତ୍ମା ଫୁଙ୍କି ଦିଆଯାଇଥାଏ ତଥା ଦୁର୍ବଳ ବ୍ୟକ୍ତିମାନଙ୍କୁ ଶକ୍ତି ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ଦିଗରେ ଏପରି ବାୟୁ ସଞ୍ଚାଳିତ ହେବା ଆରମ୍ଭ ହୋଇ ଯାଇଥାଏ, ଯାହା ସେହି ସୁଧାରକଙ୍କ ଉଦ୍ଦେଶ୍ୟ ଓ ଲକ୍ଷ ପୂରଣ ଦିଗରେ ସହଯୋଗ ପହଞ୍ଚାଇଥାଏ । ଏକ ଅଦୃଶ୍ୟ ହସ୍ତର ନିର୍ଦ୍ଦେଶକ୍ରମେ ଲୋକମାନେ ଆପେ ଆପେ ସେ ଆଡ଼କୁ ଆକର୍ଷିତ →

ସୁଧାର ସକାଶେ ପ୍ରେରଣ କରି ଏହା ହିଁ ପ୍ରତିପାଦନ କଲେ ଏବଂ ସଂସାରକୁ ସତ୍ୟ ଆଡ଼କୁ ଆକର୍ଷିତ କରିବା ପାଇଁ ସତ୍ୟର ସମର୍ଥନ ତଥା ଇସଲାମର ପ୍ରଚାର କାର୍ଯ୍ୟକୁ ଅନେକ ଶାଖା ପ୍ରଶାଖାରେ ବିଭାଜିତ କଲେ । ସୁତରାଂ ସେହି ସବୁ ଶାଖା ମଧ୍ୟରୁ ଗୋଟିଏ ଶାଖା ଲେଖନ ଓ ସମ୍ପାଦନର ପ୍ରକ୍ରୀୟା, ଯାହାର ବ୍ୟବସ୍ଥାର ପରିଚାଳନା ଏହି ବିନୀତ ଉପରେ ନ୍ୟସ୍ତ କରାଯାଇଛି । ସେମାନଙ୍କୁ ସେହି ଆଧ୍ୟାତ୍ମିକ ଜ୍ଞାନ ଓ ତତ୍ୱଜ୍ଞାନର ଶିକ୍ଷା ଦିଆଯାଇଛି, ଯାହା ମନୁଷ୍ୟ ସାମର୍ଥ୍ୟର ବାହାରେ । ବରଂ ସେସବୁ

---

←ହୋଇ ଚାଲି ଆସିଥାନ୍ତି ଏବଂ ଜାତି ଓ ସମ୍ପ୍ରଦାୟରେ ଏକ କମ୍ପନ ସୃଷ୍ଟି ହୋଇ ଯାଇଥାଏ । ସେତେବେଳେ ଅବୁଝା ଲୋକମାନେ ଚିନ୍ତା କରିଥାନ୍ତି ଯେ ସଂସାର ମାୟାରେ ବୁଡ଼ି ରହିଥିବା ଭାବନା ସିକ୍ତ ଜନମାନସ ଆପଣା ଛାଏଁ ସତ୍ୟ ପ୍ରତି ଲେଉଟି ଆସିଛି । କିନ୍ତୁ ବାସ୍ତବରେ ଏହି କାର୍ଯ୍ୟ ସେହି ଦେବଦୂତମାନଙ୍କର ହୋଇଥାଏ ଯେଉଁମାନେ ଅଲ୍ଲାଃଙ୍କ ମନୋନୀତ ପ୍ରତିନିଧି (ଖଲିଫତୁଲ୍ଲାଃ)ଙ୍କ ସାଥିରେ ଆକାଶରୁ ଅବତରଣ କରିଥାନ୍ତି ଏବଂ ସତ୍ୟକୁ ସ୍ୱୀକାର କରିବା ଓ ହୃଦୟଙ୍ଗମ କରିବା ପାଇଁ ଅସାଧାରଣ ଶକ୍ତି ପ୍ରଦାନ କରିଥାନ୍ତି । ଗଭୀର ନିଦ୍ରାରେ ଶୋଇ ରହିଥିବା ଲୋକମାନଙ୍କୁ ଜାଗ୍ରତ କରାନ୍ତି ଏବଂ ଚେତନା ଶୂନ୍ୟ ଲୋକଙ୍କୁ ସଚେତନ କରିଥାନ୍ତି, ବଧିରମାନଙ୍କ କର୍ଣ୍ଣ ଖୋଲି ଦିଅନ୍ତି, ମୃତମାନଙ୍କ ପ୍ରାଣରେ ଆତ୍ମା ଫୁଙ୍କି ଦେଇଥାନ୍ତି ଏବଂ ଯେଉଁମାନେ କବରରେ ପଡ଼ି ରହିଥାନ୍ତି, ସେମାନଙ୍କୁ (ଆଧ୍ୟାତ୍ମିକ ଜୀବଦାନ ଦେଇ) ବାହାର କରିଆଣିଥାନ୍ତି । ସେତେବେଳେ ସହସା ଲୋକମାନଙ୍କ ଆଖି ଖୋଲିଯାଏ । ସେମାନଙ୍କ ହୃଦୟରେ ସେହି ସୂକ୍ଷ୍ମତତ୍ତ୍ୱ ଉନ୍ମୋଚିତ ହୋଇଥାଏ ଯାହାକି ପୂର୍ବେ ପ୍ରଚ୍ଛନ୍ନ ରହିଥିଲା । ବାସ୍ତବରେ ସେହି ଦେବଦୂତଗଣ ଅଲ୍ଲାଃଙ୍କ ଖଲିଫାଙ୍କ ଠାରୁ ଅଲଗା ନୁହଁ ବରଂ ତାଙ୍କରି ମୁଖମଣ୍ଡଳର ଜ୍ୟୋତି ଓ ତାଙ୍କ ଦମ୍ଭର ସ୍ୱଷ୍ଟ ଅଭାସ ପରିପ୍ରକାଶ ହୋଇଥାଏ । ତାହା ନିଜର ଚୁମ୍ବକୀୟ ଶକ୍ତି ଦ୍ୱାରା ପ୍ରତ୍ୟେକ ଯଥୋଚିତ ସ୍ୱଭାଗତ ପ୍ରାଣକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ତାହା ଶାରୀରିକ ଦୃଷ୍ଟିରୁ ନିକଟତର ହେଉ କିମ୍ବା ଦୂର ହୋଇଥାଉ । ତାହା ପରିଚିତ ହେଉ ଅବା ଅପରିଚିତ, ଏପରିକି ତା'ର ନାମ ସୁଦ୍ଧା ଅଜଣା ହୋଇଥାଉ । ସୁତରାଂ ସେହି ଯୁଗରେ ଯାହା କିଛି ପୁଣ୍ୟକର୍ମ ସମ୍ପାଦନ ପ୍ରତି ତତ୍ପରତା ପ୍ରକାଶ ପାଇଥାଏ ଏବଂ ସତ୍ୟକୁ ସ୍ୱୀକାର କରିବାରୁ ଉତ୍ସାହ ଦେଖିବାକୁ ମିଳିଥାଏ । ସେହି ଆବେଗ ଏସିଆର ଅଧରବାସୀମାନଙ୍କ ମଧ୍ୟରେ ହେଉ ଅବା ୟୁରୋପବାସୀଙ୍କ ମଧ୍ୟରେ ଅଥବା ଆମେରିକା ନିବାସୀଙ୍କ ମଧ୍ୟରେ ସୃଷ୍ଟି ହେଉ । ବାସ୍ତବରେ ତାହା ସେହି ଦେବଦୂତମାନଙ୍କ ପ୍ରେରଣାକ୍ରମେ ପ୍ରକଟ ହୋଇଥାଏ, ଯେଉଁମାନେ ଅଲ୍ଲାଃଙ୍କ ଖଲିଫାଙ୍କ ସାଥିରେ ଅବତରଣ କରିଥାନ୍ତି । ଏହା ଏକ ଈଶ୍ୱର ବିଧାନ ଯେଉଁଥିରେ କଦାଚିତ ପରିବର୍ତ୍ତନ ହେବାର ଦେଖିବ ନାହିଁ ଏବଂ ଯାହା ଅତ୍ୟନ୍ତ ସ୍ୱଚ୍ଛ ଓ ଶୀଘ୍ର ବୁଝା ପଡ଼ିଯିବ । ଏହା ତୁମର ଦୁର୍ଭାଗ୍ୟ ହେବ ଯଦି ତୁମେମାନେ ଏଥିପ୍ରତି ଧ୍ୟାନ ନଦେବ, ଯେହେତୁ ଏହି ବିନୀତ ସତ୍ୟ ଓ ସଙ୍କୋଚତାର ସହ ପ୍ରଭୁଙ୍କ ନିକଟରୁ ଆସିଛି । ତେଣୁ ତୁମେ ସତ୍ୟତାର ନିଦର୍ଶନ ପ୍ରତ୍ୟେକ ଦିଗରୁ ଦେଖିବାକୁ ପାଇବ । ସେହି ସମୟ ଆଉ ବେଶୀ ଦୂର ନାହିଁ, ବରଂ ଖୁବ୍ ନିକଟତର →

କେବଳ ସେହି ସର୍ବଶକ୍ତିମାନଙ୍କ ପ୍ରଦତ ଜ୍ଞାତ ହୋଇଥାଏ । ମନୁଷ୍ୟର ପ୍ରୟାସ ଦ୍ୱାରା ନୁହେଁ ବରଂ ପବିତ୍ର ଆତ୍ମା (ଦେବଦୂତ)ଙ୍କ ଶିକ୍ଷା ଦେବା ଦ୍ୱାରା କଠିନ ସମସ୍ୟାର ସମାଧାନ କରିଦିଆଗଲା ।

**ଦ୍ୱିତୀୟ ଶାଖା** ଏହି କାରଖାନାର ହେଉଛି, ବିଜ୍ଞାପନ ପ୍ରକାଶନ କରିବା । ଯାହାକି ପ୍ରଭୁଙ୍କ ନିର୍ଦ୍ଦେଶାନୁସାରେ ଇତ୍‌ମାମେ ହୁଜ୍ଜତ୍ (ଧର୍ମ ଓ ସତ୍ୟର ନିର୍ଣ୍ଣୟାତ୍ମକ

---

← ହୋଇ ଆସୁଛି, ଯେତେବେଳେ ତୁମେମାନେ ଦେବଦୂତଙ୍କ ସେନାବାହିନୀକୁ ଆକାଶରୁ ଅବତୀର୍ଣ୍ଣ ହେବାର ଦେଖିବ । ଏସିଆ, ୟୁରୋପ ଓ ଆମେରିକାର ହୃଦୟରେ ଅବତୀର୍ଣ୍ଣ ହେବାର ଲକ୍ଷ କରିବ । ଏହା ତୁମେ ପବିତ୍ର କୁରଆନକୁ ଅଧ୍ୟୟନ କରି ଜାଣି ସାରିଛ ଯେ ଅଲ୍ଲାଃଙ୍କ ଖଲିଫା ଅବତରଣ କରିବା ସହିତ ଦେବଦୂତଙ୍କ ଅବତୀର୍ଣ୍ଣ ହେବା ଅନିବାର୍ଯ୍ୟ କରାଯାଇଛି । ଯଦ୍ଦ୍ୱାରା ସେମାନେ ହୃଦୟଗୁଡ଼ିକୁ ସତ୍ୟ ପ୍ରତି ଫେରାଇ ଆଣିବେ । ସୁତରାଂ ତୁମେମାନେ ଏହି ନିଦର୍ଶନର ପ୍ରତିକ୍ଷା କର । ଯଦି ଦେବଦୂତମାନଙ୍କର ଅବତରଣ ହେବ ନାହିଁ ଏବଂ ସେମାନଙ୍କ ଅବତରଣର ସ୍ପଷ୍ଟ ନିଦର୍ଶନ ତୁମେମାନେ ସଂସାରରେ ଅବଲୋକନ ନକରିବ ତଥା ସତ୍ୟ ପ୍ରତି ହୃଦୟର ସ୍ପନ୍ଦନ ସ୍ୱାଭାବିକ ଅବସ୍ଥା ଅପେକ୍ଷା ଅଧିକ ନପାଅ, ତେବେ ତୁମେ ବୁଝିନେବ ଯେ ଆକାଶରୁ କେହି ଅବତରଣ କରିନାହାନ୍ତି । କିନ୍ତୁ ଯଦି ଏହି ସମସ୍ତ ବିଷୟ ପ୍ରକାଶିତ ହୋଇଯାଏ, ତେବେ ତାହାକୁ ଅସ୍ୱୀକାର କରିବାରୁ ନିବୃତ୍ତ ରୁହ ଯଦ୍ଦ୍ୱାରା ତୁମେମାନେ ଈଶ୍ୱରଙ୍କ ନିକଟରେ ଅବଜ୍ଞାକାରୀ ବିବେଚିତ ହେବ ନାହିଁ ।

**ଦ୍ୱିତୀୟ ନିଦର୍ଶନ** ହେଉଛି ଯେ ପ୍ରଭୁ ଏହି ବିନୀତକୁ ସେହି ପ୍ରକାଶମୟ ଆଲୋକରେ ବିଭୁଷିତ କରିଛନ୍ତି, ଯାହା ତାହାଙ୍କ ପ୍ରିୟଜନକୁ ପ୍ରାପ୍ତ ହୋଇଥାଏ । କିନ୍ତୁ ଅନ୍ୟମାନେ ତାହାର ମୁକାବିଲା କରିପାରି ନଥାନ୍ତି । ଅତଏବ ଯଦି ତୁମେମାନେ ସନ୍ଦେହ ଘେରରେ ଅଛ ତେବେ ମୁକାବିଲା କରିନିଅ ଏବଂ ନିଃସନ୍ଦେହରେ ଏହା ଜାଣିରଖ ଯେ ତୁମେମାନେ କଦାପି ମୁକାବିଲା କରିପାରିବ ନାହିଁ । ତୁମମାନଙ୍କ ନିକଟରେ ଜିହ୍ୱା ଅଛି କିନ୍ତୁ ହୃଦୟ ନାହିଁ । ଶରୀର ଅଛି କିନ୍ତୁ ପ୍ରାଣ ନାହିଁ, ଚକ୍ଷୁ ପିତୁଳା ଅଛି କିନ୍ତୁ ସେଥିରେ ଜ୍ୟୋତି ନାହିଁ । ଈଶ୍ୱର ତୁମକୁ (ଦିବ୍ୟ)ଆଲୋକ ପ୍ରଦାନ କରନ୍ତୁ ଯଦ୍ଦ୍ୱାରା ତୁମେ ଦେଖିପାରିବ ।

**ତୃତୀୟ ନିଦର୍ଶନ** ହେଉଛି ସେହି ପ୍ରିୟ ନବୀ ଯାହାଙ୍କ ଉପରେ ତୁମେମାନେ ବିଶ୍ୱାସ ସ୍ଥାପନ କରିଥିବାର ଘୋଷଣା କରୁଛ । ସେହି ପବିତ୍ର ନବୀ[ସଅ] ଏହି ବିନୀତ ସମ୍ବନ୍ଧରେ ଲେଖିଛନ୍ତି, ଯାହା ତୁମମାନଙ୍କ ପାଖରେ ଥିବା ସହି ହଦିସ୍‌ରେ ଉଲ୍ଲେଖ ରହିଛି । କିନ୍ତୁ ତାହାକୁ ଆଜି ପର୍ଯ୍ୟନ୍ତ ତୁମେମାନେ ଅନୁଧ୍ୟାନ କରି ନାହଁ । ଅତଃ ତୁମେମାନେ ହେଉଛ ହଜରତ ମୁହମ୍ମଦ[ସଅ]ଙ୍କର ପ୍ରଚ୍ଛନ୍ନ ଶତ୍ରୁ ଯେ କି ତାଙ୍କର ସମର୍ଥନ କରିବା ନିମନ୍ତେ ନୁହେଁ, ବରଂ ତାଙ୍କୁ ମିଥ୍ୟାବାଦୀ ପ୍ରମାଣିତ କରିବାକୁ ପ୍ରୟାସ କରୁଛ । ବର୍ତ୍ତମାନ ତୁମମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କ ଉପରେ କୁଫର୍‌ର ଫତୱା (ଅବିଶ୍ୱାସକାରୀର ଧର୍ମାଦେଶ) ଲେଖିବେ, ଏପରିକି ତାଙ୍କ ସାମର୍ଥ୍ୟରେ ଥିଲେ ସେମାନେ ହତ୍ୟା ମଧ୍ୟ କରି ଦେଇଥାନ୍ତେ କିନ୍ତୁ ଏହି ସରକାର ସେହି ଗୋଷ୍ଠୀର ନୁହେଁ ଯେ→

ବିତର୍କ) ଉଦ୍ଦେଶ୍ୟରେ ଅବ୍ୟାହତ ରହିଛି । ବର୍ତ୍ତମାନ ସୁଦ୍ଧା କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ବିଜ୍ଞାପନ ପ୍ରସ୍ତୁତ କରାଯାଇ ଇସଲାମର ଶ୍ରେଷ୍ଠତ୍ୱ ଅନ୍ୟାନ୍ୟ ଧର୍ମ ଉପରେ ପ୍ରମାଣ ସିଦ୍ଧ କରିବା ଲକ୍ଷରେ ପ୍ରକାଶିତ କରିସାରିଲୁଣି । ଭବିଷ୍ୟତରେ ମଧ୍ୟ ଆବଶ୍ୟକତାନୁଯାୟୀ ସଦାସର୍ବଦା ପ୍ରକାଶିତ ହୋଇ ଚାଲିବ ।

ତୃତୀୟ ଶାଖା ଏହି କାରଖାନାର ହେଉଛି, ଏଠାକୁ ଆସୁଥିବା ଅତିଥି ଓ ଧର୍ମପ୍ରେମୀ ବନ୍ଧୁଗଣ ତଥା ସତ୍ୟର ସନ୍ଧାନୀ ଯାତ୍ରୀଗଣ ଏବଂ ଅନ୍ୟାନ୍ୟ ଉଦ୍ଦେଶ୍ୟ ନେଇ ଆସିଥାନ୍ତି । ଯେଉଁମାନେ ଏହି ଐଶ୍ୱରିକ କାରଖାନାର ସୂଚନା ପାଇ ନିଜ ନିଜର ମନସ୍କାମନା ପୂରଣ କରିବା ପାଇଁ ଅଭିଳାଷ ରଖି ସାକ୍ଷାତ କରିବାକୁ ଆସିଥାନ୍ତି । ଏହି ଶାଖାର କାର୍ଯ୍ୟ ମଧ୍ୟ ବରାବର ବିକଶିତ ଓ ତ୍ୱରାନ୍ୱିତ ହୋଇଚାଲିଛି । ଯଦିଚ କିଛି

←ଅଧିକ ଉତ୍ତେଜନାର ବଶବର୍ତ୍ତୀ ହୋଇଯିବେ କିମ୍ବା ବୁଝିବାକୁ ଅଯୋଗ୍ୟ ତଥା ନୈତିକ ସହାନୁଭୂତି ପ୍ରଦର୍ଶନ କରିବାରେ ଖୁବ୍ ପଛରେ ଅଛନ୍ତି । ଏହା ମଧ୍ୟ ନୁହେଁ ଯେ ୟହୁଦିଙ୍କ କୁଟିଳ ସ୍ୱଭାବ ତାଙ୍କ ଆତ୍ମାରେ ଜୀବିତ କରି ଦେଖାଇବେ । ଏହି ପ୍ରଶାସନ ଯଦିଓ ବିଶ୍ୱାସରେ ଶ୍ରେଷ୍ଠତା ଓ କଲ୍ୟାଣ ନିଜ ଭିତରେ ବହନ କରି ନାହିଁ । ତଥାପି ଅତୀତର ହେରୋଡ଼େସ୍‌ଙ୍କର ଶାସନକାଳ ଯାହା ସହିତ ହଜରତ ଯୀଶୁ ମସିହ[ଅସ]ଙ୍କ ମାମଲା ବିଚାରଧିନ ହୋଇ ପଡ଼ି ରହିଥିଲା, ବହୁ ଗୁଣରେ ଉତ୍ତମ । ବର୍ତ୍ତମାନର ଇସଲାମୀୟ ଦେଶମାନଙ୍କରେ ପ୍ରଚଳିତ ଶାସନନୀତି ଅପେକ୍ଷା ଶାନ୍ତି ରକ୍ଷା କରିବା, ଜନସାଧାରଣଙ୍କ ମଧ୍ୟରେ ସୁଧାର ଆଣିବା, ସ୍ୱାଧୀନତା ଦେବା, ସେମାନଙ୍କ ପ୍ରଶିକ୍ଷଣ କରିବା ଓ ସେମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାର ବ୍ୟବସ୍ଥା ପ୍ରକ୍ରୀୟା ଏବଂ ଅପରାଧିମାନଙ୍କୁ ଧରପକଡ଼ କରିବା ଆଦି ଦୃଷ୍ଟିକୋଣରୁ ବହୁତ ଉତ୍ତମ ଅଟେ । ଈଶ୍ୱରଙ୍କ ଗୂଢଭେଦ ଅନୁଯାୟୀ ହଜରତ ଈସା ମସିହଙ୍କୁ ୟହୁଦିଙ୍କ ଶାସନ କାଳରେ ତାଙ୍କ ସରକାରଙ୍କ ଅଧିନରେ ଈଶ୍ୱର ପ୍ରେରଣ କରି ନଥିଲେ, ତଦନୁରୂପ ଏହି ବିନୀତ ସମ୍ବନ୍ଧରେ ମଧ୍ୟ ଏହି କଲ୍ୟାଣକର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖାଯାଇଥିଲା, ଯଦ୍ଦ୍ୱାରା ବୁଝୁଥିବା ଲୋକମାନଙ୍କ ପାଇଁ ନିଦର୍ଶନ ସାବ୍ୟସ୍ତ ହେବ । ଯଦି ଚଳିତ ଯୁଗର ଅମାନ୍ୟକାରୀଗଣ ମୋ ସହିତ ଥଟ୍ଟା ପରିହାସ କରନ୍ତି, ତେବେ ଏଥିରେ ଦୁଃଖ କରିବାର କୌଣସି କାରଣ ନାହିଁ ଯେହେତୁ ଏମାନଙ୍କ ପୂର୍ବଜମାନେ ମଧ୍ୟ ଏହାଠାରୁ ଅଧିକ ନିଜ ସମୟରେ ଅବତାରଙ୍କ ସହିତ ଖରାପ ଆଚରଣ ପ୍ରଦର୍ଶନ କରି ସାରିଛନ୍ତି ଏବଂ ହଜରତ ଈସା ମସିହଙ୍କ ସହିତ ମଧ୍ୟ ଅନେକ ଥଟ୍ଟା ପରିହାସ କରାଯାଇଥିଲା । ଏକଦା ତାଙ୍କର ଭାଇମାନେ ଯେକି ଗୋଟିଏ ମାତୃ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ, ଉଦ୍ୟମ କଲେ କି ତାଙ୍କୁ ପାଗଳ ବୋଲି ପ୍ରମାଣିତ କରି କାରାଗାରରେ ବନ୍ଦୀ କରିଦେବା । ଅନ୍ୟମାନେ ତ କାହିଁକେତେ ଥର ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ପୁନଶ୍ଚ ତାଙ୍କ ଉପରେ ପଥର ବର୍ଷା କଲେ, ଅତ୍ୟନ୍ତ ନିଚ୍ଚ ଦୃଷ୍ଟିରେ ଦେଖୁଥିବା ଲାଗିଲେ ଏବଂ ତାଙ୍କ ପବିତ୍ର ମୁଖରେ ଛେପ ଫିଙ୍ଗିଲେ । ଏପରିକି ଥରେ ତାଙ୍କୁ କ୍ରୁଶରେ ଚଢାଇ ବଧ କରିବାର ବ୍ୟର୍ଥ ପ୍ରୟାସ କରାଗଲା କିନ୍ତୁ ଯେହେତୁ ତାଙ୍କ ଅସ୍ଥି ଭଙ୍ଗାଯାଇ ନଥିଲା, ତେଣୁ ସେ ଜଣେ ଶ୍ରଦ୍ଧାଳୁ ଓ ଉତ୍ତମ ହୃଦୟଗ୍ରାହୀ ମନୁଷ୍ୟର ସମର୍ଥନ ବଳରେ→

ଦିନ କମ୍ ସଂଖ୍ୟାରେ ତ ଅନ୍ୟ କେତେକ ଦିନ ଅଧିକ ସଂଖ୍ୟାରେ ଅତ୍ୟନ୍ତ ଉତ୍ସାହର ସହିତ ତାଙ୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଥାଏ । ସୁତରାଂ ଏହି ସାତ ବର୍ଷରେ ପ୍ରାୟତଃ ୬୦ହଜାରୁ ଊର୍ଦ୍ଧ୍ୱ ଅତିଥି ଆସିଲେଣି ଏବଂ ସେମାନଙ୍କ ମଧ୍ୟରୁ ସତ୍ୟନିଷ୍ଠ ଶ୍ରଦ୍ଧାଳୁମାନଙ୍କୁ ପ୍ରବଚନ ଦ୍ୱାରା ଆଧ୍ୟାତ୍ମିକ ହିତ ସାଧନ କରାଯାଇଛି ତଥା ସେମାନଙ୍କ ଜୀବନରେ ଦେଖା ଦେଉଥିବା ବହୁ ଅସୁବିଧାର ସମାଧାନ କରାଯାଇଛି ଏବଂ ସେମାନଙ୍କ ଦୁର୍ବଳତା ଦୂର କରାଯାଇଛି, ଏହା କେବଳ ପରମେଶ୍ୱର ହିଁ ଜାଣନ୍ତି । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ମୌଖିକ ଯାହାକି ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନର ଉତ୍ତରରେ ଦିଆଯାଇଛି ଅବା ନିଜ ଆଡୁ ସମୟ ଓ ପରିସ୍ଥିତି ଅନୁଯାୟୀ ଯତ୍ କିଞ୍ଚିତ ବର୍ଣ୍ଣନା କରାଯାଇଥାଏ । ଏହି ଉପାୟ କେତେକ ପରିସ୍ଥିତିରେ ଲିଖିତ ବିବୃତ୍ତି ପରିବର୍ତ୍ତେ ଅଧିକ ଲାଭଦାୟକ, ପ୍ରଭାବଶାଳୀ ଓ ଶୀଘ୍ର ହୃଦୟଙ୍ଗମ କରାଇ ଥିବା ପ୍ରମାଣସିଦ୍ଧ ହୋଇଛି । ଏହି କାରଣରୁ ସମସ୍ତ ନବୀ ଏହି ଶୈଳୀକୁ ଆପଣାଇ ଥା'ନ୍ତି ଏବଂ ଈଶ୍ୱରଙ୍କ ବାର୍ତ୍ତାଳାପର ପ୍ରବାହ ଯାହାକି ବିଶେଷ ରୂପେ ବରଂ ଲିଖିତ ରୂପରେ ପ୍ରକାଶ କରାଯାଇଛି । ଏତଦ୍‌ଭିନ୍ନ ଯେପରି ନବୀମାନଙ୍କ ମୁଖୋଚ୍ଚାରିତ ଦିବ୍ୟକଥନ

---

←ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ । ଏବଂ ନିଜର ଅବଶିଷ୍ଟ ଜୀବନ ଅତିବାହିତ କରି ଆକାଶକୁ ଉତ୍‌ଥିତ ହେଲେ । ମସିହଙ୍କ ଅନୁଗାମୀ ଓ ଦିବାରାତ୍ରୀର ମିତ୍ର ଓ ସାଥିମାନେ ମଧ୍ୟ ବିଭ୍ରାନ୍ତ ପୂର୍ବକ ଝୁଣ୍ଟି ପଡ଼ିଥିଲେ । ଜଣେ ବ୍ୟକ୍ତି ୨୩ଟଙ୍କା ଲାଞ୍ଚ ନେଇ ତାଙ୍କୁ ଶତ୍ରୁମାନଙ୍କ ହାତରେ ଧରାଇ ଦେଲେ । ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ତାଙ୍କୁ ଅଭିଶାପ ଦେଲେ, ଅନ୍ୟସବୁ ହଓ୍ୱାରି ଯେ ପରମ ବନ୍ଧୁ ଓ ଅନୁଚର ହେବାର ଘୋଷଣା କରୁଥିଲେ, ସେଠାରୁ ପଳାୟନ କଲେ । କାରଣ ଦୁର୍ଭାଗ୍ୟବଶତଃ ସେମାନେ ନିଜ ହୃଦୟରେ ମସିହଙ୍କ ପ୍ରତି ଅନେକ ପ୍ରକାର ସନ୍ଦେହର ବଶବର୍ତ୍ତୀ ହୋଇଗଲେ । କିନ୍ତୁ ଯେହେତୁ ସେ ଜଣେ ସତ୍ୟବାଦୀ ମହାପୁରୁଷ ଥିଲେ ତେଣୁ ଈଶ୍ୱର ତାଙ୍କ ଦେହାବସାନ ପରେ ତାଙ୍କ ଧର୍ମାନୁଷ୍ଠାନକୁ ଉଜ୍ଜୀବିତ କଲେ ଓ ତାଙ୍କ ମିଶନରେ ନୂତନ ପ୍ରାଣ ସଞ୍ଚାର ହେଲା । ମସିହଙ୍କ ପୁନର୍ଜୀବିତ ହେବାର ତାଙ୍କ ଅନୁଗାମୀମାନଙ୍କର ଯେଉଁ ଧାରଣା ରହିଛି, ବାସ୍ତବରେ ଏହା ତାଙ୍କ ଧର୍ମନିଷ୍ଠ ଦିବ୍ୟ ଜୀବନ ଚରିତ ପ୍ରତି ସଙ୍କେତ, ଯାହାକି ତାଙ୍କର ପ୍ରାକୃତିକ ମୃତ୍ୟୁ ଲାଭ କରିବା ଅନ୍ତେ ପୁନର୍ଜୀବିତ କରାଗଲା । ସୁତରାଂ ପରମେଶ୍ୱର ମୋତେ ମଧ୍ୟ ସୁସମାଚାର ଦେଇଛନ୍ତି ଯେ ମୁଁ ତୁମକୁ ମୃତ୍ୟୁପରାନ୍ତେ ପୁର୍ନଜୀବନ ଦେବି ଏବଂ କହିଲେ ଯେଉଁ ଲୋକମାନେ ଈଶ୍ୱରଙ୍କ ସାନିଧ୍ୟ ପ୍ରାପ୍ତ ସେମାନେ ମୃତ୍ୟୁବରଣ କରିବା ଅନ୍ତେ ପୁନର୍ଜୀବିତ ହୋଇ ଉଠିଥାନ୍ତି । ଆହୁରି କହିଲେ **ମୁଁ ନିଜର ଚମକ ଦେଖାଇବି ଏବଂ ନିଜ ନିଦର୍ଶନ ଦେଖାଇ ତୁମକୁ ଉତ୍‌ଥିତ କରିବି** । ସୁତରାଂ ମୋର ପୁନର୍ଜୀବିତ ହେବା ଅର୍ଥ ମୋର ପରମ ଲକ୍ଷ୍ୟ ପ୍ରାପ୍ତି କରିବା ଅଟେ । କିନ୍ତୁ ଖୁବ୍ କମ୍ ଲୋକ ଏହି ରହସ୍ୟକୁ ବୁଝିପାରନ୍ତି ।

ରହିଛି, ତାହା ସେମାନଙ୍କ ନିଜ ସମୟରେ ଭାଷଣ ଓ ପ୍ରବଚନ ସଦୃଶ ପ୍ରସାରିତ ହୋଇ ଚାଲିଥିଲା । ନବୀମାନଙ୍କର ଧର୍ମପ୍ରଚାରର ସାଧାରଣ ନୀତି ଅନୁଯାୟୀ ଜଣେ ଅନୁଭବୀ ବକ୍ତାଙ୍କ ପରି ଆବଶ୍ୟକ ସମୟ ଓ ପରିସ୍ଥିତିକୁ ଦେଖି ସେମାନେ ବିଭିନ୍ନ ବୈଠକ ତଥା ଜନ ସମାରୋହରେ ଦିବ୍ୟାତ୍ମାରୁ ଶକ୍ତି ଲାଭ କରି ଦିବ୍ୟ ସମ୍ଭାଷଣ ଦେଉଥିଲେ । କିନ୍ତୁ ଏହା ନୁହେଁ ଯେ ସେସମୟର ବକ୍ତାମାନଙ୍କ ପରି ଯେଉଁମାନେ ନିଜ ଭାଷଣର ବାକ୍ୟଚତୁରୀ ଦ୍ୱାରା କେବଳ ନିଜ ଜ୍ଞାନ ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି କିମ୍ବା ସେମାନଙ୍କର ଏହି ଉଦ୍ଦେଶ୍ୟ ଥାଏ ଯେ ନିଜ ମିଥ୍ୟାଜ୍ଞାନ ଦର୍ଶନ ଓ ଧର୍ମତତ୍ତ୍ୱକୁ ତର୍କ ମାଧ୍ୟମରେ କୌଣସି ସରଳ ନିଷ୍କପଟ ଲୋକଙ୍କୁ ମୋହିତ କରି ନିଜ ଜାଲରେ ଫସାଇ ଦେବା । ପୁଣି ନିଜ ଠାରୁ ଅଧିକ ପରିମାଣର ନର୍କଗାମୀ ହେବା ଯୋଗ୍ୟ କରାଏ । ବରଂ ଅବତାରମାନେ ଅତ୍ୟନ୍ତ ବିନମ୍ରତା ସହକାରେ ଅନ୍ୟମାନଙ୍କ ସହିତ କଥୋପକଥନ କରିଥାନ୍ତି । ଯାହାକି ସେମାନଙ୍କ ହୃଦୟରୁ ସ୍ୱତଃସ୍ଫୁତ ଭାବେ ବାହାରିଥାଏ ତାହାକୁ ସେମାନେ ଅନ୍ୟମାନଙ୍କ ଅନ୍ତଃସ୍ଥଳୀରେ ଚାଢ଼ିଥାନ୍ତି । ସେମାନଙ୍କ ପବିତ୍ର ବଚନ ପରିସ୍ଥିତି ଓ ଆବଶ୍ୟକତାର ଅନୁକୂଳ ହୋଇଥାଏ । ଶ୍ରୋତାମାନଙ୍କ ଆଗରେ ମନୋରଞ୍ଜନର କାହାଣୀ ଶୁଣାଇ ନଥା'ନ୍ତି, ବରଂ ସେମାନଙ୍କୁ ରୋଗଗ୍ରସ୍ତ ହୋଇଥିବା ଦେଖି ତଥା ବିଭିନ୍ନ ଆଧ୍ୟାତ୍ମିକ ରୋଗରେ କବଳିତ ହୋଇ ରହିଥିବା ଦେଖି ସେମାନଙ୍କ ଉପଚାର ସ୍ୱରୂପ ଉପଦେଶ ଦେଇଥାନ୍ତି । ଏବଂ ସ୍ପଷ୍ଟ ତର୍କ ମାଧ୍ୟମରେ ସେମାନଙ୍କର ସନ୍ଦେହ ଦୂରୀଭୂତ କରିଥାନ୍ତି । ସେମାନଙ୍କ କଥନରେ ଶବ୍ଦ ଖୁବ୍ କମ୍ ଓ ଅର୍ଥ ବେଶ୍ ଅଧିକ ରହିଥାଏ । ଅତଃ ଏହି ଶୈଳୀ ଏହି ବିନୀତ ମଧ୍ୟ ଅବଲମ୍ବନ କରିଛି ଏବଂ ଅତିଥି ଓ ଯାତ୍ରୀଙ୍କ ଯୋଗ୍ୟତା ଅନୁସାରେ ତଥା ସେମାନଙ୍କର ଆବଶ୍ୟକତାନୁଯାୟୀ ଏବଂ ସେମାନଙ୍କ ବ୍ୟାଧିକୁ ଧ୍ୟାନରେ ରଖି ସର୍ବଦା ନିଜ ଦୀକ୍ଷାନ୍ତ ପ୍ରବଚନର ଦ୍ୱାର ଖୋଲିଥାଏ ।* କାରଣ ମନ୍ଦକର୍ମକୁ ଲକ୍ଷ୍ୟରେ ରଖି ତାହାର ନିରାକରଣ ନିମନ୍ତେ ଆବଶ୍ୟକୀୟ ଉପଦେଶାବଳୀ ରୂପକ ତୀର ଚାଳନା କରିବା ଏବଂ ବିଗିଡ଼ି ଯାଇଥିବା ସ୍ୱଭାବକୁ ଟଳି ପଡ଼ିଥିବା ଏପରି ଅଙ୍ଗ ପରି ନିଜର ବାସ୍ତବ ରୂପରେଖ ଯଥା ସ୍ଥାନରେ ସ୍ଥାପିତ କରିବାକୁ ହେବ । ଯେପରିକି ଏହି ଉପଚାର

* **ପାଦଟୀକା:** ଏଠାରେ ଏହି ଅଦଭୂତପୂର୍ଣ୍ଣ ବିଷୟ ଉଲ୍ଲେଖ କରିବା ଏଥିପାଇଁ ଉପଯୁକ୍ତ ମନେହେଉଛି ଯେ, ଏକଦା ମୋତେ ଅଲ୍ଲିଗଡ଼ ଯିବାର ଅବସର ମିଳିଲା । ମାନସିକ ଦୁର୍ବଳତା ଯାହା ଦ୍ୱାରାର କାଦିୟାନରେ କିଛିକାଳ ପୂର୍ବରୁ ମୁଁ ଆକ୍ରାନ୍ତ ହୋଇଥିଲି, ତାହା ଯୋଗୁଁ ସେତେବେଳେ ମୁଁ ଅଧିକ କଥାବାର୍ତ୍ତା କିମ୍ବା କୌଣସି ମାନସିକ ପରିଶ୍ରମ କରିବା ପାଇଁ ସମର୍ଥ ନଥିଲି ଏବଂ ବର୍ତ୍ତମାନ ସୁଦ୍ଧା ମୋର ସେହି ଅବସ୍ଥା ଅପରିବର୍ତ୍ତିତ ରହିଛି । ମୁଁ ଅଧିକ ବାର୍ତ୍ତାଳାପ କରିବା ଅଥବା ଅତ୍ୟଧିକ ଚିନ୍ତନ କରିବାର ସାମର୍ଥ୍ୟ ରଖୁ ନାହିଁ । ଏପରି ଅବସ୍ଥାରେ ଥିବା ବେଳେ ମୁଁ➔

ରୋଗୀର ସମକ୍ଷରେ ଆଣି ଛିଡ଼ା କରାଇବା ପରେ ହିଁ ଏହାର ନିଦାନ ବିଷୟରେ ଚିନ୍ତା କରାଯାଇପାରିବ ଏବଂ ତାହା ଅନ୍ୟ କୌଣସି ଅବସ୍ଥାରେ ମଧ୍ୟ ଆଦୌ ସମ୍ଭବପର ନୁହେଁ । ଏହି କାରଣରୁ ଈଶ୍ୱର ସହସ୍ର ସଂଖ୍ୟାରେ ନବୀ ଓ ଅବତାର ପ୍ରେରଣ କଲେ ଏବଂ ସେମାନଙ୍କ ସଙ୍ଗତରେ ରହି ସାନିଧ୍ୟ ଲାଭ କରିବାକୁ ନିର୍ଦ୍ଦେଶ ଦେଲେ । ଯଦ୍ଦ୍ୱାରା ପ୍ରତ୍ୟେକ ଯୁଗର ଲୋକ ଜଣେ ଆଦର୍ଶ ବ୍ୟକ୍ତିତ୍ୱକୁ ପ୍ରତ୍ୟକ୍ଷରେ ଅନୁଭବ କରିବ ଏବଂ ତାଙ୍କ ଉପରେ ଈଶ୍ୱରଙ୍କ ବାଣୀ ଅବତୀର୍ଣ୍ଣ ହେବାର ସ୍ୱଚକ୍ଷୁରେ ଅବଲୋକନ କରି ତାଙ୍କର ଅନୁକରଣ କରିବାକୁ ଚେଷ୍ଟା କରିବ । ଯଦି ପବିତ୍ର ବ୍ୟକ୍ତିଙ୍କ ସତ୍‌ସଙ୍ଗରେ ରହିବା ଅନିର୍ବାର୍ଯ୍ୟ ହୋଇ ନଥାନ୍ତା, ତେବେ ପରମେଶ୍ୱର ନିଜ ବାଣୀକୁ ପବିତ୍ର ରସୁଲ୍ ଓ ନବୀଙ୍କୁ ପ୍ରେରଣ କରିବା ପରିବର୍ତ୍ତେ ଅନ୍ୟ ଉପାୟରେ ଅବତୀର୍ଣ୍ଣ କରିପାରିଥାନ୍ତେ କିମ୍ବା କେବଳ ପ୍ରାରମ୍ଭିକ ସମୟରେ ରସୁଲଙ୍କ ପ୍ରକ୍ରୀୟାକୁ ସୀମିତ ରଖିଥାନ୍ତେ ଏବଂ

← ଅଲ୍ଲିଗଡ଼ର ଜଣେ ମୌଲବୀ ମୁହମ୍ମଦ ଇସମାଇଲ୍ ସାହେବ ମୋ ସହିତ ସାକ୍ଷାତ କଲେ ଏବଂ ସେ ଅତ୍ୟନ୍ତ ବିନୟ ହୋଇ ଉପଦେଶ ଦେବା ପାଇଁ ନିବେଦନ କଲେ । ସେ କହିଲେ ଯେ ଲୋକମାନେ ଦୀଘ୍ର ସମୟ ହେଲା ଅତ୍ୟନ୍ତ ବ୍ୟଗ୍ରତାର ସହିତ ଆପଣଙ୍କ ପ୍ରତୀକ୍ଷାରେ ଅଛନ୍ତି । ଭଲ ହେବ ଯଦି ସମସ୍ତେ ଗୋଟିଏ ଗୃହରେ ଏକତ୍ରିତ ହୋଇଯିବେ ଏବଂ ସେମାନଙ୍କୁ ଆପଣ କିଛି ହିତୋପଦେଶ ଦେବେ । ଯେହେତୁ ମୋର ମନରେ ପ୍ରାରମ୍ଭରୁ ହିଁ ଏହି ଅଭିଳାଷ ରହିଛି ଯେ ସତ୍ୟତା ଲୋକମାନଙ୍କ ଉପରେ ଖୋଲିଯାଉ, ତେଣୁ ମୁଁ ତାଙ୍କର ପ୍ରସ୍ତାବକୁ ସହୃଦୟରେ ଗ୍ରହଣ କଲି ଏବଂ ଇଚ୍ଛା ପ୍ରକାଶ କଲି ଯେପରି ଜନସମାଗମ ମଧ୍ୟରେ ମୁଁ ଇସଲାମର ଶିକ୍ଷାବଳୀ ବର୍ଣ୍ଣନା କରନ୍ତି ଯେ ଇସଲାମର ବାସ୍ତବିକତା କ'ଣ ? ଏବଂ ବର୍ତ୍ତମାନ ଲୋକମାନେ ସେଥି ସମ୍ବନ୍ଧରେ କିପରି ମତପୋଷଣ କରି ବସିଛନ୍ତି । ତତ୍‌ସହିତ ମୌଲବି ସାହେବଙ୍କୁ ପୂର୍ବରୁ ଏ ବିଷୟରେ ଅବଗତ କରାଗଲା ଯେ **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଇଚ୍ଛାକଲେ) ଇସଲାମର ବାସ୍ତବିକତା ବର୍ଣ୍ଣନା କରାଯିବ । ଅତଏବ ଏହାପରେ ପରମେଶ୍ୱର ମୋତେ ଏପରି କରିବାର ଭାବନାରେ ଅଙ୍କୁଶ ଲଗାଇଲେ । କିନ୍ତୁ ଏହା ମୋର ବିଶ୍ୱାସ ଥିଲା, ଯେହେତୁ ମୋର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା ତେଣୁକରି ପ୍ରଭୁ ଇଚ୍ଛା କଲେ ନାହିଁ ଯେ ଅଧିକ ମାନସିକ ପରିଶ୍ରମ କରି ମୁଁ ଯେପରି କୌଣସି ଶାରୀରିକ ସମସ୍ୟାରେ ପଡ଼ି ନଯାଏ । ତେଣୁକରି ସେ ମୋତେ ସର୍ବସାଧାରଣଙ୍କ ସମ୍ମୁଖରେ ଭାଷଣ ଦେବାରୁ ରୋକିଦେଲେ । ଏହା ପୂର୍ବରୁ ମଧ୍ୟ ଥରେ ଏପରି ଘଟଣା ଘଟିଥିଲା ଯେ ମୋର ଶାରୀରିକ ଦୁର୍ବଳତା ସମୟରେ ମୋତେ ଅତୀତର ନବୀମାନଙ୍କ ମଧ୍ୟରୁ ଜଣେ ନବୀ ଅର୍ଦ୍ଧଜାଗ୍ରତ ଅବସ୍ଥାରେ ସାକ୍ଷାତ କଲେ ଏବଂ ମୋ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଉପଦେଶ ପୂର୍ବକ କହିଲେ, ଏଭଳି ମାନସିକ ପରିଶ୍ରମ କାହିଁକି କରୁଛ । ଏଥି ଯୋଗୁଁ ତ ତୁମେ ଅସୁସ୍ଥ ହୋଇଯିବ । ତେବେ ସେ ଯାହା ହେଉ ଈଶ୍ୱରଙ୍କ ନିକଟରୁ ଏକା ଏକ କଟକଣା ଥିଲା ଯାହା ଯୋଗୁଁ ମୌଲବି ସାହେବଙ୍କ ନିକଟରେ ଖେଦ ପ୍ରକଟ କରାଗଲା ଏବଂ ତାହା ହିଁ ଯୁକ୍ତିଯୁକ୍ତ ଥିଲା । ଯେଉଁ ଲୋକମାନେ ମୋର ଏହି ଅସୁସ୍ଥତାର ଘାତକ ରୂପ ଦେଖିଛନ୍ତି ଏବଂ ଅତ୍ୟଧିକ ବାର୍ତ୍ତାଳାପ ଅବା ଚିନ୍ତାଗ୍ରସ୍ତ ହୋଇଯିବା ପରେ ଅତ୍ୟଧିକ ଉକ୍ତ ରୋଗ ବଢିଯିବାର ସ୍ୱଚକ୍ଷୁରେ→

ଆଗାମୀ କାଳରେ ସବୁଦିନ ପାଇଁ ନୁବଓ୍ୱତ୍ (ଅବତାରତ୍ୱ), ରିସାଲତ୍ (ବାର୍ତ୍ତାବହତ୍ୱ) ଏବଂ ଐଶୀବାଣୀର କ୍ରମାନ୍ୱୟଧାରା ଆଦି ଅବତୀର୍ଣ୍ଣ ହେବାର ପରିସମାପ୍ତ ଘଟିଥାନ୍ତା । କିନ୍ତୁ ଈଶ୍ୱରଙ୍କ ଦିବ୍ୟଜ୍ଞାନ ଓ ବୁଦ୍ଧିଶକ୍ତି କଦାପି ଏହା ସ୍ୱୀକାର କଲା ନାହିଁ ଏବଂ ଆବଶ୍ୟକ ସ୍ଥଳେ ଅର୍ଥାତ ଯେତେବେଳେ ମଧ୍ୟ ଈଶ୍ୱରପ୍ରେମ, ଈଶ୍ୱରଙ୍କ ଉପାସନା, ଧର୍ମନିଷ୍ଠତା ତଥା ପବିତ୍ରତା ଆଦି ବିଷୟରେ ପାର୍ଥକ୍ୟ ଦେଖାଦେଇଛି, ସେତେବେଳେ ପବିତ୍ର ମହାପୁରୁଷଗଣ ଈଶ୍ୱରଙ୍କ ଠାରୁ ଐଶୀବାଣୀ ଲାଭ କରି ଆଦର୍ଶ ଦୃଷ୍ଟାନ୍ତ ସ୍ୱରୂପ ସଂସାରକୁ ଆଣିଥାନ୍ତି ଏବଂ ଏହି ଦୁଇଟିଯାକ ବିଷୟ ଅନିବାର୍ଯ୍ୟ । ଯଦି ଈଶ୍ୱରଙ୍କୁ

←ଦେଖିଛନ୍ତି, ସେମାନଙ୍କୁ ଯଦିଓ ମୋ ସହିତ ଅପରିଚିତ ଥିବା ଯୋଗୁଁ ମୋତେ ଐଶୀବାଣୀ ପ୍ରାପ୍ତି ହେବାରେ ବିଶ୍ୱାସ କରନ୍ତି ନାହିଁ, କିନ୍ତୁ ତାଙ୍କୁ ଏହାର କୌଣସି ସନ୍ଦେହ ନଥିବ ଯେ ମୁଁ ବାସ୍ତବରେ ଏହି ରୋଗରେ ଆକ୍ରାନ୍ତ ହୋଇଯାଇଛି । ଡ଼ାଃ ମୁହମ୍ମଦ ହୁସେନ ଖାଁ ସାହେବ ଯେ କି ଲାହୋରର ଜଣେ ସମ୍ମାନସ୍ପଦ ମାଜିଷ୍ଟ୍ରେଟ ଏବଂ ଆଜି ପର୍ଯ୍ୟନ୍ତ ମୋ ରୋଗର ଚିକିତ୍ସା କରୁଛନ୍ତି ସେ ମୋତେ ସର୍ବଦା ତାଗିଦ କରୁଛନ୍ତି ଯେ ମାନସିକ ପରିଶ୍ରମରୁ ଉତ୍ପନ୍ନ ରୋଗ ଠାରୁ ଆରୋଗ୍ୟ ଲାଭ କରିବା ପର୍ଯ୍ୟନ୍ତ ଏଥିରୁ ବଞ୍ଚିତ ରହିବା ଉଚିତ । ଡ଼ାକ୍ତର ସାହେବ ମୋର ଏହି ଅବସ୍ଥାର ପ୍ରଥମ ସାକ୍ଷୀ ଏବଂ ମୋର ଅଧିକାଂଶ ବନ୍ଧୁ ଯେପରିକି ଭାଇ ମୌଲବି ହକିମ୍ ନୁରୁଦ୍ଦିନ୍ ସାହେବ ଜମ୍ମୁ ପ୍ରଦେଶର ରାଜବୈଦ୍ୟ ଯେକି ସର୍ବଦା ମୋ ସହିତ ଆନ୍ତରିକ ସହାନୁଭୂତି ରଖିବାରେ ନିଜକୁ ବ୍ୟସ୍ତ ରଖିଛନ୍ତି ଏବଂ ମୁନସି ଅବଦୁଲ୍ ହକ୍ ସାହେବ ଆକାଉଣ୍ଟାଟ୍ ଯେକି ପେଶାରେ ଚାକିରି କରିବା ବଶତଃ ଲାହୋରରେ ରହୁଛନ୍ତି । ସେମାନେ ମୋର ଏହି ରୋଗାକ୍ରାନ୍ତ ସମୟରେ ଏପରି ସେବା ଯତ୍ନର ଦାୟିତ୍ୱ ସମ୍ପାଦନ କରିଥିଲେ ଯାହାର ମୁଁ ମୌଖିକ ରୂପେ ବର୍ଣ୍ଣନା କରିବାକୁ ଅସମର୍ଥ । ଏସମସ୍ତ ନିଷ୍ପାପର ବ୍ୟକ୍ତିମାନେ ମୋର ସେହି ଅବସ୍ଥାର ସାକ୍ଷୀ ଅଛନ୍ତି । କିନ୍ତୁ ଦୁଃଖଦ ଯେ ପ୍ରତ୍ୟେକ ବିଶ୍ୱାସକାରୀ ସଦଭାବନାର ପ୍ରତୀକ ସାଜି ଦଣ୍ଡାୟମାନ ହୋଇଥିବା ବେଳେ ମୌଲବି ସାହେବ ମୋର ଏହି ଅସୁବିଧାକୁ ସଦଭାବନାର ସହିତ ଗ୍ରହଣ କଲେ ନାହିଁ । ଅପିତୁ ଅତ୍ୟଧିକ ଦୁର୍ଭାବନା ବଶତଃ ମିଥ୍ୟା ବୋଲି ଭାବିଲେ । ସୁତରାଂ ତାଙ୍କର ସମସ୍ତ ବକ୍ତବ୍ୟ ଯାହାକୁ ତାଙ୍କର ଜଣେ ବନ୍ଧୁ ଜମାଲୁଦ୍ଦିନ ନାମକ ଜଣେ ଡ଼ାକ୍ତର ତାଙ୍କର ଅନୁମତିକ୍ରମେ ଲେଖି ଲୋକମାନଙ୍କ ମଧ୍ୟରେ ବିତରଣ କରିଛନ୍ତି । ଯାହାକି ନିମ୍ନରେ ମୁଁ ତାହାର ଉତ୍ତର ସହିତ ଲେଖୁଛି:

**ତାଙ୍କର ବକ୍ରୋକ୍ତି:** ମୁଁ ତାଙ୍କୁ (ଅର୍ଥାତ ବିନୀତକୁ ଅଲିଗଡ଼ରେ) କହିଲି ଯେ କାଲି ଶୁକ୍ରବାର ଅଭିଭାଷଣରେ କିଛି ଉପଦେଶ ଦିଅନ୍ତୁ ଏବଂ ଏହି ଅନୁରୋଧ ସ୍ୱୀକାର କରି ସେ ମଧ୍ୟ ପ୍ରତିଶୃତି ଦେଲେ କିନ୍ତୁ ସକାଳେ ପତ୍ର ମିଳିଲା କି ମୋତେ ଐଶୀବାଣୀ ଦ୍ୱାରା ନିର୍ଦ୍ଦେଶ କ୍ରମେ ଉପଦେଶ ଦେବାକୁ ବାରଣ କରାଯାଇଛି । ମୋ ମତରେ ଭାଷଣ ଦେବାରେ ତାଙ୍କର ଅସମର୍ଥତା ଓ ପରୀକ୍ଷାରେ ପଡ଼ିଯିବା ଭୟରେ ସେ ମନା କରିଛନ୍ତି ।

**ମୋର ବର୍ଣ୍ଣନ:** ମୌଲବି ସାହେବଙ୍କର ଏହି ଭାବନା ମୋ ପ୍ରତି ଦୁଶ୍ଚିନ୍ତାଜନକ, ଯାହାକି ପୂର୍ଣ୍ଣ ରୂପେ ଧାର୍ମିକ ବିଧାନ ଅନୁଯାୟୀ ଅନୁଚିତ ବ୍ୟକ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ,→

ସଦାସର୍ବଦା ପାଇଁ ତାଙ୍କ ସୃଷ୍ଟିର ସଂସ୍କାର ପ୍ରତି ଧ୍ୟାନ ରହିଛି, ତେବେ ଏହା ନିତ୍ୟାନ୍ତ ଜରୁରୀ ଯେ ଏପରି ଐଶୀପୁରୁଷମାନଙ୍କ ଆଗମନ ଚିରଦିନ ଅବ୍ୟାହତ ରହିବା । ଯେଉଁମାନଙ୍କୁ ଈଶ୍ୱର ନିଜର ବିଶେଷ କୃପା ମାଧ୍ୟମରେ ବ୍ରହ୍ମଜ୍ଞାନ ପ୍ରଦାନ କରିଥିବେ ଏବଂ ନିଜର ଅଭିଳାଷିତ ପଥରେ ପ୍ରତିଷ୍ଠିତ କରି ରଖିଥିବେ । ନିଃସନ୍ଦେହରେ ଏହିକଥା ବିଶ୍ୱାସଯୋଗ୍ୟ ଓ ସର୍ବମାନ୍ୟ ବିଷୟ ମଧ୍ୟରେ ଅନ୍ତର୍ଭୁକ୍ତ ଯେ ଏହି ପ୍ରକ୍ରିୟା ମାନବଜାତିର ସୁଧାର ସକାଶେ ଏକ ଅସାଧାରଣ କାର୍ଯ୍ୟ ନିର୍ବାହ କେବଳ କାଗଜ ତିଆରୀ ଘୋଡ଼ା ଦୌଡ଼ କରି ସମ୍ପନ୍ନ କରାଯାଇ ନଥାଏ । ସେଥିପାଇଁ ଏହି ମାର୍ଗରେ

← ଯାହା ଏକ ପବିତ୍ର ସ୍ୱଭାବ ମନୁଷ୍ୟର କାର୍ଯ୍ୟ ନୁହେଁ । ତେଣୁ ତାଙ୍କ ଉକ୍ତିରେ କୌଣସି ବାସ୍ତବତା ଓ ସତ୍ୟତା ନାହିଁ । ଯଦି ମୁଁ କେବଳ ଅଲ୍ଲିଗଡ଼ ଆସି ବିଶେଷତଃ ଏହି ଅବସରରେ ଐଶୀବାଣୀ ଲାଭ କରି ଥିବାର ଘୋଷଣା କରିଥାନ୍ତି, ତେବେ ନିଃସନ୍ଦେହରେ କୁଧାରଣାର ଏକ କାରଣ ହୋଇଥା'ନ୍ତା । ଅବଶ୍ୟ ଏହା ଚିନ୍ତା କରାଯାଇ ପାରିଥାନ୍ତା ଯେ ମୁଁ ମୌଲବି ସାହେବଙ୍କ ପାଣ୍ଡିତ୍ୟ ଓ ଉଚ୍ଚ ପ୍ରତିଷ୍ଠା ଦେଖି ତଥା ତାଙ୍କ ମହାନତା ଓ ମର୍ଯ୍ୟାଦାରେ ପ୍ରଭାବିତ ହୋଇ ଭୟଭୀତ ହୋଇଗଲି ଏବଂ ଭାଷଣ ନଦେବାର ବାହାନା କରି ସେଥିରୁ ନିସ୍ତାର ପାଇଗଲି ଓ ତାଙ୍କଠାରୁ ବର୍ତ୍ତି ରହିବାରେ ସଫଳ ହେଲି । କିନ୍ତୁ ମୁଁ ତ ଐଶୀବାଣୀ ପ୍ରାପ୍ତକରୀ ହୋଇଥିବାର ଘୋଷଣା ଅଲ୍ଲିଗଡ଼ ଯାତ୍ରାର ୬/୭ବର୍ଷ ପୂର୍ବରୁ ସମଗ୍ର ଦେଶରେ ପ୍ରକାଶିତ କରିସାରିଛି । 'ବରାହିନେ ଅହମଦିୟା' ପୁସ୍ତକର ଅଧିକାଂଶ ସ୍ଥାନ ଏହି ସୂଚନାର ଉଲ୍ଲେଖ ଭରପୁର ହୋଇ ରହିଛି । ଯଦି ମୁଁ ଭାଷଣ ଦେବାରେ ଅସମର୍ଥ ହୋଇଥାନ୍ତି, ତେବେ ସେହି ପୁସ୍ତକମାନ ଯାହାକି ମୋ ମୁଖରୁ ଭାଷଣ ରୂପରେ ଜନସଭା ସମ୍ମୁଖରେ ଯେଉଁଠାରେ କି ସହସ୍ରାଧିକ ସମର୍ଥକ ଓ ବିରୋଧିମାନଙ୍କ ସଭାରେ ଲିଖିତ ଆକାରରେ କିଭଳି ପ୍ରକାଶ ପାଇଲା ? ଯେପରିକି 'ସୁର୍‌ମା ଚଶମା ଆର୍ଯ୍ୟା' ପୁସ୍ତକ କିଭଳି ମୋର ଏତାଦୃଶ୍ୟ ଦୁର୍ବଳ ଭାଷଣ ଶୈଳୀ ଦ୍ୱାରା ବାହାରି ପାରିଥା'ନ୍ତା ? ଏବଂ କିଭଳି ଏହା ମୋର ମହତ୍ୱପୂର୍ଣ୍ଣ ମୌଖିକ ଭାଷଣର କ୍ରମଧାରା ଯେଉଁଠାରେ ଶତ ସହସ୍ର ଭିନ୍ନ ଭିନ୍ନ ଚରିତ୍ରର ଓ ସାମର୍ଥ୍ୟବାନ ବ୍ୟକ୍ତିତ୍ୱମାନଙ୍କ ସହିତ ମୋତେ ସର୍ବଦା ମାନସିକ ସଂଘର୍ଷ କରିବାକୁ ପଡ଼ିଥାଏ, ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଛି । ଦୁଃଖଦ ଶତ ସହସ୍ର ଦୁଖଃରେ ଭରା ବିଷୟ ପ୍ରଚଳିତ ଯୁଗର ସେହି ମୌଲବିଙ୍କ ପ୍ରତି ଯେକି ସେମାନଙ୍କୁ ଦ୍ୱେଷର ଅଗ୍ନୀ ଅନ୍ତର ଭିତରୁ ଗ୍ରାସ କରିଥାଏ । ଲୋକମାନଙ୍କୁ ତ ବିଶ୍ୱାସର ଗାରିମା ଓ ଭ୍ରାତୃଭାବ ତଥା ପରସ୍ପର ପ୍ରତି ଉତ୍ତମ ଓ ସକାରାତ୍ମକ ଧାରଣା ପୋଷଣ କରିବା ପାଇଁ ସର୍ବଦା ଶିକ୍ଷା ଦେଇଥାଉ ଏବଂ ମଞ୍ଚ ଉପରେ ଛିଡ଼ା ହୋଇ ଏଥି ସମ୍ବନ୍ଧରେ ପ୍ରଭୁଙ୍କ ପଙ୍‌କ୍ତି ଶୁଣାଇଥାଉ । କିନ୍ତୁ ଆପଣ ତ ସେହି ଆଦେଶକୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ । ହେ ସର୍ବଶକ୍ତିମାନ ପ୍ରଭୁ ତାଙ୍କର ଆଖି ଖୋଲି ଦିଅନ୍ତୁ । କ'ଣ ଏହା ସମ୍ଭବ ନୁହେଁ ଯେ ଈଶ୍ୱର ନିଜର ଐଶୀବାଣୀ ପ୍ରାପ୍ତ ଭକ୍ତଙ୍କୁ କୌଣସି କାରଣବଶତଃ ଏକ କାର୍ଯ୍ୟ କରିବାରୁ ବାରଣ କରିଦିଅନ୍ତି ଏବଂ ସମ୍ଭବତଃ, ସେହି ବାରଣ କରିବାର ଦ୍ୱିତୀୟ କାରଣ ଏହା ହୋଇଥାଇପାରେ ଯେ ଆପଣଙ୍କ ଅନ୍ତର୍ନିହିତ ବିଶେଷତ୍ୱଗୁଡ଼ିକର ପରୀକ୍ଷା ହୋଇଯିବ । ଯେଉଁ ଲୋକମାନେ ଆପଣଙ୍କ ସମଭାବ ଗୁଣ ଓ ସହଧର୍ମି ହୋଇଥିବେ,→

ପରିଚାଳିତ ହେବା ଏକାନ୍ତ ଆବଶ୍ୟକ ଯେଉଁ ପଥରେ ପ୍ରାରମ୍ଭରୁ ଈଶ୍ୱରଙ୍କ ପବିତ୍ର ଅବତାରଗଣ ଅବତୀର୍ଣ୍ଣ ହୋଇ ଆସୁଛନ୍ତି । ସୁତରାଂ ଇସଲାମ ଏହି ପଥରେ ପାଦ ଥାପିବା ସଙ୍ଗେ ସଙ୍ଗେ ଏହି ପ୍ରଭାବଶାଳୀ ବ୍ୟବସ୍ଥା ଏଭଳି ଦୃଢତା ଓ ସଶକ୍ତ ଉପାୟରେ ପ୍ରଚଳିତ କଲେ, ଯାହାର ଉଦାହରଣ ଅନ୍ୟ ଧର୍ମମାନଙ୍କରେ କଦାପି ଦେଖିବାକୁ ମିଳୁ ନାହିଁ । କିଏ ଅଛି ଯିଏ ଏହି ବିଶାଳ ଜମାଅତର ଅସ୍ତିତ୍ୱ ଅନ୍ୟ ସ୍ଥାନରେ ଦେଖାଇ ପାରିବ, ଯେଉଁମାନେ ସଂଖ୍ୟାରେ ଦଶ ହଜାରରୁ ଅଧିକ ବଢିଯାଇଥିଲେ ଏବଂ ସଂପୂର୍ଣ୍ଣ ଆସ୍ଥା, ନିଷ୍ଠା, ବିନୟତା, କଠୋର ପରିଶ୍ରମ ଏବଂ

---

← ସେମାନଙ୍କ କଳୁଷିତ ଚିନ୍ତାଧାରା ଏହି କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ପ୍ରକାଶ ପାଇଯିବ । ବାକି ରହିଲା ଏହି କଥା କି ଆପଣଙ୍କ ଜ୍ଞାନର ପ୍ରତିଷ୍ଠା ଓ ପ୍ରତାପ ଯୋଗୁଁ ମୁଁ ଭୟଭୀତ ହୋଇଗଲି । ଏହାର ଉତ୍ତର ଅବଶ୍ୟ ଶୁଣି ରଖନ୍ତୁ ଯେ ଯେଉଁ ଲୋକମାନେ ବାଚାଳତାର ଅନ୍ଧକାର ଓ ମାନସିକ ଅନ୍ଧପଣରେ ମାୟାଗ୍ରସ୍ତ ହୋଇଛନ୍ତି, ଯଦି ସେମାନେ ସଂସାରର ଯେତେ ବଡ଼ ଦର୍ଶନଶାସ୍ତ୍ରୀ ଓ ବିଦ୍ୱାନ ହୁଅନ୍ତୁ ନା କାହିଁକି, ମୋ ଦୃଷ୍ଟିରେ ସେମାନଙ୍କ ମୂଲ୍ୟ ଏକ ମୃତ କୀଟ ଠାରୁ ଅଧିକ କିଛି ନୁହେଁ । କିନ୍ତୁ ଆପଣ ସେହି ସ୍ତରର ଜ୍ଞାନୀ ମଧ୍ୟ ନୁହନ୍ତି କେବଳ ଜଣେ ମୌଳବାଦୀ ଶୁଷ୍କ ମୁଲ୍ଲା ଏବଂ ଯେଉଁ ଅନ୍ଧବିଶ୍ୱାସୀ ମୁଲ୍ଲାମାନଙ୍କ ନିକଟରେ ସେହି ଧୃଷ୍ଟତା ଦେଖିବାକୁ ମିଳିଥାଏ, ତାହା ମଧ୍ୟ ଆପଣଙ୍କ ଅନ୍ତରରେ ଲୁଚି ରହିଛି । ଆପଣଙ୍କର ଏହା ମନେରଖିବା ଉଚିତ ଯେ ମୋ ନିକଟକୁ ଅଧିକାଂଶ ଏଭଳି ଧର୍ମ ତତ୍ତ୍ୱବିତ୍ ଗବେଷକ ଓ ପ୍ରବୀଣ ଶିକ୍ଷାବତ୍ ତଥା ବିସ୍ତୃତ ଜ୍ଞାନୀଗୁଣି ଲୋକ ଆସିଥାନ୍ତି । ସେମାନେ ଏପରି ନିଗୂଢ ତତ୍ତ୍ୱଜ୍ଞାନ ଦ୍ୱାରା ଉପକୃତ ହୋଇଥାନ୍ତି ଯେ ଯଦି ମୁଁ ତାଙ୍କ ମୁକାବିଲାରେ ଆପଣଙ୍କୁ ପ୍ରାଥମିକ କକ୍ଷର ଛାତ୍ର ବୋଲି ସମ୍ମାନ ଦେବି, ତେବେ ସୁଦ୍ଧା ଆପଣ ଏହି ମର୍ଯ୍ୟାଦାର ଯୋଗ୍ୟ ନୁହନ୍ତି ।

ଏବେ ମଧ୍ୟ ଯଦି ଆପଣଙ୍କ ସନ୍ଦେହ ଦୂର ନହୁଏ ଓ ଦୁଶ୍ଚିନ୍ତା କମ୍ ନହୁଏ, ତେବେ ମୁଁ ଈଶ୍ୱରଙ୍କ ସାହାଯ୍ୟ ଓ ଦୟା ବଳରେ ଆପଣଙ୍କ ମୁକାବିଲାରେ ଭାଷଣ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି । ବର୍ତ୍ତମାନ ମୁଁ ଅସୁସ୍ଥତା ଯୋଗୁଁ ଦୂର ଯାତ୍ରା ତ କରିପାରୁ ନାହିଁ କିନ୍ତୁ ଯଦି ଆପଣ ରାଜି ହୁଅନ୍ତି ତେବେ ପଞ୍ଜାବର ରାଜଧାନୀ ଠାରେ ଆପଣଙ୍କୁ ଏହି କାର୍ଯ୍ୟ ଓ ପରୀକ୍ଷାର ସମ୍ମୁଖୀନ ହେବା ସକାଶେ କଷ୍ଟ ଦେଇପାରେ ଏବଂ ଏଥିପାଇଁ ପୂର୍ଣ୍ଣ ସଂକଳ୍ପ କରୁଅଛି ତଥା ଆପଣଙ୍କ ଉତ୍ତରର ପ୍ରତୀକ୍ଷାରେ ରହିଛି ।

**ତାଙ୍କର ବକ୍ରୋକ୍ତି:** ଏହି ବ୍ୟକ୍ତି (ଅର୍ଥାତ ମୁଁ) ଅପାରଗ ତଥା ଜ୍ଞାନଭିତ୍ତିକ ଦକ୍ଷତା ରଖୁ ନାହିଁ ।

**ମୋର ବର୍ଣ୍ଣନ:** ହେ ମହାଶୟ ! ମୁଁ କୌଣସି ସାଂସାରିକ ଜ୍ଞାନର ନିପୁଣତା ଓ ପାଣ୍ଡିତ୍ୟ ଅର୍ଜନ କରିଥିବାର ଘୋଷଣା କରି ନାହିଁ । ଏହି ସାଂସାରିକ ଚାଲାକି ଚତୁରତାକୁ ନେଇ ମୁଁ କ'ଣ ବା କରିବି ? ଯାହାକି ଆତ୍ମାକୁ ଉଜ୍ଜ୍ୱଳମୟ କରିପାରିବ ନାହିଁ । ଆଭ୍ୟନ୍ତରିଣ ଆବର୍ଜନା ପରିଷ୍କାର କରିପାରିବ ନାହିଁ । ନମ୍ରତା ଓ ବିନୟ ଭାବ ଉତ୍ପନ୍ନ କରିପାରିବ ନାହିଁ । ବରଂ ସେଥିରେ କଳଙ୍କି→

ପୂର୍ଣ୍ଣ ମନଯୋଗର ସହିତ ସତ୍ୟର ପ୍ରାପ୍ତି ସକାଶେ ଓ ସତ୍ୟତାକୁ ଜାଣିବା ପାଇଁ ନବୀଙ୍କ ଶ୍ରୀଚରଣରେ ସଦୈବ ପଡ଼ି ରହୁଥିଲେ । ନିଃସନ୍ଦେହରେ ହଜରତ ମୁସାଙ୍କୁ ମଧ୍ୟ ଏକ ଜମାଅତ ମିଳିଥିଲା । କିନ୍ତୁ ତାହା କିପରି ଏବଂ କେଉଁ ଧରଣ ଦୃଷ୍ଟାମି, ଅବମାନନା ଓ ବିଦ୍ରୋହାତ୍ମକ ଆଚରଣ କରି ଆଧାତ୍ମିକ ସତ୍‌ସଙ୍ଗ ତଥା ସତ୍ୟ ଉପରେ ପ୍ରତିଷ୍ଠିତ ରହିବାରୁ ବଞ୍ଚିତ ଥିଲେ । ଏହି ବିଷୟ ବାଇବେଲ ଅଧ୍ୟୟନକାରୀ ଓ ୟହୁଦିଙ୍କ ଇତିହାସ ଉପରେ ଦୃଷ୍ଟି ପକାଇଉଥିବା ଲୋକମାନେ ବେଶ୍ ଭଲ ଭାବରେ ଜାଣନ୍ତି । କିନ୍ତୁ ହଜରତ ମୁହମ୍ମଦ[ସଅ]ଙ୍କ ସଂପ୍ରଦାୟ ନିଜର ପ୍ରିୟ ନବୀଙ୍କ ମାର୍ଗରେ ଏପରି ଏକତା ଓ ଆଧାତ୍ମିକ ଏକାଗ୍ରତା ସୃଷ୍ଟି କରି ଦେଇଥିଲେ ଯେ ଇସଲାମୀୟ ଭାତୃଭାବ ଦୃଷ୍ଟିକୋଣରୁ ବାସ୍ତବରେ ଗୋଟିଏ ସତ୍ତା ଧାରଣ କରିଥିଲେ । ତାଙ୍କର ଦୈନନ୍ଦିନ

---

← ଉପରେ କଳଙ୍କି ପଡ଼ିଯାଏ ଏବଂ ଅମାନ୍ୟ ଉପରେ ଅମାନ୍ୟ କରିବାରେ ବୃଦ୍ଧି ଘଟି ଚାଲିଥାଏ । ମୋ ପାଇଁ ପ୍ରଭୁଙ୍କ ସାହାଯ୍ୟ ଓ ଅନୁକମ୍ପା ଯଥେଷ୍ଟ । ସେ ମୋତେ ସେହି ଜ୍ଞାନ ପ୍ରଦାନ କଲେ ଯାହାକି ମଦ୍ରାସାରୁ ପ୍ରାପ୍ତ ହୋଇ ନଥାଏ, ବରଂ ଐଶୀ ଶିକ୍ଷକ ଦ୍ୱାରା ଆହରଣ କରାଯାଇଥାଏ । ଯଦି ମୋତେ ମୁର୍ଖ ଓ ନିର୍ବୋଧ ବୋଲି କୁହାଯାଏ, ତେବେ ଏଥିରେ ମୋର କେଉଁ ସମ୍ମାନହାନୀ ଘଟିବ । ବରଂ ଏହା ତ ମୋ ପାଇଁ ଏକ ମର୍ଯ୍ୟାଦର ସ୍ଥାନ କାରଣ ମୋର ତଥା ସମସ୍ତ ମାନବଜାତିର ପଥପ୍ରଦର୍ଶକ ରୂପେ ଯେଉଁ ମାନବ ସମଗ୍ର ସଂସାରର ସୁଧାର ନିମନ୍ତେ ଆସିଥିଲେ, ସେ ତ ଜଣେ ନିରକ୍ଷର ଥିଲେ । ମୁଁ ସେହି କୁଟିଳତାରେ ଭରା ଖପୁରିକୁ କଦାପି ମାନ୍ୟତା ପାଇବାର ଯୋଗ୍ୟ ମଣିବି ନାହିଁ, ଯେଉଁଥିରେ ଜ୍ଞାନର ଅହଂକାର ଭରି ରହିଛି । କିନ୍ତୁ ଯାହାର ବାହ୍ୟ ଓ ଅନ୍ତର ଅନ୍ଧକାରରେ ପରିପୂର୍ଣ୍ଣ ହୋଇ ରହିଛି । ପବିତ୍ର କୁରଆନ ଖୋଲି ଗଧର ଦୃଷ୍ଟାନ୍ତ ପ୍ରତି ଧ୍ୟାନ ଦେଇ ଟିକିଏ ଚିନ୍ତା କର । କ'ଣ ଏହା ଯଥେଷ୍ଟ ନୁହେଁ ?

**ତାଙ୍କର ବକ୍ରୋକ୍ତି:** ମୁଁ ଐଶୀବାଣୀ ସମ୍ବନ୍ଧରେ ତାଙ୍କୁ କେତେକ ପ୍ରଶ୍ନ କରିବାରୁ ସେ ସବୁର ମୂଲ୍ୟହୀନ ଉତ୍ତର ଦେଇ ନିରବ ରହିଲେ ।

**ମୋର ବର୍ଣ୍ଣନ:** ମୋର ମନେ ଅଛି ଯେ ତାଙ୍କ ପ୍ରଶ୍ନଗୁଡ଼ିକର ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଉତ୍ତର ଦିଆଯାଇଥିଲା । ଏବଂ ଏପରି ବ୍ୟକ୍ତି ପାଇଁ ତାହା ଯଥେଷ୍ଟ ଥିଲା ଯିଏ କି ସେତିକି ମାତ୍ର ବୁଦ୍ଧି ବିବେକ ଓ ନ୍ୟାୟର ସାମର୍ଥ୍ୟ ରଖିଛି । ମାତ୍ର ଆପଣ ଏହା ବୁଝିଲେ ନାହିଁ ଯେ ଏଥିରେ କାହାର ଅଯୋଗ୍ୟପଣ ପ୍ରକାଶିତ ହେଲା, ଆପଣଙ୍କର ନା ଅନ୍ୟ କାହାର । ସେହି ପ୍ରଶ୍ନ କୌଣସି ଖବର କାଗଜରେ ପ୍ରକାଶ କରାନ୍ତୁ ଏବଂ ପୁନର୍ବାର ନିଜର ବିଚକ୍ଷଣ ବୁଦ୍ଧି ବିବେକକୁ ପରୀକ୍ଷା କରାଇନିଅନ୍ତୁ ।

**ତାଙ୍କର ବକ୍ରୋକ୍ତି:** କଦାପି ବିଶ୍ୱାସ ହେଉ ନାହିଁ ଯେ ଏଭଳି ଉଚ୍ଚ କୋଟିର ପୁସ୍ତକର ଏହି ମହାଶୟ ରଚୟିତା ହୋଇଥିବେ ।

**ମୋର ବର୍ଣ୍ଣନ:** ଆପଣ କ'ଣ ବିଶ୍ୱାସ କରିବେ, ଏପରି ବିଶ୍ୱାସ ରଖିବା ତ ମକ୍କାର ଅମାନ୍ୟକାରୀଗଣଙ୍କୁ ଭାଗ୍ୟରେ ଜୁଟିଲା ନାହିଁ, ଯେଉଁମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ସ୍ୱଚକ୍ଷୁରେ→

ଆଚାର ବ୍ୟବହାର, ଜୀବନଶୈଳୀ ତଥା ସେମାନଙ୍କ ଅନ୍ତର ଓ ବାହାର ସବୁଠାରେ ଅବତାରତ୍ୱର ପ୍ରକାଶରେ ବିଭୂଷିତ ହୋଇ ଯାଇଥିଲା, ଯେପରିକି ସେସବୁ ହଜରତ ମୁହମ୍ମଦସଅଙ୍କ ଅବୟବର ପ୍ରତିବିମ୍ବ ସ୍ୱରୂପ ଥିଲା । ସୁତରାଂ ଏହି ଅଲୌକିକ ଆଭ୍ୟନ୍ତରିଣ ପରିବର୍ତ୍ତନ ଘଟିବା ଦ୍ୱାରା ଘୃଣ୍ୟ ମୂର୍ତ୍ତିପୂଜକ ଅଲ୍ଲାଃଙ୍କର ପରମ ଆରାଧନାକାରୀ ପାଲଟିଗଲେ । ଏବଂ ସଦୈବ ସାଂସାରିକ ମୋହମାୟାରେ ମଗ୍ନ ରହୁଥିବା ବ୍ୟକ୍ତି ପ୍ରକୃତ ଈଶ୍ୱରଙ୍କ ସହିତ ଏଭଳି ସମ୍ପର୍କ ସ୍ଥାପନ କଲେ ଯେ ତାଙ୍କ ମାର୍ଗରେ ପାଣି ପରି ନିଜର ରକ୍ତ ବୁହାଇବା ପାଇଁ ପ୍ରସ୍ତୁତ ହୋଇଗଲେ । ବାସ୍ତବରେ ଏହା ଜଣେ ସତ୍ୟନିଷ୍ଠ ଓ ସମ୍ପୂର୍ଣ୍ଣ ନବୀଙ୍କ ସତ୍‌ସଙ୍ଗରେ ରହି ନିଷ୍ପାପର ଭାବେ ଜୀବନଯାପନ କରିବାର ପରିଣାମ ଥିଲା । ସୁତରାଂ ଏହି କାରଣରୁ ଏହି ବିନୀତକୁ ସେହି କ୍ରମକୁ ପ୍ରଚଳିତ କରି ରଖିବା ନିମନ୍ତେ ନିଯୁକ୍ତ କରାଯାଇଛି କରାଯାଇଛି ।

←ଦେଖିଥିଲେ ଏବଂ ସେମାନଙ୍କ ଅନ୍ତର ଘୋର ଅନ୍ଧକାରଛନ୍ନ ଥିବା ଯୋଗୁଁ ସେମାନଙ୍କ ଅନ୍ତର୍ଦୃଷ୍ଟି ନବୀ ଶ୍ରେଷ୍ଠତ୍ୱ ଦେଖିପାରିଲା ନାହିଁ । ସେମାନେ ଏହା ହିଁ କହୁଥିଲେ ଯେ ଏହି ଅମୃତ ବଚନ ଯାହାକି ତାଙ୍କ ମୁଖରୁ ନିଃସୃତ ହେଉଛି ଏବଂ ଏହି ପବିତ୍ର କୁରଆନ ବାଣୀ ଯାହାକି ଅଲ୍ଲାଃଙ୍କ ଭକ୍ତମାନଙ୍କୁ ଶୁଣାଯାଉଛି, ଏହି ସମସ୍ତ ପଙକ୍ତିଗୁଡ଼ିକ ବାସ୍ତବରେ ଅନ୍ୟ କେତେକ ଲୋକମାନଙ୍କ ଦ୍ୱାରା ରଚିତ ହୋଇଛି । ସେହି ବାଣୀମାନ ସଞ୍ଜସକାଳେ ତାଙ୍କୁ ଗୁପ୍ତ ରୂପେ ଶିଖା ଯାଉଛି । ଏବଂ ଗୋଟିଏ ଦିଗରୁ ସେହି ଅବିଶ୍ୱାସକାରୀମାନେ କହୁଥିବା ମଧ୍ୟ ସତ୍ୟ ଭକ୍ତି ଏବଂ ମୌଲବି ସାହେବଙ୍କ ତୁଣ୍ଡରୁ ମଧ୍ୟ ସେହି ସତ୍ୟ ହିଁ ବାହାରିଲା । କାରଣ ନିଃସନ୍ଦେହ ପବିତ୍ର କୁରଆନର ବାଣୀ ସର୍ବଶ୍ରେଷ୍ଠ ଥିଲା ଓ ସୂକ୍ଷ୍ମ ଐଶୀଜ୍ଞାନ ତଥା ଗୂଢ଼ ତତ୍ତ୍ୱରେ ହଜରତ ମୁହମ୍ମଦସଅଙ୍କ ବୌଦ୍ଧିକ ଶକ୍ତି ଠାରୁ ବେଶ୍ ଉଚ୍ଚମାନର ଥିଲା । ବରଂ ସମସ୍ତ ମାନବଜାତିର ଧୀଶକ୍ତି ଠାରୁ ମଧ୍ୟ ବହୁ ଊର୍ଦ୍ଧ୍ୱରେ ଓ ମହାନ ସିଦ୍ଧ ହେଲା । ଏହା କେବଳ ମାନବୀୟ ବୁଦ୍ଧି ଜ୍ଞାନ ଦ୍ୱାରା ନୁହେଁ, ବରଂ ସର୍ବଶକ୍ତିମାନ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାରି ଦ୍ୱାରା ଉହି ଉତ୍କୃଷ୍ଟ ବାଣୀ ସମ୍ଭବପର ନୁହେଁ । ତଦନୁରୂପ ସେହି ପୁସ୍ତକ ଯାହା ଏହି ବିନୀତ ରଚନା କରି ପ୍ରକାଶିତ କରିଛି, ବାସ୍ତବରେ ତାହା ଅଦୃଶ୍ୟ ପରମ ଶକ୍ତିର ସହାୟତାର ପରିଣାମ ଅଟେ । ଏହି ବିନୀତର ସାମର୍ଥ୍ୟ ଓ ଯୋଗ୍ୟତା ଠାରୁ ଉର୍ଦ୍ଧ୍ୱରେ ଓ କୃତଜ୍ଞତାର କାରଣ ଯେ ମୌଲବି ସାହେବଙ୍କର ଏହି ଅଭିଯୋଗ ଦ୍ୱାରା ମୋର ଏକ ଭବିଷ୍ୟତବାଣୀ ଯାହାକି ବରାହିନେ ଅହମଦିୟା ପୁସ୍ତକରେ ଉଲ୍ଲେଖ ରହିଛି, ଯଥା ରୂପେ ପୂରଣ ହେଲା । ତାହା ହେଉଛି କେତେକ ଲୋକ ଏହି ଆଲେଖ୍ୟ ପାଠ କରି କହି ଉଠିବ ଯେ ଏହି ପୁସ୍ତକ ସମ୍ପୃକ୍ତ ବ୍ୟକ୍ତିଙ୍କର ନିଜସ୍ୱ ରଚନା ନୁହେଁ । **ବଲ୍‌ଆନହୁ ଆଲୈହି କୌମୁନ୍ ଆଖରୁନ୍** ଅର୍ଥାତ ତାଙ୍କର ସହାୟତା ଅନ୍ୟ କୌଣସି ଗୋଷ୍ଠୀ କରିଛି ।

(ବରାହିନେ ଅହମଦିୟା, ପୃ-୨୩୯)

**ତାଙ୍କ ବକ୍ରୋକ୍ତି:** ସୟଦ ଅହମଦ ଆରବୀୟ ଯାହାଙ୍କୁ ମୁଁ ବିଶ୍ୱସ୍ତ ମଣୁଛି, ସେ ମୋତେ ସିଧାସଳଖ କହିଲେ ଯେ ମୁଁ ଦୁଇ ମାସ ପର୍ଯ୍ୟନ୍ତ ତାଙ୍କ (ଅର୍ଥାତ ହଜରତ ଅହମଦଙ୍କ)ର ➔

ଏବଂ ଏହି ଇଚ୍ଛା ପ୍ରକାଶ କରୁଛି ଯେ ମୋ ସଙ୍ଗତରେ ରହୁଥିବା ଲୋକମାନଙ୍କର ସଂଖ୍ୟାର କ୍ରମଧାରାକୁ ଅଧିକ ବଢାଇ ଦିଆଯାଉ ଏବଂ ଏପରି ଲୋକମାନେ ଦିବାରାତ୍ର ସଙ୍ଗତରେ ରହିଚାଲିଥାନ୍ତୁ, ଯେ ବିଶ୍ୱାସ, ଆସ୍ଥା ଓ ପ୍ରେମରେ ଅଭିବୃଦ୍ଧି କରିବାକୁ ଆଗ୍ରହ ରଖୁଥିବେ । ସେମାନଙ୍କ ଉପରେ ସେହି ପ୍ରକାଶର ଉଦୟ ହେଉ ଯାହାକୁ ଏହି ବିନୀତ ଉପରେ ପ୍ରକଟିତ କରାଯାଇଛି । ଏବଂ ସେହି ଆନନ୍ଦ ସେମାନଙ୍କୁ ପ୍ରାପ୍ତ ହେଉ, ଯାହାକି ଏହି ବିନୀତକୁ ପ୍ରଦାନ କରାଯାଇଛି । ଯଦ୍ୱାରା ଇସଲାମର ଆଲୋକ ସମଗ୍ର ସଂସାରରେ ପରିବ୍ୟାପ୍ତ ହୋଇଯିବ ଏବଂ ଘୃଣା ଓ ଅପମାନର କାଳିମା ମୁସଲମାନମାନଙ୍କ କପାଳରୁ ଧୌତ କରାଯିବ । ଏହାର ଶୁଭ ସୂଚନା ଦେଇ ପ୍ରଭୁ ମୋତେ ପ୍ରେରଣ କରିଛନ୍ତି ଏବଂ କହିଛନ୍ତି: **ବଖରାମ କି ଓ୍ୱକ୍ତ ତୁ ନଜଦିକ୍ ରସିଦ ଓ ପାଏ ମୁହମ୍ମଦିୟାଁ ବରମନାର ବୁଲନ୍ଦତର୍ ମୁହକମ ଉଫତାଦ୍** ଅର୍ଥାତ ତୁମେ ଧନ୍ୟ ହୋଇଗଲ ଯେ ତୁମର ସମୟ ଆସନବର୍ତ୍ତୀ ଏବଂ ମୁହମ୍ମଦ[ସ.ଅ] ପବିତ୍ର ପାଦ

---

←ବିଶେଷ ଅନୁଗାମୀମାନଙ୍କ ଗହଣରେ ରହିଲି ଏବଂ ମଝିରେ ମଝିରେ ଅନୁସନ୍ଧାନ ଓ ପରୀକ୍ଷା ନିରୀକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବିଶେଷ ଅବସରରେ ଉପସ୍ଥିତ ରହି ଅନୁଧ୍ୟାନ କରି ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ ବାସ୍ତବରେ ତାଙ୍କ ନିକଟରେ ନକ୍ଷତ୍ର ଜ୍ଞାନ ଯନ୍ତ୍ର ଅଛି, ଯାହାକୁ ସେ ବିନିଯୋଗ କରୁଛନ୍ତି ।

**ମୋର ବର୍ଣ୍ଣନ:** تَعَالَوْا نَدْعُ اَبْنَآءَنَا وَاَبْنَآءَكُمْ وَنِسَآءَنَا وَنِسَآءَكُمْ وَاَنْفُسَنَا وَاَنْفُسَكُمْ ۗ ثُمَّ نَبْتَهِلْ فَنَجْعَلْ لَّعْنَتَ اللّٰهِ عَلَى الْكٰذِبِيْنَ

**ତାଅଲୌ ନଦ୍‌ଉ ଅବ୍‌ନା ଅନା ଓ୍ୱଅବ୍‌ନାଅକୁମ୍ ଓ୍ୱନିସାଅନା ଓ୍ୱନିସାଅକୁମ୍ ଓ୍ୱଅନ୍‌ଫୁସନା ଓ୍ୱଅନ୍‌ଫୁସାକୁମ୍ ସୁମ୍ମା ନବ୍‌ତହିଲ୍ ଫନଯ୍ ଅଲ୍‌ଲା'ନତଲ୍ଲାହି ଅଲଲ୍ କାଜିବୀନ୍** (ଆଲେ ଇମ୍ରାନ 3:62) ଅର୍ଥାତ 'ଆସ, ଆମେମାନେ ନିଜ ପୁତ୍ରମାନଙ୍କୁ ଓ ତୁମେମାନେ ନିଜ ପୁତ୍ରମାନଙ୍କୁ ଏବଂ ଆମେମାନେ ନିଜର ପତ୍ନୀମାନଙ୍କୁ ଓ ତୁମେମାନେ ନିଜର ପତ୍ନୀମାନଙ୍କୁ ଏବଂ ଆମେମାନେ ନିଜକୁ ଓ ତୁମେମାନେ ନିଜକୁ ଡ଼ାକିବା । ପୁଣି ଆତୁର ହୋଇ ପ୍ରାର୍ଥନା କରିବା ଏବଂ ମିଥ୍ୟାବାଦୀମାନଙ୍କ ଉପରେ ଅଭିଶାପ ପକାଇବା ।' ବସ୍ତୁତଃ ମୋ ନିକଟରୁ ଏହି ଉତ୍ତର ପାଇବ ଯାହାକୁ ମୁଁ ଅଲ୍ଲାହଙ୍କ ବାଣୀ ମାଧ୍ୟମରେ ଉଲ୍ଲେଖ କରିଦେଇଛି ଏବଂ ମୋର ଏହା ଆଦୌ ମନେପଡୁ ନାହିଁ ଯେ ସେହି ସୟଦ ଅହମଦ ସାହେବ ବ୍ୟକ୍ତି ଜଣକ କିଏ ? ଯେକି ମୋ ନିକଟରେ ଦୁଇମାସ କାଳ ଅବସ୍ଥାନ କରିଥିଲେ । ତେଣୁ ଏହି କଥାର ପ୍ରମାଣ ଦେବା ମୌଲବି ସାହେବଙ୍କ କର୍ତ୍ତବ୍ୟ ଯେ ସେହି ବ୍ୟକ୍ତିଙ୍କୁ ମୋ ସମ୍ମୁଖରେ ଉପସ୍ଥିତ କରାନ୍ତୁ । ଯଦ୍ୱାରା ତାଙ୍କୁ ପ୍ରଶ୍ନ କରାଯାଇ ପାରିବ ଯେ ସେ କେଉଁ ଯନ୍ତ୍ର ଦେଖିଥିଲେ । ଯେତେବେଳେ କି ମୁଁ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛି ଏବଂ ଏହି ଅବସ୍ଥାରେ ମୌଲବି ସାହେବ ଦୁଇମାସ ରହି ଦେଖି ନିଅନ୍ତୁ ଯେ ଅନ୍ୟ କୌଣସି ଆରବୀୟ ଅବା ଅଣଆରବୀୟଙ୍କ ମାଧ୍ୟମ ହେବା କ'ଣ ବା କି ଆବଶ୍ୟକତା ରହିଛି । →

ଉଚ୍ଚ ମିନାରା ଉପରେ ଦୃଢତାର ସହିତ ଥାପି ହୋଇଗଲା ।

**ଚତୁର୍ଥ ଶାଖା-** ଏହି କର୍ମଶାଳାର ଚତୁର୍ଥ ଶାଖା ହେଉଛି, ସେହି ପତ୍ର ଯାହାକି ସତ୍ୟର ଅନୁସନ୍ଧିତ୍ସୁ କିମ୍ବା ପ୍ରତିପକ୍ଷ ବିରୋଧିମାନଙ୍କ ନାମରେ ଲେଖାଯାଇଥାଏ । ଅତଏବ ବର୍ତ୍ତମାନ ସୁଦ୍ଧା ୯୦ହଜାରରୁ ଅଧିକ ପତ୍ର ଆମର ହସ୍ତଗତ ହୋଇଛି । ତେବେ ସେଥି ମଧ୍ୟରୁ କେତେକ ପତ୍ର ଯାହା ଅସଭ୍ୟ ମନ୍ତବ୍ୟରେ ପରିପୂର୍ଣ୍ଣ ଓ ଅନାବଶ୍ୟକ ମନେହୁଏ, ସେଗୁଡ଼ିକୁ ବାଦ ଦେଇ ଅବଶିଷ୍ଟ ସମସ୍ତ ପତ୍ରର ଉତ୍ତର ପ୍ରେରଣ କରାଯାଇଛି ଏବଂ ଏହି ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା ଅବ୍ୟାହତ ରହିଛି । ଏବଂ ପ୍ରତି ମାସରେ ପ୍ରାୟତଃ ୩୦୦ରୁ ୭୦୦ଏପରିକି ଏକ ହଜାର ପର୍ଯ୍ୟନ୍ତ ପତ୍ରର

---

**ତାଙ୍କ ବକ୍ରୋକ୍ତି:** ମୁଁ ଯେତେବେଳେ ଐଶୀବାଣୀର ଶବ୍ଦ ଉପରେ ଅନୁଧ୍ୟାନ କଲି, ମୋର ଏଥିରେ ତିଳେ ହେଲେ ବିଶ୍ୱାସ ହେଉ ନାହିଁ ଯେ ଏହା ଐଶୀବାଣୀ ସମ୍ବଳିତ ଅଟେ ।

**ମୋର ବର୍ଣ୍ଣନ**: ସେହି ଲୋକମାନଙ୍କ ପ୍ରତି ମଧ୍ୟ ଆମର ବିଶ୍ୱାସ ହେଉନଥିଲା ଯେଉଁ ଲୋକମାନଙ୍କ ସମ୍ବନ୍ଧରେ ଈଶ୍ୱର କୁହୁଛନ୍ତି: كَذَّبُوْا بِاٰيٰتِنَا كِذَّابًا

**କଜ୍ଜବୁ ବିଆୟାତିନା କିଜ୍ଜାବା** (ଅନ୍ ନବା 78:29) ଅର୍ଥାତ ସେମାନେ ଆମ୍ଭ ନିଦର୍ଶନଗୁଡ଼ିକୁ ପ୍ରତ୍ୟାଖାନ କଲେ । ଫିରଓ୍ୱର ବିଶ୍ୱାସ ହେଲା ନାହିଁ । ୟହୁଦିମାନଙ୍କ ଧାର୍ମିକ ନୀତି ନିର୍ଦ୍ଧାରଣକାରୀ ଓ ଧର୍ମଗୁରୁମାନଙ୍କୁ ବିଶ୍ୱାସ ହେଲା ନାହିଁ । ଅବୁ ଜହଲ ଓ ଅବୁ ଲହବଙ୍କୁ ମଧ୍ୟ ବିଶ୍ୱାସ ହୋଇ ନଥିଲା । କିନ୍ତୁ ସେହି ଲୋକମାନଙ୍କୁ (ବିଶ୍ୱାସ) ହେଲା ଯେଉଁମାନଙ୍କ ହୃଦୟ ନିର୍ମଳ ଓ ଶୁଦ୍ଧପୁତ ଥିଲେ ।

**ୟିଁ ସାଆଦତ୍ ବାଜୋରେ ବାଜୁ ନିସ୍ତ  ତା ନା ବଖ୍ଶଦ ଖୁଦାଏ ବଖ୍ଶଜଃ**

ଅର୍ଥାତ ଏପରି ସୌଭାଗ୍ୟ ନିଜର ପ୍ରୟାସ ଦ୍ୱାରା କଦାପି ପ୍ରାପ୍ତ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ପରମେଶ୍ୱର ତାହା ପ୍ରତି ସ୍ୱୟଂ ଦୟାବତୀର୍ଣ୍ଣ ନକରିବେ ।

**ତାଙ୍କ ବକ୍ରୋକ୍ତି:** ଦାବିଦାର ହେବାର ଘୋଷଣା କରିବା ଚମ୍‌କାରର ବିପରୀତ ଅଟେ ଏବଂ ଏହା କହିବା ଯେ ଅମକ ଅସ୍ୱୀକାର କରୁଛି, ତେବେ ସେ ସ୍ୱୟଂ ଆସି ଦେଖିନେଉ ଏହା ମିଥ୍ୟା ଦାବି ।

**ମୋର ବର୍ଣ୍ଣନ:** ଏସବୁ ମନୁଷ୍ୟକୃତ ନୁହେଁ, ବରଂ ତାହାଙ୍କ ନିକଟରୁ ଆସିଥିବା ସତ୍ୟ ଯାହାଙ୍କ ନିକଟରେ ପ୍ରତ୍ୟେକ ପ୍ରକାର ଘୋଷଣା ପହଞ୍ଚି ଯାଇଥାଏ । ଏପରିସ୍ଥଳେ କେଉଁ ସତ୍ୟବାଦୀ ତାହାକୁ ମିଥ୍ୟାବାଦୀ କହିପାରିବ । ହଁ, ଏହା ସତ୍ୟ ଯେ କୌଣସି ବିଧିର ବିଧାନ ଠାରୁ ଅଧିକ ଆଗକୁ ବଢି କୌଣସି ନବୀ କହିପାରିବ ନାହିଁ । କିନ୍ତୁ କ'ଣ ଏପରି ଦାବି କରିବା କୌଣସି ନବୀ, ରସୁଲ ଅଥବା କୌଣସି ଐଶୀ ସିଦ୍ଧପୁରୁଷ (ଯାହାଙ୍କ ସହିତ ଈଶ୍ୱର କଥାବାର୍ତ୍ତା କରିଥାନ୍ତି) ତାଙ୍କରି ମାଧ୍ୟମରେ ଈଶ୍ୱରଙ୍କ ତରଫରୁ ମଧ୍ୟ ସମିଚୀନ ନୁହେଁ । ➔

ଆଦାନ ପ୍ରଦାନ କରାଯାଉଛି ।

**ପଞ୍ଚମ ଶାଖା–** ଏହି ବିଶାଳ କର୍ମଶାଳା ଯାହାକୁ ପରମେଶ୍ୱର ନିଜର ବିଶେଷ ଓ୍ୱହି ଓ ଐଶୀବାଣୀ ଦ୍ୱାରା ଭିତ୍ତି ସ୍ଥାପନ କରିଛନ୍ତି, ତାହା ହେଉଛି ଅନୁଗାମୀ ଓ ବୈଅତକାରୀଙ୍କ ଦଳ । ସୁତରାଂ ସେ ଏହି ଜମାଅତର ଭିତ୍ତି ସ୍ଥାପନ କରିବା ସମୟରେ ମୋତେ କହିଲେ ଭୂପୃଷ୍ଠରେ ପଥଭ୍ରଷ୍ଟତା ଓ ଧର୍ମାନ୍ଧତାର ଭୟଙ୍କର ଝଡ଼ ପ୍ରବାହିତ ହେଉଛି । ତେଣୁ ଏପରି ଅବସ୍ଥାରେ ଏହି ନୌକା ତିଆରି କର । ଯେଉଁ ବ୍ୟକ୍ତି ଏହି ନୌକାରେ ଆରୋହଣ କରିବ ସେ ଧ୍ୱଂସ ହେବାରୁ ରକ୍ଷା ପାଇଯିବ ଏବଂ ଯେଉଁ

---

**ତାଙ୍କ ବକ୍ରୋକ୍ତି:** ମୁଁ ତାଙ୍କ ସହିତ ସାକ୍ଷାତ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ଆସ୍ଥାହୀନ ହୋଇ ପଡ଼ିଛି, ମୋ ମତରେ ଯେଉଁ ଏକଶ୍ୱବାଦୀ ବ୍ୟକ୍ତି ସେମାନଙ୍କ ସହିତ ସାକ୍ଷାତ କରିବ, ଅଥଚ ତାଙ୍କର ଆନୁଗତ୍ୟ ସ୍ୱୀକାର କରିବ ନାହିଁ । ତାଙ୍କର ନମାଜ ପାଠ ଅନ୍ତିମ ସମୟରେ ହୋଇଥାଏ, ଜମାଅତ ଅଧୀନରେ ଶୃଙ୍ଖଳିତ ହୋଇ ରହିବା ଅନିବାର୍ଯ୍ୟ ନୁହେଁ ।

**ମୋର ବର୍ଣ୍ଣନ:** ମୌଲବୀ ସାହେବଙ୍କର ଏହି ଆସ୍ଥା ନରହିବା ପ୍ରତି ମୋର ଆଦୌ ପରଓ୍ୱା ନାହିଁ । କିନ୍ତୁ ତାଙ୍କର ମିଥ୍ୟା, ଜାଲସାଜି ଓ ଅତ୍ୟନ୍ତ ହୀନ ଦୁର୍ଭାବନା ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ହେ ପରମ ଦୟାଳୁ ପ୍ରଭୁ ! ଏହି ସମ୍ପ୍ରଦାୟ ଉପରେ ଦୟା କରନ୍ତୁ, ଯାହାର ମାର୍ଗଦର୍ଶକ, କର୍ଣ୍ଣଧାର ଓ ସଂରକ୍ଷକ ରୂପେ ଏଭଳି ମୌଲବୀଙ୍କୁ ବିବେଚନା କରାଯାଉଛି । ବର୍ତ୍ତମାନ ପାଠକଗଣ ! ଏହି ଅଭିଯୋଗ ଉପରେ ମଧ୍ୟ ଧ୍ୟାନ ଦିଅନ୍ତୁ, ଯାହାକିଛି କୃପଣତା ଓ ଇର୍ଷା ଭାବ ଜନିତ ଆବେଗ ଯୋଗୁଁ ମୌଲବୀ ସାହେବଙ୍କ ମୁଖରୁ ବାହାରୁଛି । ଏହା ସ୍ପଷ୍ଟ ହେଉ ଯେ ଏହି ବିନୀତ ମାତ୍ର କିଛି ଦିନ ଯାତ୍ରୀ ହୋଇ ଅତିଥି ରୂପେ ଅଲ୍ଲୀଗଡ଼ରେ ଅବସ୍ଥାନ କରିଥିଲା । ଯାହାକିଛି ଯାତ୍ରୀମାନଙ୍କ ରହଣୀ କାଳରେ ଇସଲାମୀୟ (ନୀତିନିୟମ) ସୁବିଧା ସୁଯୋଗ ପ୍ରଦାନ କରିଛି, ସେସବୁର ସଦାସର୍ବଦା ଅବମାନନା କରିବା ଏକ ନାସ୍ତିକତାର ମାର୍ଗ ରୂପେ ଘୋଷଣା କରିଥାଏ । ଅତଏବ ସେହି ସବୁ ବିଷୟଗୁଡ଼ିକ ପ୍ରତି ଧ୍ୟାନ ରଖିବା ମୋ ପାଇଁ ଅନିର୍ବାର୍ଯ୍ୟ ଥିଲା । ସୁତରାଂ ମୁଁ ତାହା ହିଁ କଲି ଯାହା ମୋ ପକ୍ଷେ କରିବା ଉଚିତ୍ ଥିଲା । ମୁଁ ଏହା ଅସ୍ୱୀକାର କରିପାରିବି ନାହିଁ ଯେ ମୁଁ ସେହି କେତେକ ଦିନର ରହଣୀ କାଳରେ ଅନେକ ଥର ସୁନ୍ନତ ଉପରେ ପାଳନ କରି ଦୁଇଟି ନମାଜକୁ 'ଜମା' (ଏକତ୍ର ପାଠ) କରିଥିଲି । ଏବଂ କଦାଚିତ ଜୋହରର ଅନ୍ତିମ ସମୟରେ ଜୋହର ଓ ଅସର ନମାଜ ଦ୍ୱୟକୁ ଏକତ୍ର ମିଶାଇ ପାଠ କରିଥିଲି । କିନ୍ତୁ ଏକେଶ୍ୱରବାଦୀ ମଧ୍ୟ କେବେ କେବେ ଘରେ ନମାଜ ଜମା କରି ପାଠ କରିଥାନ୍ତି । ଏପରିକି ଯାତ୍ରା ଓ ବର୍ଷା ନଥାଇ ମଧ୍ୟ ନମାଜ ଜମା କରି ପାଠ କରି ନେଇଥାନ୍ତି । ମୁଁ ଏହା ମଧ୍ୟ ଅସ୍ୱୀକାର କରି ପାରିବି ନାହିଁ ଯେ ମୁଁ ସେହି ଦିନମାନଙ୍କରେ ନିୟମିତ ରୂପେ ମସଜିଦ୍‌ରେ ଉପସ୍ଥିତ ହୋଇ ନଥିଲି । ଅଥଚ ନିଜର ବ୍ୟାଧି ଓ ଯାତ୍ରା କାଳୀନ ଅବସ୍ଥାରେ ରହିଥିବା ସତ୍ତ୍ୱେ ଏହାକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରି ନାହିଁ । ତେବେ ମୌଲବୀ ସାହେବଙ୍କୁ ଏହା ଜଣା ଥିବ ଯେ ତାଙ୍କ ପଛରେ ମୁଁ ଜୁମା ନମାଜ ପାଠ କରିଥିଲି, ଯାହାକୁ ସମ୍ପନ୍ନ କରିବାରେ ➔

ବ୍ୟକ୍ତି ଅମାନ୍ୟକାରୀଙ୍କ ଦଳରେ ସାମିଲ ହେବ, ତାହାର ଧ୍ୱଂସ ହେବା ଅବଶ୍ୟମ୍ଭାବୀ । ଆହୁରି କହିଲେ: ଯେଉଁ ବ୍ୟକ୍ତି ତୁମ ହସ୍ତରେ ହସ୍ତ ରଖିବ, ପ୍ରକୃତରେ ତୁମ ହସ୍ତରେ ନୁହେଁ ବରଂ ପ୍ରଭୁଙ୍କ ହସ୍ତରେ ନିଜର ହସ୍ତ ରଖିବ । ଏବଂ ସେହି ଚଳନ୍ତି ଉପାସ୍ୟ ପରମବ୍ରହ୍ମ ମୋତେ ସୁସମାଚାର ପ୍ରଦାନ କରିଛନ୍ତି ଯେ ମୁଁ ତୁମକୁ ମୃତ୍ୟୁ ପ୍ରଦାନ କରିବି ଏବଂ ନିଜ ଆଡ଼କୁ ଉତ୍ଥିତ କରିବି । କିନ୍ତୁ ତୁମର ନିଷ୍ପାପର ଅନୁଗାମୀ ଓ ସତ୍ୟପ୍ରେମୀ ଭକ୍ତଗଣ ପ୍ରଳୟକାରୀ ଦିବସ ପର୍ଯ୍ୟନ୍ତ ତିଷ୍ଠି ରହିବେ ଏବଂ ସର୍ବଦା ଅମାନ୍ୟକାରୀଙ୍କ ଉପରେ ସେମାନେ ବିଜୟ ଲାଭ କରିବେ ।

ଏହା ପାଞ୍ଚଗୋଟି ଧାର୍ମିକ ପ୍ରକ୍ରୀୟା ଯାହାକୁ ଈଶ୍ୱର ନିଜ ହସ୍ତରେ ପ୍ରତିଷ୍ଠା

---

←ବର୍ତ୍ତମାନ ମୋର ସନ୍ଦେହ ଜାତ ହେଉଛି । ଏହା ସତ୍ୟ ଓ ସଂପୂର୍ଣ୍ଣ ସତ୍ୟ କି ମୁଁ ସର୍ବଦା ନିଜ ଯାତ୍ରା କରୁଥିବା ଦିନମାନଙ୍କରେ ମସଜିଦରେ ଯାଇ ଉପସ୍ଥିତ ହେବାକୁ ସ୍ପୃହଣୀୟ ମନେକରେ ନାହିଁ । କିନ୍ତୁ ପ୍ରଭୁ କ୍ଷମା କରନ୍ତୁ, ଏହାର କାରଣ ଆଳସ୍ୟ ଓ ଅଲ୍ଲାଃଙ୍କ ଆଦେଶ ଅମାନ୍ୟ କରିବା ନୁହେଁ । ବରଂ ପ୍ରକୃତ କାରଣ ହେଉଛି ଏହି ଯୁଗରେ ଆମ ଦେଶରେ ଅଧିକାଂଶ ମସଜିଦର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି, ଯାହା ବହୁତ ଦୁଃଖଦାୟକ ଅଟେ । ଯଦି ସେହି ମସଜିଦମାନଙ୍କୁ ଯାଇ ଇମାମତ୍ (ସାମୁହିକ ନମାଜର ପ୍ରମୁଖ) ପାଇଁ ଆଗ୍ରହ ପ୍ରକାଶ କର, ତେବେ ଯେଉଁମାନେ ପୂର୍ବରୁ ସେଠାକାର 'ଇମାମ୍'ର ପଦବୀରେ ନିଯୁକ୍ତ ରହିଛନ୍ତି, ଅତ୍ୟନ୍ତ ଅପ୍ରସନ ଓ କ୍ରୋଧରେ ରକ୍ତ ବାଉଳା ହୋଇଯିବେ । ଏବଂ ଯଦି ତାଙ୍କ ପଛରେ ନମାଜ ପାଠ କରାଯାଏ, ତେବେ ନମାଜ ବାସବ ସମ୍ପାଦିତ ହେବାରେ ଆମକୁ ସନ୍ଦେହ ହେଉଛି । କାରଣ ଏହା ସ୍ପଷ୍ଟ ରୂପେ ପ୍ରମାଣିତ ହେଉଛି ଯେ ସେମାନେ ଇମାମତ୍‌କୁ ଏକ ବ୍ୟବସାୟ ବୋଲି ଧରି ନେଇଛନ୍ତି । ସେ ପାଞ୍ଚ ବେଳାଯାଇ ନମାଜ ପଢାଇବାରେ ପ୍ରକୃତ ନେତୃତ୍ୱ ନେଇ ନଥାନ୍ତି ବରଂ ସେହି ସମୟରେ ଯାଇ ନମାଜ ପାଠ ନାମରେ ଏକ ଦୋକାନ ଖୋଲିଛନ୍ତି, ଏବଂ ସେହି ଦୋକାନ ଦ୍ୱାରା ତାଙ୍କ ପରିବାର ପ୍ରତିପୋଷଣ ହେଉଅଛି । ଅତଏବ ଏହି ବ୍ୟବସାୟ ଦ୍ୱାରା ଅପଦସ୍ତ ଓ ନିଯୁକ୍ତି ସମୟରେ କଥା ମୁକଦ୍ଦମାରେ ପହଞ୍ଚିଗଲା ଏବଂ ମୌଲବୀ ସାହେବ ନିଜ ଇମାମ ହେବାର ମାନପତ୍ର (ଡ଼ିଗ୍ରୀ) ହାସଲ କରିବା ନିମନ୍ତେ ନିବେଦନ କରିଚାଲିଛନ୍ତି । ଅତଃ ଏହା ଇମାମ ହେବା ନୁହେଁ ବରଂ ଅବୈଦ୍ଧ ଆମଦାନୀର ଏକ ପନ୍ଥା ଅଟେ । କ'ଣ ଆପଣ ମଧ୍ୟ ଏପରି କାମନାପୂର୍ଣ୍ଣ ଜୀବନୀରେ କବଳୀତ ନୁହନ୍ତି ? ତେବେ କାହିଁକି କୌଣସି ବ୍ୟକ୍ତି ଜାଣିଶୁଣି ନିଜ ବିଶ୍ୱାସ ନଷ୍ଟ କରିବ । ହଦିସ୍‌ରେ ଦରଜ ରହିଛି କି ଅନ୍ତିମ ଯୁଗରେ ମସଜିଦ୍‌ରେ ଅମାନ୍ୟକାରୀମାନେ ଏକତ୍ରିତ ହେବେ ତାହା ଏହି ମୁଲ୍ଲାମାନଙ୍କ ସମ୍ବନ୍ଧରେ ଅଟେ । ଯେ ମଞ୍ଚ ଉପରେ ଛିଡ଼ା ହୋଇ ପବିତ୍ର କୁରଆନର ଆବୃତ୍ତି କରିଥାନ୍ତି କିନ୍ତୁ ହୃଦୟରେ ରୁଟି ଗଣିଥାନ୍ତି । ମୁଁ ଜାଣିପାରୁ ନାହିଁ କି ଅସର ଓ ଜୁହର ଅବା ମଗରିବ୍ ଓ ଇଶା ନମାଜକୁ ଯାତ୍ରାବସ୍ଥାରେ ଜମା କରିବା କେବେ ଠାରୁ ନିଷିଦ୍ଧ ହୋଇଅଛି । ଏବଂ କିଏ ଏହି ଐତିହ୍ୟ ମୂଳକ ନିୟମକୁ ପରିବର୍ତ୍ତନ କରିବାର ନିଷ୍ପତ୍ତି ଦେଇଅଛି । ଏହା ଅଶ୍ଚର୍ଯ୍ୟଜନକ କଥା ଯେ ନିଜ ମୃତକ ଭାଇର →

କରିଛନ୍ତି । ଯଦିଚ ଜଣେ ତୀର୍ଯକ ଦୃଷ୍ଟିରେ ଦେଖୁଥିବା ଲୋକ କେବଳ ପ୍ରକାଶନ କାର୍ଯ୍ୟଧାରାକୁ ଜରୁରୀ ମନେକରିବ ଏବଂ ଅନ୍ୟ କାର୍ଯ୍ୟ ପ୍ରଣାଳୀର ଶାଖାଗୁଡ଼ିକୁ ଅନାବଶ୍ୟକ ଓ ନିଷ୍ଫଳ ବୋଲି ମନରେ ଧାରଣା କରିବସୁବ । କିନ୍ତୁ ପରମେଶ୍ୱରଙ୍କ ଦୃଷ୍ଟିରେ ଏସବୁ ଅତ୍ୟନ୍ତ ଜରୁରୀ ହୋଇଥାଏ । ଯେଉଁ ସଂସ୍କାର ନିମନ୍ତେ ସେ ଇଚ୍ଛା ପ୍ରକଟ କରିଥିଲେ, ତାହା ଏହି ପାଞ୍ଚୋଟି କାର୍ଯ୍ୟ ପ୍ରକ୍ରୀୟା ବ୍ୟତୀତ ସମ୍ଭବ ନୁହେଁ । ଯଦିଚ ଏହି ସମସ୍ତ କାର୍ଯ୍ୟ ପ୍ରକ୍ରୀୟା  ପ୍ରଭୁଙ୍କ ବିଶେଷ ସାହାଯ୍ୟ ଓ କୃପା ଉପରେ ଛାଡ଼ିଦିଆ ଯାଇଥାଏ, ଏବଂ ତାହାକୁ ଲକ୍ଷ ସ୍ଥଳରେ ପହଞ୍ଚାଇବା ପାଇଁ ତାହା ପର୍ଯ୍ୟନ୍ତ ତଥା ସେହିପରି ତାହାରି ସୁସମାଚାର ମୂଳକ ପ୍ରତିଶୃତି ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ । କିନ୍ତୁ ତାହାଙ୍କ ଆଦେଶ ଓ ଆହ୍ୱାନ ଦ୍ୱାରା ମୁସଲମାନମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଧ୍ୟାନ ଆକର୍ଷିତ କରାଯାଏ । ଯେପରିକି ଇହଲୀଳା ସମ୍ବରଣ କରିଥିବା ଈଶ୍ୱରଙ୍କ ସମସ୍ତ ଅବତାରଗଣ କଷ୍ଟକର ପରିସ୍ଥିତି ଆସିବା ସମୟ ପ୍ରତି ସଚେତନ କରାଇ ଯାଇଛନ୍ତି । ସୁତରାଂ ସେହି ଉଦ୍ଦେଶ୍ୟ ପ୍ରତି ଧ୍ୟାନ ଆକର୍ଷଣ କରିବା ସକାଶେ ମୁଁ ଏହି କଥା ସ୍ୱଷ୍ଟ ରୂପେ କହୁଛି ଯେ ଏହି ପାଞ୍ଚୋଟି ଶାଖାର ଉତ୍ତମ କାର୍ଯ୍ୟଶୈଳୀ ପ୍ରସ୍ତୁତ କରିବା ତଥା ଏହାକୁ ବିସ୍ତୃତ ରୂପେ ଜାରି ରଖିବା ନିମନ୍ତେ ମୁସଲମାନମାନଙ୍କ ପକ୍ଷେ କିପରି ସାମୁହିକ ସହାୟତାର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ, କେବଳ ପ୍ରକାଶନ କାର୍ଯ୍ୟ ଉପରେ ଧ୍ୟାନ ଦେଇ ଦେଖ ଯେ ଯଦି ଆମେମାନେ ପୂର୍ଣ୍ଣ ରୂପେ ପ୍ରକାଶନ ଉଦ୍ଦେଶ୍ୟରେ ଏହି ସେବାର ସମସ୍ତ ଦାୟିତ୍ୱ ନିଜେ ବହନ କରିବା, ତେବେ ତାହାକୁ ପୂରଣ କରିବା ନିମନ୍ତେ କେତେ ପରିମାଣର ଆର୍ଥିକ ସମ୍ବଳର ଆମକୁ ଆବଶ୍ୟକତା ପଡ଼ିବ । କାରଣ ଯଦି ବାସ୍ତବରେ ପ୍ରକାଶନ କାର୍ଯ୍ୟ ପୂରଣ କରିବା ଆମର ମୂଳ ଲକ୍ଷ୍ୟ ହେବ, ତେବେ ଏହା ହିଁ ଆମର ଅବଶ୍ୟ ପ୍ରୟାସ ହେବା ଉଚିତ୍ ଯେ ଆମର ଧାର୍ମିକ ପୁସ୍ତକ ଯାହାକି ଗଭୀର ଅନୁସନ୍ଧାନ ଓ ଅନୁଚିନ୍ତାର ରତ୍ନ ଭଣ୍ଡାରରେ ପରିପୂର୍ଣ୍ଣ ହୋଇ ରହିଛି, ତଥା ସତ୍ୟାନୁସନ୍ଧିସ୍ତୁଙ୍କୁ ସତ୍‌ମାର୍ଗ ଆଡ଼କୁ ଆକୃଷ୍ଟ କରିଥାଏ, ତାହା ଖୁବ୍ ଶୀଘ୍ର ଓ ଅତ୍ୟଧିକ ସଂଖ୍ୟାରେ ଏପରି ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ହେବ । ଯଦ୍ଦ୍ୱାରା ଯେଉଁମାନେ ମନ୍ଦ ଶିକ୍ଷାର ବଶବର୍ତ୍ତୀ ହୋଇ ପାପଗ୍ରସ୍ତ ଘାତକ ରୋଗରେ ଆକ୍ରାନ୍ତ ହୋଇଛନ୍ତି ଅବା ମୃତ୍ୟୁର ନିକଟବର୍ତ୍ତୀ ହୋଇଯାଇଛନ୍ତି, ସେମାନଙ୍କ ପାଇଁ ଏବଂ ଏହି କଥା ପ୍ରତ୍ୟେକ ମୁହୂର୍ତ୍ତରେ ଆମ

← ମାଂସ ଖାଇବା ତ ବୈଧ କିନ୍ତୁ ଯାତ୍ରା ଅବସ୍ଥାରେ ଜୁହର ଓ ଅସର ନମାଜ ଏକତ୍ର ପାଠ କରିବା ଘୋର ଅବୈଧ କର୍ମ । **ଇତ୍‌ତକୁଲ୍ଲାହା ଅୟୁହଲ୍ ମୌହିଦ୍ଦୁନ୍ ଫଇନ୍ନଲ୍ ମୌତା କରିବୁନ୍ ଓ୍ୱଲ୍ଲାହୁ ୟାଲମୁ ମାତକ୍‌ତୁମୁନ୍**

ସମ୍ମୁଖରେ ରହିବା ଉଚିତ୍ ଯେ ଯେଉଁ ଦେଶର ବର୍ତ୍ତମାନ ପରିସ୍ଥିତି ପଥଭ୍ରଷ୍ଟତାର ବିନାଶକ ମୃତ୍ୟୁ ସଂଜୀବନୀ ସାବ୍ୟସ୍ତ ହେବ । ହଳାହଳ ବିଷ ଯେଉଁ ଅତ୍ୟନ୍ତ ଭୟଙ୍କର ଦଶାରେ ପଡ଼ିଯାଇଛି, ଏହି ଦେଶରେ ଅବିଳମ୍ବେ ଆମର ପୁସ୍ତକମାନ ଦ୍ରୁତ ପ୍ରସାର ଲାଭ କରିବ ଓ ପ୍ରତ୍ୟେକ ସତ୍ୟର ଜିଜ୍ଞାସୁ ବ୍ୟକ୍ତିଙ୍କ ହସ୍ତରେ ଉକ୍ତ ପୁସ୍ତକ ଦୃଷ୍ଟିଗୋଚର ହେଉଥିବ । କିନ୍ତୁ ଏହା ସୁସ୍ପଷ୍ଟ ଯେ ଏହି ଉଦ୍ଦେଶ୍ୟପୂର୍ଣ୍ଣ ରୂପେ ପ୍ରାପ୍ତ କରିବା କଦାପି ସମ୍ଭବପର ନୁହେଁ ଯେ ଆମେ ସର୍ବଦା ନିଜ ହୃଦୟରେ ଏହି ଭାବନା ରଖିବା କି ଆମ ପୁସ୍ତକଗୁଡ଼ିକ ବହୁଳ ସଂଖ୍ୟାରେ ବିକ୍ରି ହେବା ପାଇଁ ପ୍ରକାଶିତ ହୋଇ ଚାଲିଥାଉ । ଅତଏବ କେବଳ ବିକ୍ରି ହେବା ଉଦ୍ଦେଶ୍ୟରେ ପୁସ୍ତକ ପ୍ରକାଶ କରିବା ଏବଂ ସାଂସାରିକ କାମନା ପୂରଣ କରିବା ପାଇଁ ଧର୍ମକୁ ସାଂସାରିକତାରେ ନେଇ ମିଶ୍ରଣ କରିବା ଅତ୍ୟନ୍ତ ନିର୍ଲଜ ଓ ଆପତ୍ତିଜନକ ପନ୍ଥା ହେବ, ଯାହାର ମନ୍ଦ ପ୍ରଭାବ ଯୋଗୁଁ ନା ଆମେ ତୁରନ୍ତ ନିଜ ପୁସ୍ତକର ପ୍ରସାରଣ କରିପାରିବୁ ନା ପର୍ଯ୍ୟାପ୍ତ ସଂଖ୍ୟାରେ ଲୋକମାନଙ୍କୁ ବଣ୍ଟନ କରିପାରିବୁ । ଅବଶ୍ୟ ଏକଥା ନିରାଟ ସତ୍ୟ ଯେ ଯେପରି ଭାବରେ ଆମେ ଯଦି ଏକ ଲକ୍ଷ ପୁସ୍ତକ କେବଳ କୋଡ଼ିଏ ଦିନରେ ଦୂର ଦୂରାନ୍ତ ଦେଶମାନଙ୍କରେ ମାଗଣାରେ ବିତରଣ କରିପାରିବୁ । ଏବଂ ସାଧାରଣତଃ ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରତ୍ୟେକ ସ୍ଥାନକୁ ଯାଇ ପ୍ରଚାର ପ୍ରସାର କରିବାକୁ ତଥା ପ୍ରତ୍ୟେକ ସତ୍ୟନୁସନ୍ଧିତ୍ସୁ ତଥା ସତ୍ମାର୍ଗ ପିପାସୁ ବ୍ୟକ୍ତିକୁ ନେଇ ଦେଇ ପାରିବୁ । ଏହି ଧରଣର ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମର ମୂଲ୍ୟ ବିନିମୟରେ ଦେବାର ଅବସ୍ଥା ସୃଷ୍ଟି କରିପାରିବା ସମ୍ଭବତଃ ୨୦ବର୍ଷର ଅବଧି ମଧ୍ୟରେ ଆମ ପକ୍ଷେ ସମ୍ଭବ ନୁହେଁ । ବିକ୍ରି କରିବା ଅବସ୍ଥାରେ ମଧ୍ୟ ପୁସ୍ତକଗୁଡ଼ିକୁ କେବଳ ସିନ୍ଦୁକ ଭିତରେ ବନ୍ଦ କରି ରଖିବା ସାର ହେବ ଯଦ୍ୱାରା ଆମକୁ କ୍ରେତାଙ୍କର ପ୍ରତୀକ୍ଷା କରିବାକୁ ପଡ଼ିବ ଯେ କେତେବେଳେ କେହି ଆସିବ ଅବା ଆମ ନିକଟକୁ କୌଣସି ପତ୍ର ପଠାଇବ । ଏହି ଦୀର୍ଘ ସମୟ ଅପେକ୍ଷାରତ କାଳରେ ଆମେ ସ୍ୱୟଂ ଏହି ସଂସାରରୁ ବିଦାୟ ନେଇ ସାରିଥିବୁ । ତେଣୁ ପୁସ୍ତକମାନ ସିନ୍ଦୁକରେ ସେହିପରି ବନ୍ଦ ହୋଇ ପଡ଼ି ରହିଥିବ ! ସୁତରାଂ ବିକ୍ରିର ପରିସର ଅତ୍ୟନ୍ତ ସଂକୀର୍ଣ୍ଣ ଓ ମୂଳ ଆଭିମୁଖ୍ୟକୁ ହାନି ପହଞ୍ଚାଇଥାଏ । ସେହିପରି ସ୍ୱଳ୍ପ ବର୍ଷର କାର୍ଯ୍ୟକୁ ସହସ୍ର ବର୍ଷ ଲଗାଇ ଦେଇଥାଏ । ଅଧିକନ୍ତୁ ମୁସଲମାନମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ଯାହାର ହୃଦୟ ବିଶାଳ ଓ ସେ ସାହସୀ ଅମିର ହୋଇଥିବ, ସେପରି କେହି ମଧ୍ୟ ବର୍ତ୍ତମାନ ସୁଦ୍ଧା ଏଥିପ୍ରତି ଆକୃଷ୍ଟ ହୋଇ ନାହାନ୍ତି ଯେକି ଆମର ନୂତନ ପୁସ୍ତକାବଳୀ ମଧ୍ୟରୁ ଅନେକ ସଂଖ୍ୟାରେ ଖରିଦ୍ କରି କେବଳ ଅଲ୍ଲାହଙ୍କ ପ୍ରୀତିଭାଜନ ଲାଭ କରିବା ପାଇଁ ବିତରଣ କରିବ । ଇସଲାମରେ ଖ୍ରୀଷ୍ଟିୟ ମିଶନଙ୍କ ପରି କୌଣସି ସଙ୍ଗଠନ ମଧ୍ୟ ନାହିଁ, ଯେକି ଏହି କାର୍ଯ୍ୟରେ ସାହାଯ୍ୟ

ସହଯୋଗ କରିପାରିବ* ଏବଂ ବୟସର ମଧ୍ୟ କୌଣସି ଭରସା ନାହିଁ । ତଥାପି ଦୀର୍ଘାୟୁ ହେବାର ମନରେ ଆଶା ବାନ୍ଧି ଦୀର୍ଘ ସମୟ ପର୍ଯ୍ୟନ୍ତ କେହିବି ପ୍ରତୀକ୍ଷାରେ ରହିବ । ସୁତରାଂ ମୁଁ ନିଜର ସମସ୍ତ ପୁସ୍ତକରେ ପ୍ରାରମ୍ଭରୁ ହିଁ ନିୟମିତ ରୂପେ ଏହା ନିର୍ଦ୍ଧାରିତ କରି ରଖିଛୁ ଯେ ଯେତେଦୂର ସମ୍ଭବ ପୁସ୍ତକର ଅଧିକାଂଶ ଭାଗ ମାଗଣାରେ ବିତରଣ କରି ଦିଆଯାଉ । ଯଦ୍ୱାରା ଶୀଘ୍ରାତିଶୀଘ୍ର ଅଧିକରୁ ଅଧିକ ମାତ୍ରାରେ ପୁସ୍ତକ ଯାହାକି ସତ୍ୟର ପ୍ରକାଶରେ ପରିପୂର୍ଣ୍ଣ, ବିଶ୍ୱରେ ପ୍ରସାରିତ ହୋଇଯାଉ । କିନ୍ତୁ ଯେହେତୁ ମୋର ଆର୍ଥିକ ସ୍ଥିତି ସେପରି ନାହିଁ ଯେ ମୁଁ ଏହି ମହାନ କାର୍ଯ୍ୟକୁ ଏକାକୀ ଉଠାଇ ପାରିବି । ମୋର ଅନ୍ୟାନ୍ୟ ଧର୍ମୀୟ ଶାଖାର ବଡ଼ ବଡ଼ ଖର୍ଚ୍ଚ ବହନ କରିବା ମଧ୍ୟ ଏହି ଶାଖା ସହିତ ଜଡ଼ିତ । ସେଥିପାଇଁ ଏହି ପୁସ୍ତକ ପ୍ରକାଶନର କାର୍ଯ୍ୟ କରି ସମୟରେ ପର୍ଯ୍ୟନ୍ତ ଆଗେଇ ଯାଇ ଅଟକିଗଲା, ଫଳତଃ ତାହା ଆଜି ପର୍ଯ୍ୟନ୍ତ ସ୍ଥଗିତ ହୋଇ ରହିଛି । ଈଶ୍ୱର ଏହି ଆଧ୍ୟାତ୍ମିକ ସମ୍ପ୍ରଦାୟର ସମସ୍ତ ଶାଖାକୁ ଗୋଟିଏ ଦୃଷ୍ଟିରେ ଦେଖିଲେ ଏବଂ ସମାନ ଭାବରେ ସେସବୁର ପ୍ରତିଷ୍ଠା ଓ ପୂର୍ଣ୍ଣତା ଚାହୁଁଛନ୍ତି । କିନ୍ତୁ ସେହି ପାଞ୍ଚଗୋଟି ଶାଖାର ବ୍ୟୟଭାର ଏତେ ଅଧିକ, ଯାହା ପାଇଁ ନିଷ୍ଠାପର ଲୋକମାନଙ୍କ ବିଶେଷ ଧ୍ୟାନ ଓ ସହାନୁଭୂତିର ଆବଶ୍ୟକତା ରହିଛି । ଯଦି ମୁଁ ଏହି ଧାର୍ମିକ ଖର୍ଚ୍ଚର ପ୍ରକୃତ ବିବରଣୀ ଲେଖି ବସିବି, ତେବେ ତାହା ବହୁତ ଲମ୍ବା ହୋଇଯିବ । କିନ୍ତୁ ହେ ଭାଇମାନେ ! ତୁମେମାନେ ଦୃଷ୍ଟାନ୍ତ ସ୍ୱରୂପ, କେବଳ ମୋ ନିକଟକୁ ଆସୁଥିବା ଏବଂ ଏଠାରେ ଅବସ୍ଥାନ କରୁଥିବା ଶ୍ରଦ୍ଧାଳୁମାନଙ୍କର କ୍ରମ ବର୍ଦ୍ଧିଷ୍ଣୁ ନାମ ଉପରେ ଥରେ ଦୃଷ୍ଟିପାତ କରି ଦେଖିନିଅ । ବର୍ତ୍ତମାନ ସୁଦ୍ଧା ଅର୍ଥାତ ବିଗତ ସାତ ବର୍ଷରେ ପାଖାପାଖି ୬୦,୦୦୦ କିମ୍ବା ତତୋଽଧିକ ଅତିଥି ଆସିଛନ୍ତି । ଏବେ ତୁମେ ନିଜେ ହିଁ ଅନୁମାନ ଲଗାଇପାରିବ ଯେ ସେହି ସମ୍ମାନୀୟ ଅତିଥିମାନଙ୍କ ସେବା, ଭୋଜନ ଓ ସତ୍କାର ଆଦିର କିଭଳି ଖର୍ଚ୍ଚ ହୋଇଥିବ । ଏବଂ ସେମାନଙ୍କ ସକାଶେ ଶୀତ ଓ ଗ୍ରୀଷ୍ମ ପ୍ରଭାବରୁ ଆରାମ ଯୋଗାଇବା ନିମନ୍ତେ ଆବଶ୍ୟକୀୟ ଅନୁଯାୟୀ କେତେ କ'ଣ ଖାଦ୍ୟ ପାନୀୟ ପ୍ରସ୍ତୁତ କରିବାକୁ ପଡ଼ିଥିବ । ନିଃସନ୍ଦେହରେ

* **ପାଦଟୀକା:** ବର୍ଣ୍ଣନା ମିଳୁଅଛି ଯେ, ବ୍ରିଟିଶ ଓ ଫାରନ ବାଇବେଲ୍ ସୋସାଇଟି ପ୍ରାରମ୍ଭରୁ ଅର୍ଥାତ ଗତ ୨୧ବର୍ଷ ହେଲା ଖ୍ରୀଷ୍ଟଧର୍ମର ସମର୍ଥନରେ ସାତ କୋଟୀରୁ ଅଧିକ ଲୋକ ନିଜ ଧାର୍ମିକ ପୁସ୍ତକ ସଂସାରରେ ବିତରଣ କରି ଦେଇଛନ୍ତି । ବର୍ତମାନର ପ୍ରତିଷ୍ଠିତ କିନ୍ତୁ ଅଳସୁଆ ମୁସଲମାନମାନଙ୍କୁ ଏହି ବିଷୟ ବସ୍ତୁ ଯାହାକି ଅକ୍ଟୋବର ଓ ନଭେମ୍ବର ୧୮୯୦ମସିହାର ଖବର କାଗଜରେ ପ୍ରକାଶିତ ହୋଇଅଛି । ଯାହାକି ଧ୍ୟାନ ଓ ଲଜ୍ୟାର ସହ ପାଠ କରିବା ଉଚିତ୍ । କ'ଣ ଏହି ପୁସ୍ତକ ବିକ୍ରେତାଙ୍କ ହସ୍ତରୁ ପ୍ରକାଶିତ ହୋଇଛି ଅବା ଗୋଟିଏ ଗୋଷ୍ଠୀର କର୍ମଠ ସୋସାଇଟି ନିଜ ଧର୍ମର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବଣ୍ଟନ କରିଅଛି ।

ଜଣେ ଦୂରଦ୍ରର୍ଶୀ ବ୍ୟକ୍ତି ଆଶ୍ଚର୍ଯ୍ୟ ଚକିତ ହୋଇଯିବ ଯେ ଏତାଦୃଶ୍ୟ ଅତ୍ୟଧିକ ସଂଖ୍ୟକ ଲୋକମାନଙ୍କର ଆତିଥ୍ୟର ସମସ୍ତ ବ୍ୟବସ୍ଥା ଓ ଆବଶ୍ୟକତା ସାମୟିକ ଭାବରେ କିପରି ପୂରଣ ହୋଇଥିବ ଏବଂ ଭବିଷ୍ୟତରେ କେଉଁ ଆଧାରରେ ଏହି ମହାନ କାର୍ଯ୍ୟ ଜାରି ରହିଛି । ତଦନୁରୂପ ସେହି ୨୦,୦୦୦ ବିଜ୍ଞାପନ ଯାହାକି ଇଂଗ୍ରାଜୀ ଓ ଉର୍ଦ୍ଦୁ ଭାଷାରେ ପ୍ରକାଶିତ ହୋଇଛି । ଏବଂ ୧୨,୦୦୦ରୁ କିଛି ଅଧିକ ବିରୁଦ୍ଧାଚରଣକାରୀଙ୍କ ମୁଖିଆଙ୍କ ନାମରେ ରେଜିଷ୍ଟ୍ରୀ ଡ଼ାକ ଦ୍ୱାରା ପ୍ରେରଣ କରାଯାଇଛି । ଭାରତ ବର୍ଷରେ ଏପରି ଜଣେ ହେଲେ ପାଦ୍ରୀ ବର୍ତିଯାଇ ନାହିଁ, ଯାହାଙ୍କ ନାମରେ ପଞ୍ଜିକୃତ ବିଜ୍ଞାପନ ପ୍ରେରଣ କରାଯାଇ ନାହିଁ । ବରଂ ୟୁରୋପ ଓ ଆମେରିକାରେ ମଧ୍ୟ ଏହି ପତ୍ରିକାର ବିଜ୍ଞାପନ ରେଜିଷ୍ଟ୍ରୀ ଡ଼ାକ ଦ୍ୱାରା ପ୍ରେରଣ କରି ବିବାଦକୁ ସମାପ୍ତ କରି ଦିଆଯାଇଛି । କ'ଣ ଉକ୍ତ ଖର୍ଚ୍ଚ ଉପରେ ଅନୁଧ୍ୟାନ କଲେ ଏହା ଆଶ୍ଚର୍ଯ୍ୟ ଲାଗୁ ନାହିଁ ଯେ ଏହି ସ୍ୱଳ୍ପ ପୁଞ୍ଜିରେ କିପରି ଭାବରେ ଏହି ମହାନ କାର୍ଯ୍ୟ ସମ୍ପାଦନ କରାଯାଉଛି । ଏହା ତ ହେଉଛି ବଡ଼ ବଡ଼ ଖର୍ଚ୍ଚ, ଯଦି ଉକ୍ତ ଖର୍ଚ୍ଚ ରାଶିକୁ ପରୀକ୍ଷା କରାଯାଏ, ତେବେ ପ୍ରତ୍ୟେକ ମାସରେ ଯେଉଁ ପତ୍ର ପ୍ରେରଣ କରାଯାଉଛି, କେବଳ ତାହାରି ଖର୍ଚ୍ଚ ହିଁ ଏତେ ଅଧିକ ଜଣାପଡ଼ିବ, ଯାହା ବହନ କରିବା ପାଇଁ ଅଦ୍ୟାବଧି କୌଣସି ସହଯୋଗର ସାଧନ ନାହିଁ । ଏବଂ ଯେଉଁ ବ୍ୟକ୍ତିମାନେ ବୈଅତ କରି ଏହି ସମ୍ପ୍ରଦାୟରେ ପ୍ରବେଶ କରିଛନ୍ତି, ସେମାନେ ସତ୍ୟର ସନ୍ଧାନରେ 'ଅସ୍‌ହାବେ ସୁଫା' (ହଜୁର ମୁହମ୍ମଦ[ସଅ]ଙ୍କ ନିକଟରେ କ୍ଷଣ ପ୍ରତିକ୍ଷଣ ଉପସ୍ଥିତ ରହୁଥିବା ବ୍ୟକ୍ତିଙ୍କ ସଦୃଶ ମୋ ନିକଟରେ ରହିବାକୁ ଚାହୁଁଛନ୍ତି । ତାଙ୍କର ଜୀବନ ନିର୍ବାହ ପାଇଁ ମଧ୍ୟ ମୋର ଦୃଷ୍ଟି ଆକାଶ ଉପରେ ରହିଛି । ମୁଁ ଏହା ଜାଣେ ଯେ ଏହି ପାଞ୍ଚୋଟି ଶାଖାକୁ ପ୍ରତିଷ୍ଠିତ କରି ରଖିବାର ସାଧନ ସେହି ସର୍ବଶକ୍ତିମାନ ଈଶ୍ୱର ଯୋଗାଇ ଦେବେ । ଯାହାଙ୍କ ବିଶେଷ ଇଚ୍ଛା ଓ ସମର୍ଥନ ଦ୍ୱାରା ଏହି କର୍ମଶାଳାର ଭିତ୍ତି ସ୍ଥାପନ କରାଯାଇଛି । କିନ୍ତୁ ପ୍ରଚାର କାର୍ଯ୍ୟ ଦୃଷ୍ଟିକୋଣରୁ ଏହା ଜରୁରୀ ଯେ ଜାତିଭାଇଙ୍କୁ ଏଥି ସମ୍ବନ୍ଧରେ ଅବଗତ କରିଦିଅ । ମୁଁ ଶୁଣିବାକୁ ପାଇଲି ଯେ କେତେକ ଅନଭିଜ୍ଞ ବ୍ୟକ୍ତି ମୋ ସମ୍ବନ୍ଧରେ ଏହି ଅଭିଯୋଗ ବ୍ୟକ୍ତ କରିଛନ୍ତି କି ବରାହିନେ ଅହମଦିୟା ପୁସ୍ତକର ମୂଲ୍ୟ ଓ କିଛି ମାତ୍ରାରେ ଅର୍ଥିକ ସାହାଯ୍ୟ ଯାହା ପାଖାପାଖି ତିନି ହଜାର ଟଙ୍କା ହେବ, ତାହା ମଧ୍ୟ ଲୋକମାନଙ୍କ ଠାରୁ ଚାନ୍ଦା କରି ଆଦାୟ ହେଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେହି ପୁସ୍ତକ ସମ୍ପୂର୍ଣ୍ଣ ରୂପେ ପ୍ରକାଶିତ ହେଲା ନାହିଁ । ମୁଁ ଏହାର ଉତ୍ତରରେ ସେମାନଙ୍କୁ ସ୍ପଷ୍ଟ କରିଦେଉଛି ଯେ ଯେଉଁ ରାଶି ଲୋକମାନଙ୍କ ଠାରୁ ଆଦାୟ ହୋଇଥିଲା, ତାହା ତିନିହଜାର ନୁହେଁ ବରଂ ପ୍ରାୟ ଦଶହଜାର ଟଙ୍କା ଆସିଥିବ । କିନ୍ତୁ ଏହି ଜମା ରାଶି ପୁସ୍ତକ ସକାଶେ ଚାନ୍ଦା ସ୍ୱରୂପ ନଥିଲା ଏବଂ ନା

ପୁସ୍ତକ ଖରିଦ କରିବା ଉଦ୍ଦେଶ୍ୟରେ ଲୋକମାନେ ପୈଠ କରିଥିଲେ । ବରଂ କେତେକ ବ୍ୟକ୍ତି ପ୍ରାର୍ଥନା କରିବା ପାଇଁ ନିବେଦନ କରି ଉପହାର ସ୍ୱରୂପ ପ୍ରଦାନ କରିଥିଲେ ନତୁବା କେତେକ ବନ୍ଧୁ ମୋ ସହିତ ଘନିଷ୍ଠ ସମ୍ପର୍କ ରଖିଥିବା ହେତୁ ସେବାରେ ଅର୍ପଣ କରିଥିଲେ । ଅତଃ ସେସବୁ ଏହି ଈଶ୍ୱର ପ୍ରଯୋଜିତ କର୍ମଶାଳା ପାଇଁ ଜରୁରୀ ଓ ନିରନ୍ତର କାର୍ଯ୍ୟ ତୁଲାଇବାରେ ସମୟ ସମୟରେ ବ୍ୟୟ କରାଯାଉଛି । ଯେହେତୁ ବିଧିର ବିଧାନ ପୁସ୍ତକ ପ୍ରକାଶନକୁ ବିଳମ୍ବରେ ପକାଇ ଦେଇଥିଲେ । ସେହି କାରଣରୁ ତାହା ପାଇଁ ଅନ୍ୟ ବିଶେଷ ଶାଖାଗୁଡ଼ିକ ମଧ୍ୟରୁ ଯାହା କି ଧାର୍ଯ୍ୟ ବିଧାନ ଥିଲା, ସେଥିରୁ କିଛି ଅର୍ଥ ବଳକା ବାହାରିଲା ନାହିଁ । ତେଣୁ ପୁସ୍ତକ ପ୍ରକାଶନରେ ବିଳମ୍ବ ହେବାରେ ଏହି ରହସ୍ୟ ଥିଲା ଯେ ଏହି ଅବସରରେ କେତେକ ଗୂଢ଼ ରହସ୍ୟ ଓ ସତ୍ୟାସତ୍ୟ ଲେଖକଙ୍କ ଉପରେ ସମ୍ପୂର୍ଣ୍ଣ ଖୋଲିଯିବ ତଥା ଏହି ପ୍ରକାରେ ବିରୋଧିମାନଙ୍କ ସମସ୍ତ ଜ୍ୱରର ଦାଉ ବାହାରକୁ ଚାଲିଆସିବ । ବର୍ତ୍ତମାନ ଯାହା ଅଲ୍ଲାଃଙ୍କର ବିଶେଷ ଇଚ୍ଛା ଏଥିପ୍ରତି ପ୍ରକଟ ହେଲା କି ଉକ୍ତ ପୁସ୍ତକର ଅବଶିଷ୍ଟା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ । ବସ୍ତୁତଃ ସେ ଏହି ନିମନ୍ତ୍ରଣ ପତ୍ର ଲେଖିବା ପ୍ରତି ମୋର ଧ୍ୟାନ କେନ୍ଦ୍ରୀତ କଲେ । ସୁତରାଂ ଏବେ ମୋର ପୁସ୍ତକ ମୁଦ୍ରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଅତ୍ୟନ୍ତ ଜରୁରୀ । 'ବରାହିନ୍'ର କେତେକ ଭାଗ ଖୁବ୍ ଶୀଘ୍ର ପ୍ରକାଶନ ଯୋଗ୍ୟ ହୋଇ ରହିଛି । ଯଦି ତାହା ମୁଦ୍ରିତ ହୋଇଯାଏ, ତେବେ କ୍ରେତାମାନଙ୍କ ତଥା ସେ ସମସ୍ତଙ୍କ ନିକଟରେ ପହଞ୍ଚାଇ ଦିଆଯିବ, ଯେଉଁମାନଙ୍କୁ କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଏହାର ପ୍ରଥମ ଭାଗ ଦିଆଯାଇଛି ଏବଂ ଆସନ୍ତାରେ ଦିଆଯିବାର ପ୍ରତିଶୃତି ଦିଆଯାଇଥିଲା । ଏତାଦୃଶ ଭାବେ ଅନ୍ୟାନ୍ୟ ପୁସ୍ତକ ଯଥା **ଅଶ୍ଅତୁଲ୍ କୁରଆନ, ସିରାଜେ ମୁନୀର, ତଜ୍‌ଦିଦେ୍ ଦିନ୍, ଅର୍‌ବଈନ୍ ଫି ଅଲାମାତିଲ୍ ମୁକର୍‌ରବୀନ୍** ପବିତ୍ର କୁରଆନର ଏକ ବ୍ୟାଖ୍ୟା ପ୍ରସ୍ତୁତ କରିବାର ମଧ୍ୟ ଉଦ୍ଦେଶ୍ୟ ରହିଛି । ମୋ ମନରେ ଉତ୍କଣ୍ଠା ମଧ୍ୟ ରହିଛି ଖ୍ରୀଷ୍ଟ ଆଦି ମିଥ୍ୟାଧର୍ମର ଖଣ୍ଡନ ଓ ସେମାନଙ୍କ ସମ୍ବାଦ ପତ୍ର ମୁକାବିଲାରେ ଏକ ମାସିକ ପତ୍ରିକା ମଧ୍ୟ ପ୍ରକାଶ କରାଯାଉ । ଏହି ସମସ୍ତ କାର୍ଯ୍ୟ ନିୟମିତ ଅବ୍ୟାହତ ରଖିବା ନିମନ୍ତେ ଧନର ଯୋଗାଡ଼ ଓ ଆର୍ଥିକ ସହାୟତା ବ୍ୟତୀତ ମଝିରେ ଅନ୍ୟ କୌଣସି ବାଧକ ରହୁ ନଥିବ । ଯଦି ଆମକୁ ଏହା ଉପଲବ୍ଧ ହୋଇଯାନ୍ତା ଯେ ଆମର ଏକ ଛାପାଖାନା ଓ ଜଣେ ଲିପିକାର ସଦୈବ ଆମ ନିକଟରେ ଉପସ୍ଥିତ ରୁହନ୍ତି ଏବଂ ସମସ୍ତ ଆବଶ୍ୟକୀୟ ବ୍ୟୟ ରାଶିର ସାଧନ ଆମକୁ ମିଳିଯା'ନ୍ତା ଅର୍ଥାତ ଆବଶ୍ୟକୀୟ କାଗଜ, ମୁଦ୍ରଣକାରୀ ଓ ଲିପିକାରଙ୍କ ବେତନରେ ବ୍ୟୟ କରାଯାଉଥିବା ସମସ୍ତ ଅର୍ଥ ରାଶି ସମୟ ସମୟରେ ବରାବର ପହଞ୍ଚୁଥିବ, ତେବେ ଏହି ପାଞ୍ଚଗୋଟି ଶାଖା ମଧ୍ୟରୁ ଏହି ଗୋଟିଏ ଶାଖାର ପୂର୍ଣ୍ଣ ବିକାଶିତ ହେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା

ହୋଇଯିବ ।

**ହେ ଭାରତବର୍ଷ ! କ'ଣ ତୁମମାନଙ୍କ ମଧ୍ୟରେ କେହି ସାହସୀ ଧନଶାଳୀ ବ୍ୟକ୍ତି ନାହିଁ ଯିଏ ସବୁ ନହେଲେ ବି କେବଳ ଏହି ଗୋଟିଏ ଶାଖାର ଖର୍ଚ୍ଚ ବହନ କରିପାରିବ ?** ଯଦି ପାଞ୍ଚଜଣ ବିଶ୍ୱାସକାରୀ ଏହି ସୁବର୍ଣ୍ଣ ଅବସରକୁ ଚିହ୍ନି ନେବେ, ତେବେ ଉକ୍ତ ପାଞ୍ଚ ଶାଖାର ବ୍ୟବସ୍ଥା ଦାୟିତ୍ୱକୁ ସ୍ୱୟଂ ଜଣେ ଜଣେ ଏକାକୀ ବହନ କରିନେବେ । ହେ ପରମେଶ୍ୱର ପରମବ୍ରହ୍ମ ! ତୁମେ ସ୍ୱୟଂ ଏମାନଙ୍କ ହୃଦୟକୁ ଉନ୍ମୁକ୍ତ କର । ଇସଲାମ ଉପରେ ଅଦ୍ୟାବଧି ଏପରି ଦାରିଦ୍ର୍ୟତାର ସମୟ ଆସି ନାହିଁ । ସଂକୀର୍ଣ୍ଣ ମନା ଅଛନ୍ତି, ସତ କିନ୍ତୁ ହୃଦୟଗ୍ରାହୀଙ୍କ ଅଭାବ ନାହିଁ ଏବଂ ଯେଉଁ ଲୋକମାନେ ଏହାର ପୂର୍ଣ୍ଣ ସାମର୍ଥ୍ୟ ରଖିନାହାନ୍ତି, ସେମାନେ ମଧ୍ୟ ଏପରି ଉପାୟରେ ଏହି ଐଶୀ କର୍ମଶାଳାର ସହାୟତା କରିପାରିବେ, ଯେପରିକି ନିଜର ଆର୍ଥିକ ସକ୍ଷମ ଅନୁସାରେ ମାସିକ ଆମଦାନୀ ମଧ୍ୟରୁ କିଛି ପରିମାଣର ରାଶି ଦୃଢ ସଙ୍କଳ୍ପ ସହିତ ଏହି କର୍ମଶାଳା ନାମରେ ଅର୍ପଣ କରନ୍ତୁ । ଆଳସ୍ୟ ଓ ଶିଥିଳତା ତଥା ଦୁଶ୍ଚିନ୍ତା ଦ୍ୱାରା କଦାପି ଧର୍ମର ଉପକାର ସାଧିତ ହୋଇ ନଥାଏ । କୁତ୍ସାରଟନା ଓ ମନ୍ଦ ଚିନ୍ତାଧାରା ଘରମାନଙ୍କୁ ନିର୍ଜନ କରିବା ଓ ପରସ୍ପର ମଧ୍ୟରେ ଫାଟ ସୃଷ୍ଟି କରିଥାଏ । ଦେଖ, ଯେଉଁମାନେ ଅବତାରଙ୍କ ସହଚର୍ଯ୍ୟ ପ୍ରାପ୍ତ କଲେ, ସେମାନେ ଧର୍ମର ପ୍ରଚାର ପାଇଁ କିପରି ଧରଣର ଉତ୍ସର୍ଗୀକୃତ କାର୍ଯ୍ୟ ସମ୍ପାଦନ କଲେ । ଯେପରି ଜଣେ ଧନଶାଳୀ ବ୍ୟକ୍ତି ନିଜର ସବୁଠାରୁ ପ୍ରିୟ ସକଳ ଧନ-ସମ୍ପଦକୁ ଧର୍ମ ମାର୍ଗରେ ଦାନ କରିଦେଲେ, ସେହିପରି ଜଣେ ଭିକ୍ଷୁକ ଓ ଦରିଦ୍ର ବ୍ୟକ୍ତି ନିଜର ପ୍ରିୟ ଅନ୍ନ ଭରା ଭିକ୍ଷା ଥାଳୀକୁ ଭେଟି ସ୍ୱରୂପ ଚଢାଇ ଦେଲେ ଏବଂ ସେମାନେ ସେପର୍ଯ୍ୟନ୍ତ ଏହିପରି କରିଚାଲିଲେ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ନିକଟରୁ ବିଜୟର ଗୌରବମୟ ମୁହୂର୍ତ୍ତ ଆସିଯାଇ ନଥିଲା । ମୁସଲମାନ ହେବା ସହଜ ନୁହେଁ, ନା ବିଶ୍ୱାସକାରୀର ଉପାଧି ପାଇବା ଏତେ ସହଜ ସାଧ୍ୟ । ସୁତରାଂ ହେ ଲୋକମାନେ ! ଯଦି ତୁମମାନଙ୍କ ମଧ୍ୟରେ ସତ୍ୟ ପ୍ରତି ଆଗ୍ରହତା ରହିଛି ଯାହାକି ବିଶ୍ୱାସକାରୀମାନଙ୍କୁ ପ୍ରଦାନ କରାଯାଇଥାଏ, ତେବେ ମୋର ଏହି ଆବାହନକୁ ହାଲୁକା ଦୃଷ୍ଟିରେ ଦେଖ ନାହିଁ । ପୁଣ୍ୟ ଅର୍ଜନ କରିବାର ସୁଯୋଗ ଉଣ୍ଡୁଥାଅ, ଈଶ୍ୱର ଆକାଶ ମାର୍ଗରୁ ତୁମକୁ ଦେଖୁଛନ୍ତି ଯେ ତୁମେ ଏହି ବାର୍ତ୍ତାକୁ ଶୁଣି ତାହାର କ'ଣ ଉତ୍ତର ଦେଉଛ ?

ହେ ମୁସଲମାନଗଣ ! ଯେଉଁମାନେ ଦୃଢପ୍ରତିଜ୍ଞ, ବିଶ୍ୱାସକାରୀଙ୍କ ସଦ ୍‌ଗୁଣ ବହନ କରିଛନ୍ତି ଏବଂ ପୁଣ୍ୟାତ୍ମା ସତ୍‌ପୁରୁଷଙ୍କ ସନ୍ତାନ ରୂପେ ପରିଚୟ ଦେଉଛି, ଅସ୍ୱୀକାର ଓ ବିଦ୍ୱେଷ ଭାବନା ଆଡ଼କୁ ଶୀଘ୍ରତା ଦେଖାଅ ନାହିଁ ଏବଂ ଏହି ଭୟଙ୍କର ମହାମାରୀକୁ ଭୟକର ଯାହା ତୁମ ଚତୁର୍ପାର୍ଶ୍ୱରେ ପରିବ୍ୟାପ୍ତ ହେଉଛି ।

ଅସଂଖ୍ୟ ଲୋକ ଏହି ମହାମାରୀର କରାଳ ଫାଶରେ ଛନ୍ଦି ହୋଇ ଯାଉଛନ୍ତି । ତୁମେ ଦେଖୁଛ ଯେ କିଭଳି ତୀବ୍ରତାର ସହ ଇସଲାମକୁ ଲୋପ କରିବା ପାଇଁ ଉଦ୍ୟମ ଚାଲିଛି । କ'ଣ ତୁମର ଏହା କର୍ତ୍ତବ୍ୟ ନୁହେଁ କି ତୁମେମାନେ ମଧ୍ୟ ଯଥା ସାଧ୍ୟ ପ୍ରଚେଷ୍ଟା କର । ଇସଲାମ ମନୁଷ୍ୟକୃତ ଧର୍ମ ନୁହେଁ ଯେ ତାହା ତୁଚ୍ଛ ମାନବର ପ୍ରୟାସରେ ପୃଥିବୀରୁ ନଷ୍ଟଭ୍ରଷ୍ଟ ହୋଇଯିବ । କିନ୍ତୁ ସେମାନଙ୍କ ସକାଶେ ଦୁଃଖ ଲାଗୁଛି ଯେଉଁମାନେ ଏହାକୁ ଲୋପ କରିଦେବା ପାଇଁ ସଦା ତତ୍ପର ହେଉଛନ୍ତି । ସେହିମାନଙ୍କ ପାଇଁ ମନରେ କ୍ଷୋଭ ଆସୁଛି ଯେ ନିଜ ପତ୍ନୀ ଓ ସନ୍ତାନ ତଥା ନିଜର କାମନାକୁ ଚରିତାର୍ଥ କରିବା ନିମନ୍ତେ ତ ତାଙ୍କ ନିକଟରେ ତ ସବୁକିଛି ସାଧନ ଅଛି, କିନ୍ତୁ ଇସଲାମ ସେବାର ରାଗକୁ ପୂର୍ତ୍ତି କରିବା ପାଇଁ ସେମାନଙ୍କ ପକେଟ୍‌ରେ କିଛି ନାହିଁ । ହାୟ ଆଳସ୍ୟ ପରାୟଣ ବ୍ୟକ୍ତି, ଘୋର ପରିତାପର ବିଷୟ ଯେ ଆପଣମାନେ ଇସଲାମର ମୂଳମନ୍ତ୍ରକୁ ଉଚ୍ଚ ସ୍ଥାନ ଦେବା ଓ ଧର୍ମର ଜ୍ୟୋତି ପ୍ରଦର୍ଶନ କରିବାର କୌଣସି ସାମର୍ଥ୍ୟ ରଖି ନାହାନ୍ତି । କିନ୍ତୁ ଐଶୀ ପ୍ରତିଷ୍ଠିତ କର୍ମଶାଳା ଯାହାକି ଇସଲାମର ଚମକ ପ୍ରତିପାଦନ କରିବା ପାଇଁ ଆସିଛି, ତାହାକୁ କୃତଜ୍ଞତାର ସହ ସ୍ୱୀକାର କରିପାରିବ ନାହିଁ । ଆଜିକାଲି ଇସଲାମ ସେହି ଦୀପ ସଦୃଶ ହୋଇଯାଇଛି ଯାହାକୁ ଏକ ସିନ୍ଦୁକ ଭିତରେ ବନ୍ଦ ରଖାଯାଇଛି, ଅଥବା ସେହି ମଧୁର ଜଳର ନିର୍ଝର ସଦୃଶ ଯାହାକୁ କୁଢ କୁଢ କାଠିକୁଟା ଦ୍ୱାରା ଢାଙ୍କି ଦିଆଯାଇଛି । ଏହି କାରଣରୁ ଇସଲାମ ଅବନତି ହେବା ଅବସ୍ଥାରେ ପଡ଼ି ରହିଛି । ତାହାର ସୌନ୍ଦର୍ଯ୍ୟମୟ ଚେହେରା ଆଉ ଦୃଶ୍ୟମାନ ହେଉ ନାହିଁ । ତାହାର ମନମୋହକ ଚିତ୍ରପଟ ଦୃଷ୍ଟିଗୋଚର ହେଉ ନାହିଁ । ମୁସଲମାନମାନଙ୍କର ଏହା କର୍ତ୍ତବ୍ୟ ଥିଲା ଯେ ତାହାର କମନୀୟ ରୂପ ଦେଖାଇବା ନିମନ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚନ୍ଦାଇଥା'ନ୍ତେ ଏବଂ ଧନ କ'ଣ ରକ୍ତକୁ ମଧ୍ୟ ପାଣି ପରି ବୁହାଇଥା'ନ୍ତେ । କିନ୍ତୁ ସେମାନେ ଏପରି କଲେ ନାହିଁ । ସେମାନେ ନିଜର ପ୍ରଚଣ୍ଡ ନିର୍ବୋଧତା ଯୋଗୁଁ ଏହି ଭ୍ରମ ଜାଲରେ କବଳିତ ହୋଇଛନ୍ତି, ଯେ କ'ଣ ପୂର୍ବ ଶାସ୍ତ୍ରମାନ ଯଥେଷ୍ଟ ନୁହେଁ । କିନ୍ତୁ ଏହା ସେମାନେ ଜାଣନ୍ତି ନାହିଁ ଯେ ନୂତନ ବିଶୃଙ୍ଖଳାଗୁଡ଼ିକର ଦୂରୀକରଣ କରିବା ପାଇଁ ଯାହାକି ନୂଆ ନୂଆ ପ୍ରକ୍ରିୟା ଦ୍ୱାରା ପ୍ରକାଶ ପାଇବାରେ ଲାଗିଛି, ସେଗୁଡ଼ିକୁ ରୋକିବା ଓ ପ୍ରତିହତ କରିବା ନିମନ୍ତେ ମଧ୍ୟ ଅଭିନବ କିସମର ମାଧ୍ୟମ ଆବଶ୍ୟକ । ସେହିପରି ପ୍ରତ୍ୟେକ ଯୁଗରେ ଅନ୍ଧକାର ବ୍ୟାପିବା ସମୟରେ ଯେଉଁ ଅବତାର, ବାର୍ତ୍ତାବହ ଓ ସୁଧାରକ ଆସିଥିଲେ କ'ଣ ସେତେବେଳେ ପୂର୍ବବର୍ତ୍ତୀ (ଅବତାର ଆଣିଥିବା) ପୁସ୍ତକ ନଥିଲା ? ଅତଃ ହେ ଭାଇମାନେ ! ଏହା ତ ଜରୁରୀ ଯେ ଅନ୍ଧକାର

ଘୋଟି ଆସିବା ସମୟରେ ଆଲୋକମୟ ପ୍ରକାଶ ଆକାଶରୁ ଅବତୀର୍ଣ୍ଣ କରିଥାଏ । ମୁଁ ଏହି ରଚନା ମାଧ୍ୟମରେ ଆଲୋଚନା କରିସାରିଛି ଯେ ଈଶ୍ୱର ସୁରାଃ କଦର୍‌ରେ ଏହାର ବର୍ଣ୍ଣନା କରିଛନ୍ତି । ଅଧିକନ୍ତୁ ବିଶ୍ୱାସକାରୀମାନଙ୍କୁ ସୁସମ୍ବାଦ ପ୍ରଦାନ କରିଛନ୍ତି ଯେ ତାହାଙ୍କ ବାଣୀ ଓ ତାଙ୍କ ପ୍ରେରିତ ଅବତାର ଲୈଲତୁଲ କଦର୍‌ରେ (ମହିମାମୟ ରାତ୍ରୀ) ଆକାଶରୁ ଅବତୀର୍ଣ୍ଣ କରିଥାନ୍ତି । ପ୍ରତ୍ୟେକ ସୁଧାରକ ଓ ସଂସ୍କାରକ ଯେଉଁମାନେ ପ୍ରଭୁଙ୍କ ନିକଟରୁ ଆସିଥାନ୍ତି ସେମାନେ ଲୈଲତୁଲ କଦର୍‌ରେ ହିଁ ଅବତରଣ କରିଥାନ୍ତି । ତୁମେ 'ଲୈଲତୁଲ କଦର୍'ର ଅର୍ଥ କ'ଣ ବୋଲି ଭାବୁଛ ? ଏହା ସେହି ଅନ୍ଧକାରମୟ ଯୁଗର ନାମ, ଯାହାର ଅନ୍ଧକାର ଅନ୍ତିମ ଚରଣରେ ପହଞ୍ଚି ଯାଇଥାଏ । ସେତେବେଳେ ସେହି ଯୁଗ ଏକ ଦିବ୍ୟ ପ୍ରକାଶ ଅବତୀର୍ଣ୍ଣ ହେବା ଆବଶ୍ୟକ କରିଥାଏ, ଯାହାକି ସେହି ଅନ୍ଧକାରକୁ ଦୂର କରିବ । ତେଣୁ ସେହି ଯୁଗର ନାମ 'ଲୈଲତୁଲ୍ କଦର୍' ରୂପେ ନାମିତ କରାଯାଇଛି । କିନ୍ତୁ ବାସ୍ତବରେ ତାହା କୌଣସି ରାତ୍ର ନୁହେଁ । ତାହା ଏକ ଯୁଗ, ଯାହାକି ଅନ୍ଧକାର ଯୋଗୁଁ ରାତ୍ରୀର ଅନୁରୂପ ହୋଇଥାଏ । ଅବତାରଙ୍କ ଦେହାବସାନ ଅବା ତାଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀଙ୍କ ଦେହାନ୍ତ ପରେ ଏକ ହଜାର ମାସ ଯାହାକି ମାନବୀୟ ପରମାୟୁକୁ ସମ୍ଭବତଃ ପୂରଣ କରିଥାଏ ଏବଂ ମନୁଷ୍ୟର ବିଚାର ଶକ୍ତିକୁ ବିଦାୟ ଦେବାର ସୂଚନା ଦେଇଥାଏ, ତାହା ଅତିବାହିତ ହୋଇଗଲେ ସେହି ମହିମାମୟ ରାତ୍ରୀ ନିଜର ରଙ୍ଗ ଦେଖାଇବାକୁ ଲାଗିଥାଏ । ସେତେବେଳେ ଐଶ୍ୱରିକ କାର୍ଯ୍ୟାନୁଷ୍ଠାନ ଜଣେ କିମ୍ବା ଏକାଧିକ ସୁଧାରକଙ୍କ ଆଗମନର ପରୋକ୍ଷ ରୂପେ ବୀଜ ରୋପଣ କରିଥାଏ, ଯାହାକି ନୂତନ ଶତାବ୍ଦୀର ପ୍ରାରମ୍ଭରେ ପ୍ରକଟ ହେବା ନିମନ୍ତେ ଭିତରେ ଭିତରେ ପ୍ରସ୍ତୁତ ହୋଇ ଚାଲିଥାଏ । ଏଥିପ୍ରତି ପରମେଶ୍ୱର ଈଙ୍ଗିତ କରି କୁହନ୍ତି: لَيْلَةُ الْقَدْرِ خَيْرٌ مِّنْ أَلْفِ شَهْرٍ

**ଲୈଲତୁଲ କଦ୍‌ରେ ଖୈରୁମ୍ ମିନ୍ ଅଲ୍‌ଫି ଶହର୍** (ଅଲ୍ କଦର୍ 97:4) ଅର୍ଥାତ 'ସେହି ଲୈଲତୁଲ୍ କଦର୍‌ର ପ୍ରକାଶକୁ ଅବଲୋକନ କରୁଥିବା ଏବଂ ନିଜ ସମୟର ଯୁଗାବତାରଙ୍କ ସତ୍‌ସଙ୍ଗରୁ ଉପକୃତ ହେଉଥିବା ବ୍ୟକ୍ତି ସେହି ୮୦ବର୍ଷର ବୃଦ୍ଧ ବ୍ୟକ୍ତିଠାରୁ ଅଧିକ ଉତ୍ତମ ଯେ ଏହି ଆଲୋକମୟ ସମୟକୁ ପ୍ରାପ୍ତ କରିବାରୁ ବଞ୍ଚିତ ହୋଇ ରହିଗଲା । ଯଦି ସେହି ସମୟକୁ ଏକ ମୁହୂର୍ତ୍ତ ପାଇଁ ମଧ୍ୟ ସେ ପାଇଗଲା, ତେବେ ସେହି କ୍ଷଣିକ ସମୟ ସେହି ଏକ ହଜାର ମାସଠାରୁ ମଧ୍ୟ ଉତ୍କୃଷ୍ଟ, ଯାହା ପୂର୍ବରୁ ବିତି ଯାଇଛି ।' ତେବେ ଏହି ମାହେନ୍ଦ୍ର ବେଳା କାହିଁକି ଶ୍ରେୟସ୍କର ? ଏହି ଶୁଭ ମୁହୂର୍ତ୍ତ କାହିଁକି ଉତ୍ତମ ? କାରଣ ଏହି ଲୈଲତୁଲ୍ କଦର୍‌ରେ ଈଶ୍ୱରଙ୍କ ଦେବଦୂତ ଓ

ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା) ସେହି ଧର୍ମ ସୁଧାରକଙ୍କ ସହିତ ପରାକ୍ରମୀ ପ୍ରଭୁଙ୍କ ଅନୁମତି କ୍ରମେ ଅଯଥାରେ ଆକାଶରୁ ଅବତରଣ କରି ନଥାନ୍ତି । ତାହା ଏଥିପାଇଁ ଯେ ଏତତ୍‌ଦ୍ୱାରା ବ୍ୟାକୁଳ ହୃଦୟମାନଙ୍କରେ ଅବତୀର୍ଣ୍ଣ କରି ଶାନ୍ତି ଓ ସୁରକ୍ଷାର ମାର୍ଗ ଉନ୍ମୁକ୍ତ କରିବେ । ଅତଏବ ସେମାନେ ସମସ୍ତ ମାର୍ଗ ଉନ୍ମୁକ୍ତ କରିବା ଓ ଅଜ୍ଞାନତାର ସମସ୍ତ ପରଦା ଉଠାଇବାରେ ବ୍ୟସ୍ତ ରହିଥାନ୍ତି । ଏପରିକି ଆଳସ୍ୟର ଅନ୍ଧକାର ଦୂରେଇ ଯାଇ ସତ୍ ଶିକ୍ଷା ରୂପକ ପ୍ରଭାତର ଉଦୟ ଘଟିଥାଏ ।

ବର୍ତ୍ତମାନ ହେ ମୁସଲମାନଗଣ ! ଧ୍ୟାନପୂର୍ବକ ଏହି ଆୟତଗୁଡ଼ିକୁ ପାଠ କର । କିପରି ଈଶ୍ୱର ଏହି କଲ୍ୟାଣମୟ ଯୁଗର ବର୍ଣ୍ଣନା କରିଛନ୍ତି । ଯେଉଁଥିରେ ଆବଶ୍ୟକ ସମୟରେ କୌଣସି ସୁଧାରକଙ୍କୁ ସଂସାରକୁ ପ୍ରେରଣ କରିଥାନ୍ତି । କ'ଣ ତୁମେ ଏଭଳି ଯୁଗକୁ ମହତ୍ୱ ଦେବ ନାହିଁ ? କ'ଣ ତୁମେ ଈଶ୍ୱରଙ୍କ ଆଦେଶଗୁଡ଼ିକୁ ଉପହାସ ଦୃଷ୍ଟିରେ ଦେଖିବ ?

ଅତଃ ହେ ଇସଲାମର ସମର୍ଥନକାରୀ ବ୍ୟକ୍ତିଗଣ ! ଦେଖ, ମୁଁ ଏହି ବାର୍ତ୍ତା ଆପଣମାନଙ୍କ ନିକଟରେ ପହଞ୍ଚାଇ ଦେଉଛି ଯେ ଆପଣମାନଙ୍କୁ ଏହି ଯୁଗ ସଂସ୍କାରକ କର୍ମଶାଳା ଯାହାକି ଈଶ୍ୱରଙ୍କ ନିକଟରୁ ଉଦ୍ଭବ ହୋଇଛି, ନିଜର ସମସ୍ତ ହୃଦୟ ଢାଳି ଦେଇ, ନିଜର ଧ୍ୟାନକୁ ଅଜାଡ଼ି ଦେଇ ତଥା ସଂପୂର୍ଣ୍ଣ ନିଷ୍ଠାପୂର୍ବକ ପୁର୍ଣ୍ଣ ପ୍ରାଣରେ ସାହାଯ୍ୟ କରିବା ଉଚିତ । ତାହାର ସମସ୍ତ ଦିଗ ପ୍ରତି ଶ୍ରଦ୍ଧା ପୂର୍ଣ୍ଣ ଦୃଷ୍ଟିରେ ଦେଖି ଯଥା ଶୀଘ୍ର ସେବାର ଦାୟିତ୍ୱ ନିର୍ବାହ କରିବା ଉଚିତ । ଯେଉଁ ବ୍ୟକ୍ତି ନିଜ ସାମର୍ଥ୍ୟ ମୁତାବକ କିଛି ମାସିକ ଅର୍ଥଦାନ କରିବାକୁ ଚାହୁଁଛନ୍ତି, ସେ ତାହାକୁ ନିଜର ଧର୍ମ ଓ କର୍ତ୍ତବ୍ୟ ମନେକରି ନିଜର ପୂର୍ବ ନିର୍ଦ୍ଧାରିତ ଚାନ୍ଦା ପୈଠ କରିବାରେ ବିଳମ୍ବ କିମ୍ବା ଅଳସୁଆମି ପ୍ରଦର୍ଶନ କରନ୍ତୁ ନାହିଁ । ଯେଉଁ ବ୍ୟକ୍ତି ଏକାଥରକେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଅର୍ଥ ଦାନ କରିବାକୁ ଚାହେଁ, ସେ ମଧ୍ୟ ସେଭଳି ପୈଠ କରନ୍ତୁ । କିନ୍ତୁ ଅସଲ ଉଦ୍ଦେଶ୍ୟ ମନେରଖନ୍ତୁ ଯେଉଁ ପଥରେ ଏହି ସଂସ୍ଥା ନିରନ୍ତର ଚାଲିବାର ଆଶା ରହିଛି ତାହା ହେଉଛି ଏହି ବ୍ୟବସ୍ଥା ଯେ ଧର୍ମର ପ୍ରକୃତ ଶୁଭଚିନ୍ତକ ନିଜର ଆର୍ଥିକ ସ୍ଥିତି ଓ ଅନୁକୂଳ ପରିସ୍ଥିତି ଅନୁଯାୟୀ ଏଭଳି ସୁଲଭ ଅର୍ଥ ଯାହାକି ସେମାନେ ପ୍ରତି ମାସରେ ଅତି ସହଜରେ ପୈଠ କରିପାରିବେ, ନିଜ ଉପରେ ଅନିର୍ବାର୍ଯ୍ୟ କରିନିଅନ୍ତି, ତାହା ଏହି ସର୍ତ୍ତରେ ହେଉ ଯେ କୌଣସି ଆକସ୍ମିକ ସମସ୍ୟା ନଆସୁ । ହଁ, ଯେଉଁ ବ୍ୟକ୍ତିକୁ ଅଲ୍ଲାଃ ପରମବ୍ରହ୍ମ ସାମର୍ଥ୍ୟବାନ ଓ ପ୍ରଶସ୍ତ ହୃଦୟ ପ୍ରଦାନ କରିଥିବେ, ସେ ଏହି ମାସିକ ଚାନ୍ଦା ବ୍ୟତୀତ ନିଜର ଶକ୍ତି ଓ ସାମର୍ଥ୍ୟାନୁଯାୟୀ ଥରକରେ ମଧ୍ୟ ସାହାଯ୍ୟ କରିପାରିବେ । ଏବଂ ତୁମେ ହେ ପ୍ରିୟ ସଖା ! ମୋ ପ୍ରିୟଜନ ! ମୋ

ଅସ୍ତିତ୍ୱର ଜୀବନ୍ତ ସବୁଜ ଶାଖା ! ଏହା ପ୍ରଭୁଙ୍କ ଦୟାରୁ ତୁମକୁ ପ୍ରାପ୍ତ ହୋଇଛି ଯଦ୍ୱାରା ତୁମେ ମୋ ବୈଅତରେ ଅନ୍ତର୍ଭୁକ୍ତ ଅଛ ଏବଂ ନିଜ ଜୀବନ, ନିଜ ଆରାମ, ନିଜ ଧନ ଏହି ମାର୍ଗରେ ଉତ୍ସର୍ଗ କରୁଛ । ଯଦିଓ ମୁଁ ଜାଣେ କି ମୁଁ ଯାହାକିଛି କହୁଛି ତାହାକୁ ତୁମେ ଗ୍ରହଣ କରିବା ନିଜର ସୌଭାଗ୍ୟ ମନେ କରିବ ଏବଂ ଯେଉଁ ପର୍ଯ୍ୟନ୍ତ ନିଜର ସାମର୍ଥ୍ୟ ରହିଛି କଦାପି ପଶ୍ଚାତ୍ପଦ ଦେବ ନାହିଁ । କିନ୍ତୁ ମୁଁ ଏହି ସେବା ନିମିତ ନିର୍ଦ୍ଦିଷ୍ଟ ଭାବେ ନିଜ ମୁଖରୁ ତୁମ ଉପରେ କୌଣସି ଆର୍ଥିକ ବୋଝ ଲଦି ପାରିବି ନାହିଁ । ଯଦ୍ୱାରା ତୁମର ସେବା ମନୋଭାବ ମୋର କହିବା ଦ୍ୱାରା ବାଧ୍ୟତାମୂଳକ କରିଦେବ ବରଂ ନିଜ ଇଚ୍ଛାରେ ହେଉ । ମୋର ବନ୍ଧୁ କିଏ ?ମୋର ପ୍ରିୟ କିଏ ? ସେହି ବ୍ୟକ୍ତି ଯିଏ ମୋତେ ଚିହ୍ନିଛି । ମୋତେ କିଏ ଚିହ୍ନେ ? କେବଳ ସେହି ବ୍ୟକ୍ତି ଯିଏ ମୋ ଉପରେ ବିଶ୍ୱାସ ରଖୁଛି କି ମୁଁ ଈଶ୍ୱର ପ୍ରେରିତ ଅଟେ । ଏବଂ ମୋତେ ସେହିପରି ଗ୍ରହଣ କରିଥାଏ, ଯେପରି ଈଶ୍ୱର ପ୍ରେରିତଗଣ ଗ୍ରହଣ କରାଯାଇଥାନ୍ତି । ଜଗତ ମୋତେ ଗ୍ରହଣ କରିବ ନାହିଁ, ଯେହେତୁ ମୁଁ ଏ ଜଗତର ନୁହେଁ । କିନ୍ତୁ ଯେଉଁମାନଙ୍କ ଠାରେ ଅନ୍ୟ ଜଗତର କିଛି ଅଛି, ସେମାନେ ମୋତେ ଗ୍ରହଣ କରୁଛନ୍ତି ଓ ଗ୍ରହଣ କରିବେ । ଯିଏ ମୋତେ ପ୍ରତ୍ୟାଖ୍ୟାନ କରେ ସେ ତାଙ୍କୁ ହିଁ ପ୍ରତ୍ୟାଖ୍ୟାନ କରେ, ଯିଏ ମୋତେ ପଠାଇଛନ୍ତି । ଯେଉଁ ବ୍ୟକ୍ତି ମୋ ସହିତ ସଂଶ୍ଳିଷ୍ଟ ସେ ତାଙ୍କ ସହିତ ମଧ୍ୟ ସଂଶ୍ଳିଷ୍ଟ, ଯାହାଙ୍କର ମୁଁ ପ୍ରତିନିଧିତ୍ୱ କରୁଛି । ମୋ ହସ୍ତରେ ଏକ ମଶାଲ ରହିଛି ଯାହା ମୋ ପାଖକୁ ଆସୁଥିବା ଲୋକଙ୍କୁ ଆଲୋକିତ କରିବ । କିନ୍ତୁ ଯିଏ ସନ୍ଦେହ କରିବ, ଅବିଶ୍ୱାସ କରିବ ଓ ଦୂରେଇ ଯିବ ସେ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ ହେବ । ଏ ଯୁଗରେ ମୁଁ ହେଉଛି ଅଭେଦ୍ୟ ଦୁର୍ଗ; ଯିଏ ମୋ ଭିତରକୁ ଆସିବ ସେ ଚୋର, ଡ଼କାଏତ ଓ ହିଂସ୍ରଜନ୍ତୁଙ୍କ ଠାରୁ ସୁରକ୍ଷିତ ହୋଇ ରହିବ । କିନ୍ତୁ ଯେଉଁ ବ୍ୟକ୍ତି ମୋ ଚତୁର୍ସୀମାରୁ ଦୂରେଇ ରହିବାକୁ ଚାହୁଁଥିବ, ସେ ପ୍ରତ୍ୟେକ ଦିଗରୁ ମୃତ୍ୟୁ ଲଭିବ । ଏବଂ ତାହାର ମରଶରୀର ମଧ୍ୟ ସୁରକ୍ଷିତ ରହିବ ନାହିଁ । କେଉଁ ବ୍ୟକ୍ତି ମୋ (ଜମାଅତରେ) ଅନ୍ତର୍ଭୁକ୍ତ ? ସେ ଯିଏ ମନ୍ଦକର୍ମକୁ ପରିହାର କରିଥାଏ ଏବଂ ସତ୍କର୍ମକୁ ଆପଣାଇ ଥାଏ । ଅସତ୍କୁ ବର୍ଜନ କରି ସତ୍ପଥର ପଥିକ ହୋଇଥାଏ ଏବଂ ଶୈତାନର ଦାସତ୍ୱରୁ ମୁକ୍ତ ହୋଇଥାଏ ଏବଂ ଈଶ୍ୱରଙ୍କର ଏକ ଆଜ୍ଞାକାରୀ ଭକ୍ତ ହୋଇ ଯାଇଥାଏ । ପ୍ରତ୍ୟେକ ସେହ ବ୍ୟକ୍ତି ଯିଏ ଏପରି କର୍ମ କରିଥାଏ, ସେ ମୋର ଏବଂ ମୁଁ ତାହାର । କିନ୍ତୁ ଏପରି କରିବାରେ କେବଳ ସେ ହିଁ ସକ୍ଷମ ହୋଇଥାଏ, ଯାହାଙ୍କୁ ଈଶ୍ୱର ପବିତ୍ର ଆତ୍ମର ଛତ୍ରଛାୟା ତଳେ ପକାଇ ଦିଅନ୍ତି । ସେତେବେଳେ ସେ ନିଜ ସ୍ୱାର୍ଥର ନର୍କ ଭିତରେ ନିଜର ପାଦ ରଖିଦିଏ । ଯଦ୍ୱାରା ତାହା ଏପରି ଶୀତଳ ହୋଇଯାଏ, ସତେ ଯେପରି ସେଥିରେ ଆଦୌ ଅଗ୍ନି ହିଁ ନଥିଲା । ସେତେବେଳେ

ସେ ଉନ୍ନତି ଉପରେ ଉନ୍ନତି କରି ଚାଲିଥାଏ, ଏପରିକି ଈଶ୍ୱରଙ୍କ ବିଦ୍ୟାତ୍ମା ତାହା ଠାରେ ବସା ବାନ୍ଧି ରହେ । ଏବଂ ଏକ ବିଶେଷ ଚମକ ସହିତ ରବ୍‌ବୁଲ୍ ଆଲମିନ୍ (ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା) ତାହାର ହୃଦୟରେ ବିରାଜମାନ ହୋଇଥାନ୍ତି । ତଦୁପରାନ୍ତ ପୁରାତନ ବ୍ୟକ୍ତିତ୍ୱ ଭସ୍ମୀଭୂତ ହୋଇ ଏକ ନବୀନ ଓ ପବିତ୍ର ବ୍ୟକ୍ତିତ୍ୱ ତାହାକୁ ପ୍ରଦାନ କରାଯାଇଥାଏ ଏବଂ ଈଶ୍ୱର ମଧ୍ୟ ଏକ ନୂତନ ଈଶ୍ୱର ହୋଇ ଅଭିନବ ଉପାୟରେ ତଥା ବିଶେଷ ରୂପେ ତାହା ସହିତ ସମ୍ପର୍କ ସ୍ଥାପନ କରିଥାନ୍ତି ଏବଂ ସ୍ୱର୍ଗୀୟ ଜୀବନର ସମସ୍ତ ଦିବ୍ୟ ସାମଗ୍ରୀ ଇହକାଳରେ ତାହାକୁ ମିଳି ଯାଇଥାଏ ।

ଏଠାରେ ମୁଁ ଏହି ବିଷୟକୁ ମଧ୍ୟ ପ୍ରକାଶ କରିବା ଓ କୃତଜ୍ଞତା ଜ୍ଞାପନ କରିବା ବିନା ରହିପାରିବି ନାହିଁ ଯେ ଈଶ୍ୱରଙ୍କ ଦୟା ଓ କୃପା ମୋତେ ଏକାକୀ ଛାଡ଼ି ଦେଇ ନାହିଁ । ମୋ ସହିତ ଭ୍ରାତୃତ୍ୱର ସମ୍ପର୍କ ଯୋଡୁଥିବା ବ୍ୟକ୍ତି ଏବଂ ଏହି ସମ୍ପ୍ରଦାୟ ଯାହାର ଭିତ୍ତିସ୍ଥାପନ ପ୍ରଭୁ ସ୍ୱହସ୍ତରେ କରିଛନ୍ତି, ଅନ୍ତର୍ଭୁକ୍ତ ହୋଇଥିବା ବ୍ୟକ୍ତିଗଣ ପ୍ରେମବିହ୍ୱଳ ଓ ନିଷ୍ଠାର ରଙ୍ଗରେ ଅତି ଅଦ୍ଭୁତ ରୂପେ ବିଭୂଷିତ ହୋଇଥାନ୍ତି । ନା ମୋର ନିଜ ପରିଶ୍ରମ ବଳରେ, ବରଂ ଈଶ୍ୱର ନିଜର ବିଶେଷ ଅନୁଗ୍ରହ ବଳରେ ଏପରି ସଦାତ୍ମାଜନଙ୍କୁ ମୋତେ ଅର୍ପଣ କରିଛନ୍ତି । ସର୍ବପ୍ରଥମେ ମୁଁ ଆଧ୍ୟାତ୍ମିକତାରେ ଅଧିଷ୍ଠିତ ନିଜର ଜଣେ ଭାଇଙ୍କ ବିଷୟରେ ଚର୍ଚ୍ଚା କରିବାକୁ ହୃଦୟରେ ଗଭୀର ଆବେଗ ପରିଲକ୍ଷୀତ କରୁଛି । ତାହାଙ୍କ ଶୁଭ ନାମ ତାଙ୍କର ଅନାବିଳ ଶ୍ରଦ୍ଧାପୂର୍ଣ୍ଣ ବ୍ୟକ୍ତିତ୍ୱ ପରି ନୁରୁଦ୍ଦିନ୍ ଅଟେ । ମୁଁ ତାଙ୍କର କେତେକ ଅପାର ଧର୍ମଭିତ୍ତିକ ସେବା କାର୍ଯ୍ୟ ଯାହାକି ସେ ନିଜର ବିଶୁଦ୍ଧ ଧନ ବ୍ୟୟ ପୂର୍ବକ ଇସଲାମର ନାମକୁ ଉଚ୍ଚ ସ୍ତରରେ ପହଞ୍ଚାଇବା ପାଇଁ କରୁଛନ୍ତି, ତାହାକୁ କି ମୁଁ ସର୍ବଦା ବିସ୍ମୟ ଦୃଷ୍ଟିରେ ଦେଖୁଛି ଯେ ହାୟ, କାଳେ ସେହି ସେବା ମୂଳକ କାର୍ଯ୍ୟ ମୋ ଦ୍ୱାରା ସମ୍ପାଦିତ ହୋଇଥାନ୍ତା ! ତାଙ୍କ ହୃଦୟରେ ଧର୍ମ ପାଇଁ ଯେଉଁ ଉନ୍ମାଦନା ଭରି ରହିଛି ତାକୁ କଳ୍ପନା ରାଜ୍ୟରେ ସାଉଁଟି ଆଣିବା ଯୋଗୁଁ ହିଁ ଈଶ୍ୱରଙ୍କ ଅପାର ଶକ୍ତି ସମ୍ପନ୍ନ ସଂରଚନାର ନକ୍ସା ମୋ ଚକ୍ଷୁ ସମ୍ମୁଖରେ ଉଦ୍‌ଭାସିତ ହୋଇଯାଉଛି । ସେହି ଲୀଳାମୟ ପ୍ରଭୁ କିପରି ନିଜ ଭକ୍ତମାନଙ୍କୁ ନିଜ ଆଡ଼କୁ ଟାଣି ଆଣୁଛନ୍ତି । ସେହି ଭାଇ ନିଜର ସମସ୍ତ ଧନ, ସକଳ ପ୍ରଚେଷ୍ଟା ଓ ସାମର୍ଥ୍ୟ ଏବଂ ତାଙ୍କ ନିକଟରେ ଥିବା ସଂସାଧନ ସାମଗ୍ରୀ ତ୍ୟାଗ କରିବା ଦ୍ୱାରା ପ୍ରତିମୁହୂର୍ତ୍ତରେ ଅଲ୍ଲାଃ ଓ ରସୁଲଙ୍କ ଆଜ୍ଞାନୁବର୍ତ୍ତୀ ହେବାରେ ତତ୍ପରତା ପ୍ରକାଶ କରିଛନ୍ତି । ଏହିସବୁ ବିଷୟ ମୁଁ ନିଜର ଅନୁଭୂତିରୁ କହୁଛି ଏହା ନୁହେଁ ଯେ ତାଙ୍କ ପ୍ରତି ଉତ୍ତମ ଧାରଣା ପୋଷଣ କରି ଏହା କହୁଛି । ବରଂ ବାସ୍ତବ କ୍ଷେତ୍ରରେ ମୁଁ କହିବା କ୍ଷଣି କେବଳ ଧନ କ'ଣ, ଏହି ମାର୍ଗରେ ନିଜର ଜୀବନ ଓ ସମ୍ମାନ ମଧ୍ୟ ଉତ୍ସର୍ଗ କରିବାକୁ ତିଳେ

ହେଲେ ପଶ୍ଚାତପଦ ହେବେ ନାହିଁ । ଯଦି ମୁଁ ତାଙ୍କୁ ନିମିତ ମାତ୍ର ଅନୁମତି ଦିଏ ତେବେ ସେ ନିଜର ସର୍ବସ୍ୱ ତ୍ୟାଗ କରି ନିଜର ଲବ୍ଧ ପ୍ରତିଷ୍ଠିତ ଉଚ୍ଚ ଆଧ୍ୟାତ୍ମିକ ସ୍ତର ପରି ଶାରୀରିକ ଭାବରେ ସାମିପ୍ୟ ହାସଲ କରନ୍ତେ ଏବଂ ପ୍ରତି ମୁହୂର୍ତ୍ତରେ ମୋ ସଂସ୍ପର୍ଶରେ ରହିବାର କର୍ତ୍ତବ୍ୟ ସମ୍ପାଦନ କରନ୍ତେ । ତାଙ୍କର କେତେକ ପତ୍ରର କିୟତାଂଶ ଏଠାରେ ନମୁନା ସ୍ୱରୂପ ପାଠକବର୍ଗଙ୍କ ନିକଟରେ ଉପସ୍ଥାପନ କରୁଛି, ଯଦ୍ୱାରା ସେମାନେ ଜାଣିପାରିବେ ଯେ ମୋର ଭାଇ ମୌଲବୀ ହକିମ୍ ନୁରୁଦ୍ଦିନ୍ ଭେିରୱୀ ଚିକିତ୍ସକ ଜମ୍ମୁ ରାଜ୍ୟ ପ୍ରେମ, ଆନ୍ତରିକତା ଓ ନିଷ୍ଠା କ୍ଷେତ୍ରରେ କେଉଁ ସ୍ତର ପର୍ଯ୍ୟନ୍ତ ଉନ୍ନତି ଲାଭ କରିଛନ୍ତି ଏବଂ ସେହି ପତ୍ରାବଳୀର ବାକ୍ୟ ପରିପାଟୀ ଏହିପରି ଉଲ୍ଲେଖ କରାଯାଉଛି:

**ଆମର ସ୍ୱାମୀ, ଆମ ପଥ ପ୍ରଦର୍ଶକ, ଆମର ପରମ ପୂଜ୍ୟ ଅଧିପତି ! ଅସ୍‌ସଲାମୋ ଅଲୈକୁମ୍ ରହ୍‌ମତୁଲ୍ଲାହି ବର୍‌କାତହୁ । ମହାମହିମଙ୍କ ସେବାରେ ମୋର ପ୍ରାର୍ଥନା ଏହିକି ଯେ ମୁଁ ପ୍ରତ୍ୟେକ ସମୟରେ ହଜୁରଙ୍କ ସେବାରେ ଉପସ୍ଥିତ ରହିଥାଏ ଏବଂ ଐଶୀ ପ୍ରେରଣାରେ ଯୁଗାବତାର ଯେଉଁ ଉଦ୍ଦେଶ୍ୟରେ ନିଯୁକ୍ତ କରାଯାଇଛନ୍ତି, ଏ ବିନୀତ ସେହି ଉଦ୍ଦେଶ୍ୟ ପ୍ରାପ୍ତକାରୀ ସାବ୍ୟସ୍ତ ହେଉ । ଯଦି ଅନୁମତି ମିଳେ ତେବେ ମୁଁ ଚାକିରୀରୁ ଇସ୍ତଫା ଦେଇ ଦିବାରାତ୍ର ମହାମହିମଙ୍କ ଶ୍ରୀଚରଣରେ ପଡ଼ି ରହିବି ଅଥବା ଆଜ୍ଞା ଦେଲେ ଆପଣଙ୍କ ନିକଟରୁ ଦୂରେଇ ଯାଇ ସଂସାରରେ ଘୂରି ବୁଲିବି ଏବଂ ଲୋକମାନଙ୍କୁ ସତ୍‌ଧର୍ମ ପ୍ରତି ଡ଼ାକରା ଦେବି ତଥା ଏହି ମାର୍ଗରେ ନିଜ ପ୍ରାଣ ତ୍ୟାଗ କରିଦେବି । ମୁଁ ଆପଣଙ୍କ ପଦ ସେବାରେ ଉତ୍ସର୍ଗୀକୃତ, ମୋର ଯାହାକିଛି ଅଛି ତାହା ମୋର ନୁହେଁ ବରଂ ଆପଣଙ୍କର । ଶ୍ରୀମାନ ଗୁରୁଦେବ ଓ ପ୍ରଥପ୍ରଦର୍ଶକ ! ମୁଁ ସଂପୂର୍ଣ୍ଣ ସତ୍ୟତାର ସହିତ ନିବେଦନ କରୁଛି ଯେ ମୋର ସମସ୍ତ ଧନସମ୍ପତ୍ତି ଯଦି ଧର୍ମର ପ୍ରଚାରରେ ବ୍ୟୟ ହୋଇଯାଏ, ତେବେ ମୁଁ ନିଜ ଜୀବନର ଲକ୍ଷ୍ୟକୁ ପ୍ରାପ୍ତ କରିନେବି । ଯଦି 'ବରାହିନେ ଅହମଦିୟା'ର କ୍ରେତାମାନେ ପୁସ୍ତକ ପ୍ରକାଶନରେ ବିଳମ୍ବ ହେବା ଯୋଗୁଁ ଚିନ୍ତିତ ହୋଇ ରହିଥା'ନ୍ତି, ତେବେ ମୋତେ ଏହି ସାମାନ୍ୟ ସେବା କରିବା ପାଇଁ ଅନୁମତି ଦିଅନ୍ତୁ ଯେ ମୁଁ ତାଙ୍କର ଦେଇଥିବା ସମସ୍ତ ରାଶି ଫେରସ୍ତ କରିଦେବି । ଶ୍ରୀମାନ ଗୁରୁଦେବ ଓ ମୋର ପ୍ରଥପ୍ରଦର୍ଶକ ଏହି ଅଧମ ଅନୁରୋଧ କରୁଛି ଯେ ଯଦି ଉକ୍ତ**

**ପ୍ରସ୍ତାବକୁ ଗ୍ରହଣ କରନ୍ତେ, ତେବେ ତାହା ମୋର ମହାଭାଗ୍ୟ । ମୋର ଇଚ୍ଛା ଯେ 'ବରାହିନେ ଅହମଦିୟା'ର ସମସ୍ତ ମୁଦ୍ରଣ ଖର୍ଚ୍ଚ ମୁଁ ବହନ କରନ୍ତି ଏବଂ ପୁସ୍ତକ ବିକ୍ରି ହେଲେ ଯେଉଁ ଅର୍ଥ ଉପାର୍ଜନ ହେବ, ତାହା ଆପଣଙ୍କ ଆବଶ୍ୟକତାକୁ ପୂରଣ କରିବାରେ ବ୍ୟୟ କରାଯାଆନ୍ତା । ମୋର ଆପଣଙ୍କ ସହିତ ସମ୍ପର୍କ ହଜରତ ଉମର ଫାରୁକ୍[ରଅ]ଙ୍କ ସଦୃଶ ଏବଂ ମୁଁ ନିଜର ସର୍ବସ୍ୱ ଏହି ମାର୍ଗରେ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ଅଛି । ଦୁଆ କରନ୍ତୁ କି ମୋର ମୃତ୍ୟୁ ସଦାତ୍ମାମାନଙ୍କ ପରି ହେଉ ।**

ମୌଲବି ସାହେବଙ୍କ ସତ୍ୟବାଦୀତା ସାହସିକତା ଏବଂ ତାଙ୍କର ସହାନୁଭୂତି ତଥା ନିସ୍ୱାର୍ଥପରତା ଯେପରି ତାଙ୍କ ବଚନରୁ ପ୍ରକଟ ହେଉଛି । ତାହାଠାରୁ ବଳି ତାଙ୍କ ବ୍ୟବହାରରୁ ତଥା ତାଙ୍କର ନିଷ୍ପାପର ସେବା ଦ୍ୱାରା ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି । ଏବଂ ସେ ପ୍ରେମ ଓ ଶ୍ରଦ୍ଧାର ପ୍ରେରଣାତ୍ମକ ଭାବନା ଦ୍ୱାରା ଚାହୁଁଛନ୍ତି, ଯେ ତାଙ୍କର ସବୁକିଛି ଏପରିକି ନିଜ ପରିବାରର ଜୀବନଯାପନର ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ଏହି ମାର୍ଗରେ ଅର୍ପଣ କରିଦିଅନ୍ତେ । ତାଙ୍କ ଆତ୍ମା ପ୍ରେମର ଉତ୍କଣ୍ଠାରେ ଓ ଉନ୍ମାଦନା ତାଙ୍କ ସମାର୍ଥ୍ୟ ଠାରୁ ଅଧିକ ତ୍ୱରିତ ଗତିରେ ପାଦ ଆଗକୁ ବଢାଇବାର ଶିକ୍ଷା ଦେଉଛି, ଯଦ୍ଦ୍ୱାରା ସେ ପ୍ରତିକ୍ଷଣ ସେବା କରିବାରେ ଲାଗି ରହିଛନ୍ତି ।* କିନ୍ତୁ ଏହା ତାଙ୍କ ପ୍ରତି ଅତ୍ୟନ୍ତ ନିର୍ଦ୍ଦୟ ପୂର୍ଣ୍ଣ ହେବ, ଯେହେତୁ ପ୍ରାଣ ଉତ୍ସର୍ଗ କରୁଥିବା ଜଣେ ବ୍ୟକ୍ତି ଉପରେ ତାଙ୍କ ସାମର୍ଥ୍ୟ ଠାରୁ ବଳି ବୋଝ ଲଦିଦେବା ଆଦୌ ସହଣୀୟ ନୁହେଁ । ଯାହା ସାମୁହିକ ରୂପେ ଏକ ଦଳଗତ କାର୍ଯ୍ୟ । ନିଃସନ୍ଦେହରେ ମୌଲବୀ ସାହେବ ଏହି ସେବା କାର୍ଯ୍ୟ ତୁଲାଇବା ପାଇଁ ନିଜର ସମସ୍ତ ସମ୍ପତ୍ତି ସମର୍ପଣ କରିଦେବା ଏବଂ ଅୟୁବ୍ ନବୀଙ୍କ ପରି ଏପରି କହିବା ଯେ ମୁଁ ଏକାକୀ ଆସିଛି ଓ ଏକାକୀ ଚାଲିଯିବିର

* **ପାଦଟୀକା:** ହଜରତ ମୌଲବୀ ସାହେବଙ୍କର ଇସଲାମୀୟ ନିୟମାବଳୀ ଓ ହଦିସ୍ ତଥା କୁରଆନର ବ୍ୟାଖ୍ୟା କରିବା କ୍ଷେତ୍ରରେ ଏକ ଉଚ୍ଚ ସ୍ତରୀୟ ବିଦ୍ୱାନ ରୂପେ ଖ୍ୟାତ ରହିଛି । ତାଙ୍କର ମଧ୍ୟ ଦର୍ଶନଶାସ୍ତ୍ର ଓ ପୁରାତନ ତଥା ଆଧୁନିକ ବିଜ୍ଞାନରେ ବେଶ୍ ଉତ୍ତମ ଜ୍ଞାନ ରହିଛି । ଚିକିତ୍ସା କ୍ଷେତ୍ରରେ ସେ ଜଣେ ଅତ୍ୟନ୍ତ ଅନୁଭବୀ ଚିକିତ୍ସକ । ପ୍ରତ୍ୟେକ ପ୍ରକାର ଐତିହ୍ୟ, କଳାସ୍ଥାପତ୍ୟ ଆଦି ଇତିହାସ ପରି ପୁସ୍ତକକୁ ମିଶର ଦେଶର ସହର, ଆରବ, ସିରିୟା ଓ ୟୁରୋପ ଆଦି ଦେଶମାନଙ୍କରୁ ମଗାଇ ଏକ ଅନନ୍ୟ ପୁସ୍ତକାଳୟ ନିର୍ମାଣ କରିଥିଲେ । ଯେପରି ଅନ୍ୟ ସାଂସାରିକ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ରହିଛି, ସେହିପରି ଧର୍ମଶାସ୍ତ୍ର ଭିତ୍ତିକ ତର୍କବିତର୍କ କ୍ଷେତ୍ରରେ ମଧ୍ୟ ସେ ବେଶ୍ ଅଧିକ ଅନୁଭୂତି ସମ୍ପନ୍ନ । ସେ ଜଣେ ଉଚ୍ଚକୋଟୀର ଲେଖକ ମଧ୍ୟ । ଆଜିକାଲି ପୁସ୍ତକ **ତସଦିକ୍ ବରାହିନେ ଅହମଦିୟା** ରଚନା କରିବାରେ ମହାଶୟ ବ୍ୟସ୍ତ ଅଛନ୍ତି । ଯାହାକି ପ୍ରତ୍ୟେକ ଅନୁସନ୍ଧାନ ସ୍ୱଭାବର ବ୍ୟକ୍ତିଙ୍କ ଦୃଷ୍ଟିରେ ଅମୂଲ୍ୟ ରତ୍ନ ଠାରୁ ମଧ୍ୟ ଅଧିକ ମୂଲ୍ୟବାନ ।

ଉକ୍ତିକୁ ଆମେ ଗ୍ରହଣ କରିନେବୁ । କିନ୍ତୁ ଏହା ସମଗ୍ର ଗୋଷ୍ଠୀର ସାମୁହିକ କର୍ତ୍ତବ୍ୟ । ସମସ୍ତଙ୍କର ଏହା ଉତ୍ତର ଦାୟିତ୍ୱ ଯେ ଏହି ମହା ବିପଦହନକ ଓ ବିଶୃଙ୍ଖଳାମୟ କଳହ ପୂର୍ଣ୍ଣ ଯୁଗରେ ଯାହାକି ବିଶ୍ୱାସ ପରି ଏକ ସମ୍ବେଦନଶୀଳ ସମ୍ପର୍କ ଯାହା ଈଶ୍ୱର ଓ ତାଙ୍କ ଭକ୍ତ ମଧ୍ୟରେ ରହିବା ଉଚିତ୍ । ତାହା ଅତି ତୀବ୍ରତାର ସହିତ ଝଟକା ଦେଇ ଆନ୍ଦୋଳିତ କରୁଅଛି ଯେ ତୁମେମାନେ ନିଜ ନିଜର ସଫଳ ପରିଣତି ପ୍ରତି ଧ୍ୟାନ ଦିଅ । ସେ ସମସ୍ତ ପୁଣ୍ୟକର୍ମର ଫଳ ଯାହା ଉପରେ ମୁକ୍ତିର ଆଧାରଶିଳା ରହିଛି । ନିଜର ପ୍ରିୟ ଧନକୁ ଉତ୍ସର୍ଗ କରିବା ଓ ନିଜର ବହୁ ମୂଲ୍ୟ ସମୟକୁ ଧର୍ମ ସେବାରେ ବିନିଯୋଗ କରିବା ପ୍ରାପ୍ତ କରନ୍ତୁ । ଈଶ୍ୱରଙ୍କର ସେହି ଅପରିବର୍ତ୍ତନୀୟ ଓ ଅଟଳ ବିଧାନକୁ ଭୟ କରନ୍ତୁ । ଯାହା ସେ ନିଜର ବାଣୀରେ ବର୍ଣ୍ଣନା କରିଛନ୍ତି:

لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ

**ଲନ୍‌ତନାଲୁଲ୍ ବିର୍‌ରାହତ୍‌ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍** (ଆଲେ ଇମ୍ରାନ 3:93) ଅର୍ଥାତ 'ତୁମେ ବାସ୍ତବିକ ପୁଣ୍ୟ ଯାହାକି ଜଣକୁ ମୁକ୍ତିର ଦ୍ୱାର ଦେଶରେ ପହଞ୍ଚାଇ ଥାଏ, କଦାପି ଲାଭ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେ ଅଲ୍ଲାଃଙ୍କ ମାର୍ଗରେ ନିଜର ସେହି ଧନ ଓ ସାମଗ୍ରୀ ବ୍ୟୟ କରି ନାହଁ, ଯାହା ତୁମର ସବୁଠାରୁ ପ୍ରିୟ ।'

ଏଠାରେ ମୁଁ ନିଜର ଅନ୍ୟ କେତେକ ଅନ୍ତରଙ୍ଗ ବନ୍ଧୁଙ୍କ ବିଷୟରେ ଅଲୋଚନା କରିବା ଉଚିତ ମନେ କରୁଛି । ସେମାନେ ବର୍ତ୍ତମାନ ଏହି ଐଶୀ ଜମାଅତରେ ଅନ୍ତର୍ଭୁକ୍ତ ଏବଂ ଅନୁଗ୍ରହୀତ ହୋଇ ମୋ ସହିତ ଉତ୍ସାହର ସହ ଆନ୍ତରିକ ପ୍ରେମ ସମ୍ପର୍କ ସ୍ଥାପନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ପ୍ରିୟ ଭ୍ରାତା **ଶେଖ୍ ମୁହମ୍ମଦ ହୁସେନ** ମୁରାଦାବାଦୀ । ଆଜିକାଲି ସେ ମୁରାଦାବାଦରୁ କାଦିୟାନ ଆସି କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଏହି ପୁସ୍ତକର ନକଲ ପ୍ରସ୍ତୁତ କରିବାରେ ମଗ୍ନ ରହିଛନ୍ତି । ଶେଖ ସାହେବଙ୍କ ହୃଦୟର ସ୍ୱଚ୍ଛ ଓ ନିର୍ମଳତା ମୋତେ ଦର୍ପଣ ପରି ଦେଖାଯାଉଛି । ସେ ମୋ ସହିତ କେବଳ ଅଲ୍ଲାଃଙ୍କ ଖାତିର୍ ଅତ୍ୟଧିକ ନିଷ୍ଠା ଓ ପ୍ରେମ ସମ୍ପର୍କ ସ୍ଥାପନ କରିଛନ୍ତି । ଅଲ୍ଲାଃଙ୍କ ପ୍ରେମରେ ତାଙ୍କ ହୃଦୟ ଗଦ୍‌ଗଦ୍ ହୋଇ ଉଠୁଛି । ସେ ଏକ ଅଦ୍ଭୁତ ସ୍ୱଭାବର ମଣିଷଟିଏ । ମୁଁ ତାଙ୍କୁ ମୁରାଦାବାଦର ଏକ ଉଜ୍ଜ୍ୱଳମୟ ଦୀପଶିଖା ବୋଲି ଭାବୁଛି ଏବଂ ଆଶା କରୁଛି ଯେ ସେହି ପ୍ରେମ ଓ ଅନୁରାଗର ପ୍ରକାଶ ଯାହା ତାଙ୍କ ନିକଟରେ ରହିଛି କୌଣସି ଦିନ ତାହା ଅନ୍ୟମାନଙ୍କ ଭିତରେ ମଧ୍ୟ ପ୍ରବେଶ କରିବ । ଯଦିଚ ଶେଖ ସାହେବଙ୍କର ସୀମିତ ସମ୍ବଳ ରହିଛି କିନ୍ତୁ ସେ ଜଣେ ମହାନ ଦାନୀ ଓ ପ୍ରଶସ୍ତ ହୃଦୟର ସ୍ୱାମୀ । ପ୍ରତ୍ୟେକ ଦୃଷ୍ଟି କୋଣରୁ ଦେଖିଲେ ସେ ଏହି ବିନୀତର ସେବାରେ ନିମର୍ଜ୍ଜିତ ହୋଇଛନ୍ତି ଏବଂ ପ୍ରେମରେ

ପରିପୂର୍ଣ୍ଣ ବିଶ୍ୱାସ ତାଙ୍କ ଶିରାପ୍ରଶିରାରେ ଭେଦି ଯାଇଛି ।

ସେମାନଙ୍କ ମଧ୍ୟରୁ ମୋର ଜଣେ ପ୍ରିୟ ଭାଇ **ହକିମ ଫଜଲଦ୍ଦୀନ** ସାହେବ ଭେରା ନିବାସୀ ଅନ୍ୟତମ । ହକିମ ସାହେବ ମଧ୍ୟ ଏହି ବିନୀତ ସହିତ ଏଭଳି ପ୍ରେମ, ନିଷ୍ଠା, ଶ୍ରଦ୍ଧା ଓ ଅନ୍ତରଙ୍ଗ ସମ୍ପର୍କ ରଖୁଛନ୍ତି, ତାହାକୁ ବର୍ଣ୍ଣନା କରିବାକୁ ମୁଁ ଅସମର୍ଥ । ସେ ମୋର ଜଣେ ଶୁଭଚିନ୍ତକ ତଥା ସତ୍ୟକୁ ପରଖି ନେଉଥିବା ପାରଦର୍ଶୀ ପୁରୁଷ । ଏଥିଅନ୍ତେ ଯେପରି ପରମେଶ୍ୱର ମୋତେ ଏହି ବିଜ୍ଞାପନରେ ଲେଖିବାକୁ ଧ୍ୟାନ ଆକର୍ଷିତ କରିଛନ୍ତି ଏବଂ ନିଜର ବିଶେଷ ଐଶୀବାଣୀ ଦ୍ୱାରା ଅନୁପ୍ରେରିତ କଲେ, ମୁଁ ଅନେକ ଲୋକଙ୍କୁ ଏହି ବିଜ୍ଞାପନ ଲେଖିବା ସଂକ୍ରାନ୍ତରେ ଆଲୋଚନା କଲି କିନ୍ତୁ ମୋ ସହିତ କେହି ଏଥିରେ ଏକମତ ହେଲେ ନାହିଁ । କିନ୍ତୁ ମୋର ଏହି ପ୍ରିୟ ଭାଇ ଯାହାଙ୍କ ସହିତ ଏଥି ସମ୍ବନ୍ଧରେ ମୁଁ କୌଣସି ଆଲୋଚନା ହିଁ କରି ନଥିଲି, ମୋତେ ଏହା ଲେଖିବାକୁ ପ୍ରୋତ୍ସାହିତ କଲେ ଏବଂ ଏହାର ପ୍ରକାଶନ ଖର୍ଚ୍ଚ ପାଇଁ ୧୦୦ଟଙ୍କା ପ୍ରଦାନ କଲେ । ମୁଁ ତାଙ୍କର ବିଶ୍ୱାସର ଦୂରଦର୍ଶୀତା ଦେଖି ସ୍ତବ୍ଧ ହୋଇଗଲି ଯେ ତାଙ୍କ ଇଚ୍ଛା ସହିତ ପ୍ରଭୁଙ୍କ ଇଚ୍ଛା ସମାନ ହୋଇଯାଇଛି । ସେ ସଦୈବ ପରଦା ଆଢୁଆଳରେ ରହି ସେବା କାର୍ଯ୍ୟ କରୁଛନ୍ତି ଏବଂ କେତେ ଶହ ମୁଦ୍ରା ମଧ୍ୟ ସମସ୍ତଙ୍କ ଆଗୋଚରରେ ଇଶ୍ୱରଙ୍କ ମାର୍ଗରେ ଦାନ କରି ସାରିଲେଣି । ପ୍ରଭୁ ତାଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ।

ସେହିମାନଙ୍କ ମଧ୍ୟରୁ ମୋର ଅନ୍ୟ ଜଣେ ଅତୀବ ପ୍ରିୟ ଭ୍ରାତା, ଯାହାଙ୍କର ସ୍ୱର୍ଗବାସ ହୋଇଯାଇଛି, ତାଙ୍କର ବିଚ୍ଛେଦ ଆମ ହୃଦୟକୁ ଶୋକଗ୍ରସ୍ତ କରାଇଛି । ସେ ହେଉଛନ୍ତି ସ୍ୱର୍ଗତଃ **ମିର୍ଜା ଅଜିମ ବେଗ୍** ସାହେବ (ଅଲ୍ଲାଃ ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ) ସାମାନା ପଟିଆଲା କ୍ଷେତ୍ରର ମୁଖିଆ ଥିଲେ । ସେ ରବିଉଲ୍ ସାନି ୧୩୦୮ ହିଜରୀରେ ଇହଧାମ ତ୍ୟାଗ କରି ଆମ ଠାରୁ ବିଦାୟ ନେଲେ । **ଇନ୍ନା ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍** । ଅର୍ଥାତ ନିଶ୍ଚୟ ଆମେ ସମସ୍ତେ ଅଲ୍ଲାଃଙ୍କର ଏବଂ ତାଙ୍କ ନିକଟକୁ ବାହୁଡ଼ିଯିବୁ । **ଅଲ୍ ଐନୁତଦ୍‌ମଉ ଓଲ୍‌କଲ୍‌ବୁ ୟହ୍‌ଯୁନୁ ଓଇନ୍ନା ବିଫିରାକିହି ଲମହ୍‌ଯୁନୁନ୍** ଅର୍ଥାତ ନୟନ ଅଶ୍ରୁ ତର୍ପଣ କରୁଛି, ହୃଦୟ ଶୋକରେ ମ୍ରିୟମାଣ ହୋଇଯାଇଛି ଏବଂ ଆମେମାନେ ତାଙ୍କ ବିରହ ବେଦନାରେ ଦୁଃଖିତ, ଜର୍ଜରିତ । ସ୍ୱର୍ଗୀୟ ମିର୍ଜା ସାହେବ ଯେଭଳି ମୋ ସହିତ କେବଳ ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଗଭୀର ପ୍ରୀତି ସମ୍ପର୍କ ରଖି ମୋ ପ୍ରତି ସମର୍ପିତ ଭାବନା ବ୍ୟକ୍ତ କରିଥିଲେ, ମୁଁ କେଉଁଠାରୁ ତାଙ୍କ ପାଇଁ ଏଭଳି ଶବ୍ଦ ଆଣିବି ଯଦ୍ୱାରା ତାଙ୍କ ପ୍ରେମର ଉଚ୍ଛ୍ୱାସ ପ୍ରକାଶିତ ହୋଇପାରିବ ? ତାଙ୍କର ଅକାଳ ବିୟୋଗ ଦ୍ୱାରା

ମୁଁ ଯେପରି ମର୍ମାହତ ହୋଇଛି, ତାହାର ଦୃଷ୍ଟାନ୍ତ ମୁଁ ନିଜ ଅତୀତ ଜୀବନରେ ଖୁବ୍ କମ୍ ଦେଖିଛି । ସେ ଆମର ଅତି ଅନ୍ତରଙ୍ଗ ବନ୍ଧୁ ଓ ସର୍ବପ୍ରିୟ ଥିଲେ, ଯିଏ ଆମ ଆଖି ଆଗରେ ଚାଲିଗଲେ । ଯେପର୍ଯ୍ୟନ୍ତ ଆମେ ଜୀବିତ ରହିବୁ ତାଙ୍କର ବିଚ୍ଛେଦର ଦୁଃଖକୁ କଦାପି ପାଶୋରି ପାରିବୁ ନାହିଁ ।

ଦରଦେସ୍ତ ଦର ଦିଲମ୍ କେ ଗରାଜ୍ ପେଶ୍ ଆବ ଚଶମ୍
ବରଦାରମ ଆସତୀନ୍ ବରୁଦ ତା ବଦାମିନମ୍

ଅର୍ଥାତ 'ନୟନ ଅଶ୍ରୁ ଝରାଇବା ପୂର୍ବରୁ ମୋ ହୃଦୟରେ ଏକ ପୀଡ଼ା ଉଠୁଛି । ତାଙ୍କ ବିଚ୍ଛେଦର ସ୍ମୃତିରେ ମନ ଆଜି ଭାରାକ୍ରାନ୍ତ, ହୃଦୟ ଆଜି ଶୋକସନ୍ତପ, ପ୍ରାଣ ଆଜି ବେଦନାସିକ୍ତ ଏବଂ ଚକ୍ଷୁ ଆଜି ଅଶ୍ରୁ ଝରାଉଛି ।' ତାଙ୍କର ସମ୍ପୂର୍ଣ୍ଣ ଅସ୍ତିତ୍ୱ ଉଚ୍ଛ୍ୱସିତ ପ୍ରେମର ଫଲଗୁରେ ଭରି ଯାଇଥିଲା । ସ୍ୱର୍ଗତଃ ମିର୍ଜା ସାହେବ ତାଙ୍କ ପ୍ରେମର ଭାବାବେଗ ପ୍ରକଟ କରିବା କ୍ଷେତ୍ରରେ ବଡ଼ ବାହାଦୁରୀ ଦେଖାଉଥିଲେ । ସେ ନିଜର ସମ୍ପୂର୍ଣ୍ଣ ଜୀବନ ଏହି ମାର୍ଗରେ ସମର୍ପଣ କରି ଦେଇଥିଲେ । ମୋର ମନେ ହେଉ ନାହିଁ ଯେ ତାଙ୍କୁ ଏତଦ୍ ଭିନ୍ନ ଅନ୍ୟ କୌଣସି ସ୍ୱପ୍ନ ଆସୁଥିବ । ଯଦିଚ ମିର୍ଜା ସାହେବଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା, କିନ୍ତୁ ତାଙ୍କ ଦୃଷ୍ଟିରେ ଧାର୍ମିକ ସେବା କ୍ଷେତ୍ରରେ ଯାହାକି ସେ ସର୍ବଦା ସମ୍ପାଦନ କରୁଥିଲେ, ମୃତ୍ତିକା ତୁଳନାରେ ଧନ ଅତି ନଗନ୍ୟ ଦେଖା ଯାଉଥିଲା । ବ୍ରହ୍ମଜ୍ଞାନର ଗୂଢତତ୍ତ୍ୱ ବୁଝିବା ପାଇଁ ତାଙ୍କ ନିକଟରେ ବିଚକ୍ଷଣ ବୁଦ୍ଧି ରହିଥିଲା । ଏହି ବିନୀତ ପ୍ରେମ ପୂର୍ଣ୍ଣ ବିଶ୍ୱାସର ଭାବ ଈଶ୍ୱରଙ୍କ ପୂର୍ଣ୍ଣ ପ୍ରଭାବର ଏକ ଚମ୍ତ୍କାର ଥିଲା । ତାଙ୍କ ପ୍ରତି ଦୃଷ୍ଟିପାତ କରିବା ମାତ୍ରେ ମନ ଏପରି ପ୍ରଫୁଲ୍ଲ ହୋଇ ଉଠୁଥିଲା, ଯେପରିକି ଏକ ଫଳପୁଷ୍ପ ଭରା ସୁନ୍ଦର ଉଦ୍ୟାନକୁ ଦେଖିଲେ ମନ ପ୍ରସନ୍ନଚିତ ହୋଇଯାଏ । ପ୍ରତ୍ୟକ୍ଷ ଭାବରେ ଦେଖିଲେ ତ ଏହା ପ୍ରତୀତ ହୁଏ ଯେ ସେ ନିଜ ପଛରେ ନିଜ ପରିବାର ଏବଂ ନିଜର ସ୍ୱଳ୍ପ ବୟସ୍କ ଶିଶୁକୁ ଅତ୍ୟନ୍ତ ଦୁର୍ବଳ, ଅଭାବ ଓ ଅସହାୟ ଅବସ୍ଥାରେ ଛାଡ଼ି ଚାଲିଗଲେ । ହେ ସର୍ବଶକ୍ତିମାନ ପ୍ରଭୁ ! ତୁମେ ହିଁ ସେମାନଙ୍କର ସାହାଭରସା ଓ ପ୍ରତିପୋଷଣର ଭାର ବହନ କର ଏବଂ ମୋ ପ୍ରତି ପ୍ରେମ ଓ ଅନୁରାଗ ରଖୁଥିବା ବ୍ୟକ୍ତିମାନଙ୍କ ହୃଦୟରେ ଦିବ୍ୟବାଣୀ ସଞ୍ଚାର କରନ୍ତୁ କି ସେମାନେ ଆମର ଏହି ନିଷ୍ପାପର ଭାଇ (ନିଜ ପଛରେ) ଛାଡ଼ି ଯାଇଥିବା ନିରାଶ୍ରୟ ଓ ଅଭାବଗ୍ରସ୍ତ ସନ୍ତାନମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରନ୍ତୁ ।

ଅଏ ଖୁଦା ଅଏ ଚାରଃ ସାଜେ ହର ଦିଲ ଅନ୍ଦୁହ୍‌ଗିଁ
ଅଏ ପନ୍‌ହା ଆଜିଯାନ୍ ଆମର୍‌ଜଗାରେ ମୁଜ୍‌ନବୈନ୍ ।
ଅଯ୍ କରମ ଆଁ ବନ୍ଦା ଖୁଦ୍‌ରାବେ ବଖଶିଶ୍ ହାନଓାଯ୍

ଇଁଖୁଦା ଇଫଂତାଦଗାଁ ରାଅଯ୍ତରହିମ୍ହା ବେବୈନ୍ ।।

ଅର୍ଥାତ 'ହେ ପରମେଶ୍ୱର ! ପ୍ରତ୍ୟେକ ଶୋକଗ୍ରସ୍ତ ହୃଦୟର ଉପଶମକାରୀ । ହେ ଅସହାୟର ଶରଣଦାତା ! ପାପୀଜନଙ୍କ କ୍ଷମା ପ୍ରଦାନକାରୀ । ଆପଣା କରୁଣା ବଳରେ ଭକ୍ତ ଉପରେ ଦୟାକର ଏବଂ ଏହାଠାରୁ ଯିଏ ପଛରେ ରହିଗଲା । ସେମାନଙ୍କ ପ୍ରତି ଦୟା ଦୃଷ୍ଟି ପକାଅ ।'

ମୁଁ ଏଠାରେ ଦୃଷ୍ଟାନ୍ତ ସ୍ୱରୂପ କେତେକ ବନ୍ଧୁଙ୍କ ବିଷୟରେ ଉଲ୍ଲେଖ କରିଛି । ସେହି ପାହ୍ୟା ଓ ଗୁଣ ସମ୍ପନ୍ନର ମୋର ଅନ୍ୟ କେତେକ ମିତ୍ର ଅଛନ୍ତି । ଯାହାଙ୍କ ସଂକ୍ରାନ୍ତରେ ବିସ୍ତାର ପୂର୍ବକ ଆଲୋଚନା **ଇନ୍‌ଶାଅଲ୍ଲାଃ** ଅନ୍ୟ ଏକ ସ୍ଥାୟୀ ପତ୍ରିକାରେ କରିବି । ବର୍ତ୍ତମାନ ଯେହେତୁ ବିଷୟବସ୍ତୁ ଅବଧି ଦୀର୍ଘ ହୋଇ ଚାଲିଛି, ତେଣୁ ଏତିକିରେ ଲିଖନ ସମାପ୍ତ କରୁଛି ।

ଏହି ସ୍ଥଳ ବିଶେଷରେ ମୁଁ ଏହା ପରିପ୍ରକାଶ କରିବା ମଧ୍ୟ ଜରୁରୀ ମନେକରୁଛି, ଯେ ଯେତେଲୋକେ ମୋ ବୈଅତର ପରିସର ମଧ୍ୟରେ ପ୍ରବେଶ କରିଛନ୍ତି ସେ ସମସ୍ତ ଦୀକ୍ଷାଧାରୀ ଲୋକମାନେ ଏହାର ଯୋଗ୍ୟ ନୁହନ୍ତି ଯେ ମୁଁ ସେମାନଙ୍କ ସମ୍ବନ୍ଧରେ କୌଣସି ଉତ୍ତମ ଓ ସକାରାତ୍ମକ ମନ୍ତବ୍ୟ ପ୍ରକାଶ କରିପାରିବି । ବରଂ ସେମାନଙ୍କ ମଧ୍ୟରୁ କିଛି ଶୁଷ୍କ ଡ଼ାଳ ସଦୃଶ ଦୃଶ୍ୟମାନ ହେଉଛନ୍ତି, ଯାହାଙ୍କୁ ମୋର ସଂରକ୍ଷକ ପ୍ରଭୁ ମୋ ଠାରୁ କାଟି ନେଇ ଜଳୁଥିବା କାଠ ମଧ୍ୟକୁ ଫିଙ୍ଗିଦେବେ । ଅନ୍ୟ କେତେକ ଏପରି ଅଛନ୍ତି ଯେ ସେମାନେ ପ୍ରାରମ୍ଭରେ ତ ଆନ୍ତରିକ ଉତ୍ସାହ ଓ ନିଷ୍ଠା ପ୍ରଦର୍ଶନ କରିଥିଲେ କିନ୍ତୁ କାଳକ୍ରମେ ସେମାନେ କଠୋର ପାଲଟି ଯାଇଛନ୍ତି । ଭକ୍ତି ଆବେଗ ଓ ଜଣେ ଅନୁରକ୍ତ ସଦୃଶ ପ୍ରେମର ପରାକାଷ୍ଠା ସେମାନଙ୍କ ଠାରେ ବାକି ରହିଲା ନାହିଁ ବରଂ କେବଳ ବଲଅମ୍ ପରି ଛଳନା ବାକି ରହିଯାଇଛି ତଥା ପୋକରା ଦାନ୍ତ ପରି ତାହା  କୌଣସି କାମରେ ଆସିନ ନାହିଁ । ଏହା ବ୍ୟତୀତ ଯେ ତାକୁ ମୁହଁରୁ ଉପାଡ଼ି ପାଦ ତଳେ ମକଚି ଦିଆଯିବ । ସେମାନେ କ୍ଳାନ୍ତଶାନ୍ତ ଓ ଧରାଶାୟୀ ହୋଇ ନରମ ପଡ଼ି ଯାଇଛନ୍ତି । ଏହି ବ୍ୟର୍ଥ ଓ ଅସାର ସଂସାର ସେମାନଙ୍କୁ ନିଜ ପ୍ରତାରଣା ମାୟା ଜାଲ ଭିତରେ ଚାପି ଦେଇଛି । ସୁତରାଂ ମୁଁ ସତ କହୁଛି ଯେ ମୋ ଠାରୁ ସେମାନଙ୍କର ସମ୍ପର୍କକୁ ଖୁବ୍ ଶୀଘ୍ର ଛିନ୍ନ କରି ଦିଆଯିବ, ମାତ୍ର ସେହି ଲୋକ ବ୍ୟତୀତ ଈଶ୍ୱର ଯାହାର ହସ୍ତକୁ ପୁଣିଥରେ ଧରିନେବେ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ ପ୍ରଭୁ ମୋତେ ଚିରଦିନ ପାଇଁ ସର୍ମପଣ କରି ଦେଇଛନ୍ତି ଏବଂ ସେମାନେ ମୋହର ଅସ୍ତିତ୍ୱ ରୂପକ ବୃକ୍ଷର ସବୁଜ ଶ୍ୟାମଳ ଶାଖା ପ୍ରଶାଖା । ଈଶ୍ୱର ଇଚ୍ଛା କଲେ ମୁଁ **ଇନ୍‌ଶାଅଲ୍ଲାଃ** ଅନ୍ୟ କୌଣସି ସମୟରେ ସେମାନଙ୍କ ସମ୍ବନ୍ଧରେ

ଆଲୋଚନା କରିବି ।

ଏଠାରେ ମୁଁ କିଛି ଲୋକମାନଙ୍କ ସନ୍ଦେହ ମଧ୍ୟ ଦୂର କରିବାକୁ ଚାହେଁ ଯେଉଁମାନେ ସମାଜର ଉଚ୍ଚ ପ୍ରତିଷ୍ଠିତ ଓ ଧନାଢ୍ୟ ବର୍ଗର ଲୋକ ରହିଛନ୍ତି ଏବଂ ନିଜକୁ ବଡ଼ ବଦାନ୍ୟ ଓ ଧର୍ମ ମାର୍ଗରେ ଉତ୍ସର୍ଗୀକୃତ ବୋଲି ଭାବୁଛନ୍ତି, ଅଥଚ ନିଜ ଧନକୁ ଯଥୋଚିତ ସ୍ଥାନରେ ବ୍ୟୟ କରିବାରୁ ସଂପୂର୍ଣ୍ଣ ରୂପେ ବଞ୍ଚିତ ହୋଇଥା'ନ୍ତି ଏବଂ କହିଥାନ୍ତି କି ଯଦି ଆମେ ପ୍ରଭୁଙ୍କ ସମର୍ଥନ ଲାଭ କରିଥିବା କୌଣସି ସତ୍‌ପୁରୁଷଙ୍କ ଯୁଗ ପାଇଥାନ୍ତୁ, ଯିଏ ଧର୍ମର ପୂର୍ଣ୍ଣ ସମର୍ଥନ ପାଇଁ ଈଶ୍ୱରଙ୍କ ନିକଟରୁ ପ୍ରେରିତ ହୋଇ ଅସିଥାନ୍ତେ, ତେବେ ଆମେ ତାଙ୍କର ସାହାଯ୍ୟ ସହଯୋଗ ସକାଶେ ଏପରି ନଇଁ ପଡ଼ିଥାନ୍ତୁ ଯେ ନିଜ ପ୍ରାଣର ବଳି ଦେବାକୁ ପଛାଇ ନଥା'ନ୍ତୁ । ହାୟ ବିଡ଼ମ୍ବନା ! ଏପରି ସ୍ଥଳେ କ'ଣ ବା କରାଯାଇ ପାରେ ? ଚତୁପାର୍ଶ୍ୱରେ ଛଳକପଟ ଓ ଭଣ୍ଡାମିର, ଛଳନାର ବଜାର ଗରମ ରହିଛି । ପରନ୍ତୁ ହେ ଲୋକମାନେ ! ଭଲଭାବେ ମନେରଖ ଧର୍ମର ସମର୍ଥନକୁ ପ୍ରତିପାଦନ କରିବା ପାଇଁ ଜଣକୁ ପ୍ରେରଣ କରାଯାଇଛି ଅଥଚ ତୁମେ ତାଙ୍କୁ ଚିହ୍ନିଲ ନାହିଁ । ସେ ତୁମମାନଙ୍କ ଗହଣରେ ଉପସ୍ଥିତ ଅଛନ୍ତି ଓ ତୁମ ସମକ୍ଷରେ ଏହି ବିନୀତ ସେହି ବ୍ୟକ୍ତି ଯିଏ ତୁମମାନଙ୍କୁ ସମ୍ଭାଷଣ କରୁଛି । କିନ୍ତୁ ତୁମମାନଙ୍କ ଚକ୍ଷୁ ଉପରେ ବିରାଟକାୟ ପରଦାର ଘନ ଆବରଣ ପଡ଼ି ରହିଛି । ଯଦି ତୁମ ହୃଦୟ ସତ୍ୟର ଅନ୍ୱେଷଣରେ ବ୍ୟାକୁଳ ହେଉଥିବ, ତେବେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ସହିତ ବାର୍ତ୍ତାଳାପ କରିବାର ଦାବି କରୁଛି, ତାହାରକୁ ପରଖିବା ବହୁତ ସରଳ । ତାହାଙ୍କ ନିକଟକୁ ଚାଲି ଆସ, ତାଙ୍କ ସଙ୍ଗତରେ ଦୁଇ ତିନି ସପ୍ତାହ ରୁହ । ଯଦି ପ୍ରଭୁ ଇଚ୍ଛା କରିବେ, ତେବେ ଯେଉଁ କୃପାଶୀଷର ବାରିଧାରା ତାଙ୍କ ଉପରେ ବର୍ଷା ହେଉଛି ତଥା ସେହିସବୁ ସତ୍ୟ ଐଶୀବାଣୀ ଯାହା ତାଙ୍କ ଉପରେ ଅବତୀର୍ଣ୍ଣ ହେଉଛି, ତନ୍ମଧ୍ୟରୁ କେତେକ ତୁମେ ସ୍ୱଚକ୍ଷୁରେ ଅବଲୋକନ କରିନେବ । ଯିଏ ସନ୍ଧାନ କରେ ସେ ହିଁ ପାଏ, ଯିଏ ଦ୍ୱାର ଖଟକାଏ ତାହା ପାଇଁ ହିଁ ଦ୍ୱାର ଖୋଲାଯାଏ । ଯଦି ତୁମେ ଚକ୍ଷୁ ଦ୍ୱୟକୁ ବନ୍ଦ କରି ଏକ ଅନ୍ଧାର କୋଠରୀ ଭିତରେ ଲୁଚିରହି କହିବ କି ସୂର୍ଯ୍ୟ କାହାନ୍ତି ? ତେବେ ଏହା ତୁମର ଅଯଥା ଅଭିଯୋଗ ହେବ । ହେ ଅବୁଝା ମଣିଷ ! ନିଜ କୋଠରୀର ଗବାକ୍ଷ ଖୋଲ ଏବଂ ନିଜ ଚକ୍ଷୁରୁ ପରଦା ଉଠାଇ ଦିଅ, ଯଦ୍ୱାରା ତୁମକୁ ସୂର୍ଯ୍ୟ କେବଳ ଦୃଶ୍ୟମାନ ହେବ ନାହିଁ, ବରଂ ତାହାର ଆଲୋକ ରଶ୍ମୀ ତୁମକୁ ଆଲୋକିତ କରିବ ।

କେତେକ ଲୋକ କହିଥାନ୍ତି ଯେ ଅଞ୍ଜୁମନ ଗଠନ କରିଦେବା ଓ ନାନା ଧାର୍ମିକ ପାଠଶାଳା ଖୋଲିଦେବା ହିଁ ଧର୍ମର ସମର୍ଥନ ପାଇଁ ଯଥେଷ୍ଟ । କିନ୍ତୁ ସେମାନେ

ଏହା ହୃଦୟଙ୍ଗମ କରି ନାହାନ୍ତି, ଯେ ଧର୍ମର ପରିଭାଷା କ'ଣ ? ଏବଂ ଆମକୁ ସୃଷ୍ଟି କରାଯିବାରେ ମୂଖ୍ୟ ଉଦ୍ଦେଶ୍ୟ କ'ଣ ? ଏବଂକେଉଁ ମାର୍ଗରେ ଓ କେଉଁ ମାର୍ଗରେ ପରିଚାଳିତ ହୋଇ ଆମେ ସେହି ଉଦ୍ଦେଶ୍ୟ ହାସଲ କରିପାରିବା ? ସୁତରାଂ ସେମାନଙ୍କୁ ଜାଣି ରଖିବା ଉଚିତ୍ ଯେ ଏହି ମୂଲ୍ୟବାନ ଜୀବନର ଉଦ୍ଦେଶ୍ୟ ପରମେଶ୍ୱରଙ୍କ ସହିତ ସଚ୍ଚୋଟ ଓ ଦୃଢ ସମ୍ପର୍କ ସ୍ଥାପନ କରିବା ଯାହାକି ତାମସିକ ବନ୍ଧନରୁ ମୁକ୍ତ ହୋଇ ମୋକ୍ଷପ୍ରାପ୍ତିର ସ୍ରୋତ ପର୍ଯ୍ୟନ୍ତ ପହଞ୍ଚାଇଥାଏ । ମନୁଷ୍ୟର ଏହି ପୂର୍ଣ୍ଣ ବିଶ୍ୱାସର ମାର୍ଗକୁ କଦାପି ବାହ୍ୟ ପ୍ରଦର୍ଶନ ଓ ଯୋଜନା ମାଧ୍ୟମରେ ଖୋଲାଯାଇ କରିପାରିବ ନାହିଁ ଏବଂ ଏଠାରେ ମନୁଷ୍ୟର ମନଗଢା ଜୀବନଦର୍ଶନ ସ୍ଥଳ ବିଶେଷପରେ ତାହାକୁ କୌଣସି ଉପକାର ସାଧିତ କରି ନଥାଏ । ବରଂ ଏହି ଆଲୋକ ସର୍ବଦା ପ୍ରଭୁ ନିଜର ବିଶେଷ ଭକ୍ତମାନଙ୍କ ମାଧ୍ୟମରେ ଅନ୍ଧକାର ସମୟରେ ଆକାଶରୁ ଅବତୀର୍ଣ୍ଣ କରିଥା'ନ୍ତି । ଯାହା ଆକାଶ ପୁରରୁ ଅବତୀର୍ଣ୍ଣ ହୁଏ, ତାହା ହିଁ ଆକାଶ ଆଡ଼କୁ ଘେନି ନେଇଥାଏ । ଅତଃ ହେ ଲୋକମାନେ ! ଯେଉଁମାନେ ଅଜ୍ଞାନ ଅନ୍ଧାରର ଗହ୍ୱର ମଧ୍ୟରେ ପଡ଼ି ଦବି ରହିଛି । ଏବଂ ଶଙ୍କା ଓ ସନ୍ଦେହର ଜାଲରେ ଛନ୍ଦି ହୋଇ ଛଟପଟ ହେଉଛ, ଏବଂ କାମମୋହ ଭାବନାର ଦାସ ହୋଇ ରହିଛି । କେବଳ ନାମ ଓ ପାରମ୍ପାରିକ ରୀତିନୀତିଗତ ଇସଲାମ ଉପରେ ଗର୍ବ କର ନାହିଁ ଏବଂ ନିଜର ପ୍ରକୃତ ପ୍ରଗତି ତଥା ନିଜର ଅନ୍ତିମ ସାଫଲ୍ୟ ଏହି ଉପାୟଗୁଡ଼ିକ ମଧ୍ୟରେ ରହିଥିବାର ଭାବ ନାହିଁ, ଯାହାକି ବର୍ତ୍ତମାନ ସମୟର ଧାର୍ମିକ ସଂଗଠନ ଓ ଶିକ୍ଷାନୁଷ୍ଠାନ (ମଦ୍ରାସା) ତଥା ଅଞ୍ଜୁମନ ଆଦି ଦ୍ୱାରା କରାଯାଉଛି । ଏସବୁ କାର୍ଯ୍ୟ ପଦ୍ଧତି ପ୍ରାରମ୍ଭିକ ସ୍ତରରେ ତ ଲାଭ ଦାୟକ ହୋଇଥାଏ ଏବଂ ପ୍ରଗତି ପଥର ପାହାଚ ମନେ କରାଯାଇପାରେ । କିନ୍ତୁ ବାସ୍ତବ ଉଦ୍ଦେଶ୍ୟ ଠାରୁ ବହୁ ଦୂରରେ ଥାଏ । ସମ୍ଭବତଃ ଏହି ଯୋଜନାଗୁଡ଼ିକ ଦ୍ୱାରା ମାନସିକ ସ୍ତରରେ ଚତୁରପଣ ଉତ୍ପନ୍ନ ହେବ, ମନୁଷ୍ୟ ସ୍ୱଭାବରେ କୌଶଳ ଓ ବୁଦ୍ଧିରେ ପ୍ରଖରତା ତଥା ତାକୁ ଶୁଷ୍କ ତର୍କବିଦ୍ୟାର କଳା ନୈପୁଣ୍ୟ ହାସଲ ହୋଇଯିବ ଅଥବା ବିଦ୍ୱାନ ପ୍ରଭାକର କିମ୍ବା ପାଣ୍ଡିତ୍ୟର ବିବିଧ ଉପାଧି ଅର୍ଜନ କରିନେବ ଏବଂ ସମ୍ଭବତଃ ଦୀର୍ଘ ସମୟ ଜ୍ଞାନ ଅର୍ଜନ କଲା, ପରେ ହୁଏତ ଅସଲ ଉଦ୍ଦେଶ୍ୟର କିଛି ସହଯୋଗ ମଳିଯିବ । କିନ୍ତୁ **ତା ତରୟାକ୍ ଅୟ୍‌ଇରାକ ଆବରଦାଃ ଶୁଦ୍ ମାର ଗଯିଦାଃ ମୂରଦା ଶୁଦ୍** ଅର୍ଥାତ ଯେତେ ସମୟ ମଧ୍ୟରେ ଇରାକ୍ ଦେଶରୁ ଔଷଧି ଆସିବାକୁ ଥିବ, ସେତେବେଳକୁ ତ ସାପ କାମୁଡ଼ାରେ ଆଘାତ ପ୍ରାପ୍ତ ବ୍ୟକ୍ତି ସରିଯାଇଥିବ । ନିଦ୍ରାରୁ ଜାଗ୍ରତ ହୁଅ ଓ ସତର୍କ ହୋଇଯାଅ । ଏପରି ନହେଉ ଯେ ତୁମେ ଠୋକର ଖାଅ ଏବଂ ପରଲୋକର ଯାତ୍ରା ଏପରି ଅବସ୍ଥାରେ ଆସିଯିବ, ଯାହା ପ୍ରକୃତରେ ତୁମକୁ ନାସ୍ତିକ ଓ ବିଶ୍ୱାସଘାତକ ହେବା ସ୍ଥିତିରେ ପହଞ୍ଚାଇ ଦେବ । ନିଶ୍ଚିତ ରୂପେ

ବୁଝିନିଅ ଯେ ମୋକ୍ଷ ପ୍ରାପ୍ତିର ସଫଳ ପରିଣାମ ପାଇବାର ଆଶା ପୂରଣ ହେବ । କଦାପି ସେହି ପାରମ୍ପାରିକ ପ୍ରଥା ଭିତ୍ତିକ ଶିକ୍ଷାର୍ଜନ କରିବା ଉପରେ ସମ୍ପୂର୍ଣ୍ଣ ଆଧାରିତ ନୁହେଁ କିମ୍ବା ଏହା ଉପରେ ଆଦୌ ନିର୍ଭର କରି ନଥାଏ । ସୁତରାଂ ସେହି ଆକାଶୀୟ ଜ୍ୟୋତି ଅବତୀର୍ଣ୍ଣ ହେବାର ଆବଶ୍ୟକତା ରହିଛି, ଯାହା ସମସ୍ତ ଆଶଙ୍କା ଓ ସନ୍ଦେହର ଛକାପଞ୍ଝାକୁ ଦୂର କରି ସଂସାରର ମୋହମାୟା ଓ କାମନା ବାସନାର ଅଗ୍ନିକୁ ନିର୍ବାପିତ କରିଦିଏ । ତତ୍ ସହିତ ପ୍ରଭୁଙ୍କ ପ୍ରତି ଗଭୀର ଅନୁରକ୍ତି, ପ୍ରକୃତ ପ୍ରେମ ତଥା ନୈଷ୍ଠିକ ଆଜ୍ଞାବହ ହେବା ପ୍ରତି  ଆକର୍ଷିତ କରିଥାଏ । ଯଦି ତୁମେ ନିଜ ବିବେକକୁ ପ୍ରଶ୍ନ କରିବ ତେବେ ଏହି ଉତର ପାଇବ ଯେ ପ୍ରକୃତରେ ସେହି ଆତ୍ମଶାନ୍ତି, ପରମ ଆନନ୍ଦ ତଥା ଗଭୀର ଆତ୍ମତୃପ୍ତି ଯାହାକି ଆକସ୍ମିକ ଭାବେ ଆଧ୍ୟାତ୍ମିକ ପରିବର୍ତ୍ତନର କାରଣ ହୋଇଥାଏ ତାହା ଏପର୍ଯ୍ୟନ୍ତ ତୁମକୁ ହାସଲ ହୋଇ ନାହିଁ । ଏହା ଘୋର ପରିତାପର ବିଷୟ ଯେ ଯେପରି ଭାବରେ ତୁମେ କେବଳ ଔପଚାରିକତା ରକ୍ଷା କରି ପାରମ୍ପାରିକ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ଭାବ ପ୍ରବଣତା ଦେଖାଉଛ, ତାହାର ଏକଦଶମାଂଶ ଐଶ୍ୱରିକ ବ୍ୟବସ୍ଥା ପ୍ରତି ତୁମେ ଜ୍ଞାନ ରଖି ନାହିଁ ଏବଂ ଏ ବିଷୟରେ ତୁମର କୌଣସି ଉପଲବ୍ଧି ନାହିଁ । ତୁମ ଜୀବନର ଅଧିକ ଭାଗ ଏପରି କାର୍ଯ୍ୟରେ ବିନିଯୋଗ କରୁଛ, ପ୍ରଥମତଃ ଯାହାର କୌଣସି ପ୍ରକାରେ ଧର୍ମ ସହିତ ସମ୍ବନ୍ଧ ନଥାଏ । ଯଦିଓ ତାହା ସମ୍ବନ୍ଧିତ ହୋଇଥାଏ, ତଥାପି ସେହି ସମ୍ବନ୍ଧ ଏକ ସାମାନ୍ୟ ଧରଣର, ଯାହା ପ୍ରକୃତ ଉଦ୍ଦେଶ୍ୟରୁ ବହୁ ପଛରେ ଥାଏ । ଯଦି ତୁମମାନଙ୍କ ଅନ୍ତରରେ ସେହି ସଚେତନତା ଓ ଧିଶକ୍ତି ଥାଏ, ଯାହାକି ଜରୁରୀ ଅଭିପ୍ରାୟରେ ଯାଇ ଅଟକି ରହିଯାଏ, ତେବେ ତୁମେ ସେପର୍ଯ୍ୟନ୍ତ କଦାପି ବିଶ୍ରାମ ନିଅ ନାହିଁ, ଯେପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟକୁ ହାସଲ କରି ନାହଁ ।

ହେ ଲୋକମାନେ ! ତୁମେ ନିଜର ପ୍ରକୃତ ସୃଷ୍ଟିକର୍ତ୍ତା, ବାସ୍ତବ ପାଳନକର୍ତ୍ତା ଓ ନିଜ ଆରାଧ୍ୟ ଜଗଦୀଶ୍ୱରଙ୍କୁ ଚିହ୍ନିବା, ତାଙ୍କ ସହିତ ଗଭୀର ପ୍ରେମ କରିବା ତଥା ତାଙ୍କର ଆଜ୍ଞାପାଳନ କରିବା ନିମନ୍ତେ ସୃଷ୍ଟି କରା ଯାଇଅଛ । ଅତଃ ଯେପର୍ଯ୍ୟନ୍ତ ଏହି ମୁଖ୍ୟ ପ୍ରସଙ୍ଗ ଯାହାକି ତୁମକୁ ସୃଷ୍ଟି କରିବାର ପରମ କାରଣ ସ୍ପଷ୍ଟ ଭାବରେ ତୁମ ଉପରେ ଉନ୍ମୋଚିତ ହୋଇ ନାହିଁ, ସେପର୍ଯ୍ୟନ୍ତ ତୁମେ ପ୍ରକୃତ ଅର୍ଥରେ ମୁକ୍ତି ଲାଭ କରିବାରୁ ବହୁ ଦୂରରେ ରହିଥିବ । ଯଦି ତୁମେ ନ୍ୟାୟ ସଙ୍ଗତ (ଭାବେ) କଥା କୁହ ତେବେ ତୁମେ ନିଜର ଅନ୍ତରିକ ଅବସ୍ଥାରେ ସ୍ୱୟଂ ସାକ୍ଷୀ ହୋଇପାରିବ ଯେ ପ୍ରଭୁଙ୍କ ଉପାସନା ଛାଡ଼ି ପ୍ରତ୍ୟେକ ସମୟରେ ବସ୍ତୁବାଦକୁ ପୂଜା କରାଯାଉଥିବା ଏକ ବିରାଟକାୟ ପ୍ରତିମୂର୍ତ୍ତି ତୁମ ହୃଦୟ ସମ୍ମୁଖରେ ଦଣ୍ଡାୟମାନ ହୋଇ ରହିଛି,

ଯାହା ନିକଟରେ ତୁମେ ପ୍ରତି ମୁହୂର୍ତ୍ତରେ ଶତସହସ୍ର ବାର ନତମସ୍ତକ ହେଉଛ । ତୁମର ସମସ୍ତ ସମୟ ସାଂସାରିକ ବକ ବକ ହେବା ବିଷମ ଜଞ୍ଜାଳ ଭିତରେ ଏପରି ଅତିବାହିତ ହେଉଛି କି ଅନ୍ୟ ପ୍ରତି ନଜର ଉଠାଇ ଦେଖିବାକୁ ତୁମ ନିକଟରେ ଫୁରସତ ନାହିଁ । ତୁମକୁ କିଛି ଜଣା ଅଛି ଯେ ଏପରି ବ୍ୟକ୍ତିର ପରିଣାମ କ'ଣ ହେବ ? ତୁମ ଭିତରେ କେଉଁଠି ନ୍ୟାୟ ଅଛି ? କେଉଁଠି ରହିଲା ତୁମର ସାଧୁତା ? କୁଆଡ଼େ ଗଲା ତୁମର ବିଶ୍ୱସ୍ତତା ? କେଉଁଠାରେ ସେହି ସଦାଚାରୀତା, ଈଶ୍ୱରଭୟ, ସଙ୍କୋଚ ପଣିଆ ତଥା ବିନମ୍ର ଗୁଣ, ଯାହା ପ୍ରତି ତୁମକୁ ପବିତ୍ର କୁରଆନ ଆହ୍ୱାନ କରୁଛି । ହେ ଭୁଲା ମାନବ ! ତୁମର ତ ଭୋଳା ମନ ବିଗତ ବର୍ଷମାନଙ୍କ ମଧ୍ୟରେ କଦାଚିତ ମନେ ପଡୁ ନାହିଁ ଯେ ଆମର କେହି ପରମେଶ୍ୱର ବି ଅଛନ୍ତି । କଦାଚିତ ତୁମ ହୃଦୟରେ ଏକଥା ଉଙ୍କି ମାରୁ ନଥିବ କି ତାଙ୍କର କ'ଣ ସବୁ ଅଧିକାର ତୁମ ଉପରେ ନ୍ୟସ୍ତ କରାଯାଇଛି । ଏହି ହିଁ ସତ୍ୟ ଯେ, ତାଙ୍କ ପ୍ରତି କ୍ଷଣିକ ପାଇଁ ହେଲେ ସୁଦ୍ଧା ତୁମ ମାନସ ପଟନରେ ଆସକ୍ତି କି ନିଷ୍ଠାଭାବ ନାହିଁ । ସେହି ବାସ୍ତବ ସ୍ୱୟଂ ପ୍ରତିଷ୍ଠିତ ଈଶ୍ୱରଙ୍କ ସହିତ ତୁମେ କୌଣସି ଭକ୍ତି କିମ୍ବା ଶ୍ରଦ୍ଧା ସମ୍ପର୍କର ଡ଼ୋରି ବାନ୍ଧି ନାହଁ । ତାଙ୍କ ପ୍ରତି ମନରେ କୌଣସି ସ୍ପୃହା, ଆସ୍ୱର୍ଦ୍ଧା କିମ୍ବା ଧ୍ୟାନଯୋଗ ନାହିଁ । ଏପରିକି ତାଙ୍କ ନାମ ତୁଣ୍ଡରେ ନେବାକୁ ମଧ୍ୟ ତୁମେ ଏକ ଭାରି ବୋଝ ବୋଲି ମନେକରୁଛ । ବର୍ତ୍ତମାନ ତୁମେ ତୌରାତରେ ତର୍କ କରୁଅଛ ଏପରି କଦାପି ନୁହେଁ, କିନ୍ତୁ ପ୍ରଭୁଙ୍କ ଧାର୍ଯ୍ୟ ନିୟମ ତୁମକୁ ଲଜ୍ଜିତ କରୁଅଛି ଯେତେବେଳେ କି ସେ ତୁମକୁ ସତର୍କ କରି ତାଙ୍କ ସହିତ ଲଢ଼ିବ, ଏପରି କଦାପି ନୁହେଁ । କିନ୍ତୁ ଈଶ୍ୱରଙ୍କ ବିଧାନ ତୁମକୁ ଲଜ୍ଜିତ କରୁଛି, ଯେବେ କି ସେ ତୁମକୁ ସତର୍କ କରିଦେଉ ଯେ ପ୍ରକୃତ ନିଷ୍ଠା ଓ ଭକ୍ତିର ଚିହ୍ନବର୍ତ୍ତି ତୁମମାନଙ୍କ ମଧ୍ୟରେ ନାହିଁ । ଯଦିଚ ତୁମେ ନିଜ ସାଂସାରିକ ଚିନ୍ତାଧାରାକୁ ଖୁବ୍ ପ୍ରୟୋଗ କରି ନିଜର ପାରଦର୍ଶିତା ଓ ଦୃଢ଼ ମତ ପୋଷଣ କରୁଥିବାର ଦାବି କରୁଛ । କିନ୍ତୁ ତୁମର ପାରଦର୍ଶିତା ଓ ଦୂରଦର୍ଶିତା କେବଳ ସାଂସାରର ପରିସୀମା ପର୍ଯ୍ୟନ୍ତ ଯାଇ ଶେଷ ହୋଇଯାଉଛି । ତୁମେ ନିଜର ଏହି ବୁଦ୍ଧିଜ୍ଞାନ ଦ୍ୱାରା ସେହି ପରକାଳ ଭବନର କାଣିଚାଏ ମଧ୍ୟ ଦେଖିପାରିବ ନାହିଁ । ଯେଉଁ ଚିରସ୍ଥାୟୀ ଶାନ୍ତି ନିବାସ ସକାଶେ ତୁମ ଆତ୍ମାର ଜନ୍ମ । ତୁମେ ସାଂସାରିକ ଜୀବନକୁ ନେଇ ଏପରି ନିଶ୍ଚିନ୍ତ ହୋଇ ବସିପଡ଼ିଛ, ଯେପରିକି ଜଣେ ବ୍ୟକ୍ତି ସଦୈବ ତିଷ୍ଠି ରହୁଥିବା ବସ୍ତୁ ପାଇଁ ସନ୍ତୋଷ ଲାଭ କରିଥାଏ । କିନ୍ତୁ ସେହି ପରଲୋକର ଆନନ୍ଦ ପ୍ରକୃତ ତୃପ୍ତି ପ୍ରଦାନକାରୀ ଓ ଚିରଦିନ ପାଇଁ ଉଦ୍ଦିଷ୍ଟ, ଯାହା ତୁମକୁ ସାରା ଜୀବନରେ ଥରେ ହେଲେ ବି ମନେ ପଡୁ ନାହିଁ । ତେଣୁ ଏହା କିଭଳି ଦୁର୍ଭାଗ୍ୟର ବିଷୟ ଯେ ଏକ ବଡ଼ ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ପ୍ରାପ୍ତି ସଂକ୍ରାନ୍ତରେ ଏକବାରକେ ଭୋଳା ହୋଇ ଆଖି ବନ୍ଦ କରି

ବସି ରହିଛ ଏବଂ ଯାହା ବ୍ୟର୍ଥ ଓ ମୂଲ୍ୟହୀନ ପ୍ରସଙ୍ଗ ତାହାକୁ ପାଇବା ଲାଳସାରେ ଦିବାରାତ୍ର ଅହରହ ଘୁରି ବୁଲୁଛ । ତୁମକୁ ଭଲ ଭାବରେ ଜଣାଅଛି ଯେ ସେହି ସମୟ ଅବଶ୍ୟ ତୁମ ସମ୍ମୁଖରେ ଆସି ଉପସ୍ଥିତ ହୋଇଯିବ ଯାହାକି କ୍ଷଣକ ମଧ୍ୟରେ ତୁମର ଜୀବନକୁ ନିଶେଷ କରିଦେବ ଓ ତୁମର ସକଳ ଆଶାକୁ ଧୂଳିସାତ କରିଦେବ । କିନ୍ତୁ ଏହା କିପରି ଦୁର୍ଭାଗ୍ୟ ଯେ ତାହା ଜାଣିବା ସତ୍ତ୍ୱେ ନିଜର ସମସ୍ତ ସମୟ ସାଂସାରିକ କାମନା ପ୍ରାପ୍ତିରେ ବିନିମୟ ଓ ନଷ୍ଟଭ୍ରଷ୍ଟ କରିଦେଉଛ ଏବଂ ପାର୍ଥିବ ଲାଳସା ମଧ୍ୟ କେବଳ ବୈଧ ବସ୍ତୁ ସାଧନ ମଧ୍ୟରେ ସୀମିତ ହୋଇ ରହିନାହଁ, ବରଂ ସମସ୍ତ ପ୍ରକାରର ଅବୈଧ ସାଧନ ମିଥ୍ୟା ଓ ଭଣ୍ଡାମି ଠାରୁ ନେଇ ହତ୍ୟା କରିବା ପର୍ଯ୍ୟନ୍ତ ଅନୈତିକ କାର୍ଯ୍ୟକଳାପକୁ ମଧ୍ୟ ବୈଧ କରିନେଇଛ । ଏସମସ୍ତ ଲଜ୍ଜାଜନକ ଅପରାଧ ଯାହାକି ତୁମମାନଙ୍କ ମଧ୍ୟରେ ବ୍ୟାପି ଯାଇଛି, ତାହା କହୁଛ ଯେ ଐଶ୍ୱରିକ ପ୍ରକାଶ ଓ ଆଧ୍ୟାତ୍ମିକ ବ୍ୟବସ୍ଥାର ଆମକୁ ଆବଶ୍ୟକତା ନାହିଁ । ଏହା ସତ୍ତ୍ୱେ ଅଥଚ ତୁମେ ତାହା ସହିତ ଶତ୍ରୁତା ପ୍ରଦର୍ଶନ କରୁଛ । ତୁମେ ପରମେଶ୍ୱରଙ୍କ ଐଶ୍ୱରିକ ବ୍ୟବସ୍ଥାକୁ ଅତ୍ୟନ୍ତ ନଗନ୍ୟ ଭାବରେ ଧରି ନେଇଛ, ଏପରିକି ସେ ସଂକ୍ରାନ୍ତରେ ଆଲୋଚନା କରିବାକୁ ମଧ୍ୟ ତୁମମାନଙ୍କ ଜିହ୍ୱା ଘୃଣାପୂର୍ଣ୍ଣ ଶବ୍ଦର ପ୍ରୟୋଗ କରି ଅତି ଅହଂକାର ଭାବେ ନାକ ଚଢାଇବା ସ୍ଥିତିରେ ନିନ୍ଦା ଓ ଅପବାଦର ଭାର ବହନ କରିଥାଏ । ତୁମେ ବାରମ୍ବାର କହୁଛ ଯେ ଆମେ କେମିତି ବିଶ୍ୱାସ କରିନେବୁ ଯେ ଏହା ପରମେଶ୍ୱରଙ୍କ ନିକଟରୁ ଆସିଥିବା ଆଧ୍ୟାତ୍ମିକ ସମ୍ପ୍ରଦାୟ । ମୁଁ ବର୍ତ୍ତମାନ ଏହାର ଉତ୍ତର ଦେଇସାରିଛି ଯେ ସେହି ବୃକ୍ଷକୁ ତାହାର ଫଳ ଓ ସେହି ସୂର୍ଯ୍ୟକୁ ତାହାର ପ୍ରକାଶ ଦ୍ୱାରା ଚିହ୍ନି ପାରିବ । ମୁଁ ପୁଣି ଥରେ ଏହି ବାର୍ତ୍ତା ତୁମ ନିକଟରେ ପହଞ୍ଚାଇ ଦେଇଛି । ବର୍ତ୍ତମାନ ତୁମର ଏହା କର୍ତ୍ତବ୍ୟ ଯେ ତୁମେ ଗ୍ରହଣ କର ଅଥବା ନକର ଏବଂ ମୋର କଥାଗୁଡ଼ିକୁ ମନେରଖ ଅବା ମନମସ୍ତିଷ୍କରୁ ଭୁଲାଇ ଦିଅ ।

ଜୀତେ ଜୀ କଦ୍ର ବଶର କି ନେହିଁ ହୋତି ପ୍ୟାରୋଁ
ୟାଦ୍ ଆଏଁଗେ ତୁମ୍ହେ ମେରେ ସୁଖନ୍ ମେରେ ବାଦ୍

ମଣିଷକୁ କେବେ ଜିଇଁଥିବା ବେଳେ ମାନ ଗଉରବ ମିଳଇ ନାହିଁ ।
ଗଲାପରେ ମୁହିଁ ସୁଖ ସଉରଭ ମନେ ପକାଇବ ହେ ମୋର ଭାଇ ।

★★★ ★★★

# ଇସଲାମର ମତଭେଦପୂର୍ଣ୍ଣ ଜଟିଳ ପରିସ୍ଥିତି ଉପରେ ଆଧାରିତ ପାର୍ସି କାବ୍ୟରେ ପରିସମାପ୍ତି

ମଏ ସରଜଦ୍ ଗର୍ ଖୁଁ ବବାରଦ୍ ଦିଦହେ ହର୍ ଅହଲେ ଦାଁ
ବର୍ ପରେଶାଁ ହାଲେ ଇସଲାମ୍ ଓ କହତୁଲ୍ ମୁସଲେମୀନ୍

**ଇସଲାମର ଦୁର୍ଦ୍ଦଶା ଓ ମୁସଲମାନମାନଙ୍କ ଅକାଳ ଦୁର୍ବିପାକକୁ ଦେଖି ଏହା ଉଚିତ ହେବ ଯେ ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିର ଚକ୍ଷୁ ରକ୍ତର ଅଶ୍ରୁ ବୁହାଇବ ।**

ଦୀନେ ହକ୍‌ରା ଗରଦିଶ୍ ଆମଦ୍ ସାଆବ୍‌ନାକ୍ ଓ ସହ୍‌ମଗୀଁ
ସଖତ୍ ଶୋର ଅଓ ଉଫଂତାଦ୍ ଅନ୍ଦରେ ଯହାଁ ଅଜ୍ କୁଫଂରୋ କୀଁ

**ଈଶ୍ୱରଙ୍କ ଧର୍ମ ଉପରେ ଅତ୍ୟନ୍ତ ଭୟାନକ ଓ ବିପତ୍ତିପୂର୍ଣ୍ଣ ସଙ୍କଟ ଘନିଭୂତ ହୋଇଛି । ଅବଜ୍ଞା ତଥା ଦୁର୍ଭାଗ୍ୟର କାରଣ ଯୋଗୁଁ ସଂସାରରେ ଘୋର ଉପଦ୍ରବ ବ୍ୟାପିଯାଇଛି ।**

ଆନକେ ନଫଂସ ଅଓସ୍ତ ଅଜ୍‌ହର୍ ଖୈରୋ ଖୁବୀ ବେ ନସୀବ୍
ମଏ ତରାଶୁଦ୍ ଅଏବ୍ ହାଦରଜାତ୍ ଖୈରୁଲ୍ ମୁର୍‌ସଲୀନ୍

**ସେହି ବ୍ୟକ୍ତି ଯାହାର ହୃଦୟ ପ୍ରତ୍ୟେକ ପ୍ରକାର କଲ୍ୟାଣ ଓ ଉତ୍ତମତାରୁ ବଂଚିତ ହୋଇ ରହିଛି, ସେ ମଧ୍ୟ ସକଳ ରସୁଲମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ମୁହମ୍ମଦ[ସଅ]ଙ୍କର ଚରିତ୍ର ହରଣ କରୁଛି ।**

ଆଙ୍କେ ଦର୍ ଜନ୍ଦାନେ ନାପାକି ସତ୍ ମହବୁସ୍ ଓ ଅସୀର୍
ହସ୍ତ ଦର୍‌ଶାନେ ଇମାମେ ପାକ୍‌ବାଜାଁ ନୁକତା ଚୀଁ

**ଯିଏ ସ୍ୱୟଂ ଅପବିତ୍ରତାର କାରାବାସରେ ବନ୍ଦୀ ହୋଇ ରହିଛି, ସେ ମଧ୍ୟ ପବିତ୍ର ବ୍ୟକ୍ତିଙ୍କର ସର୍ଦ୍ଦାରଙ୍କ ମହାନ ବ୍ୟକ୍ତିତ୍ୱର କୁତ୍ସାରଟନା କରୁଛି ।**

ତୀର ବର୍ ମାସୁମ୍ ମଏ ବାରଦ୍ ଖବୀଶେ ବଦ୍ ଗୁହର୍
ଆସମାଁ ରାମି ସଜ୍‌ଦ ଗର୍ ସନ୍‌ଙ୍ଗ ବାରଦ୍ ବର୍ ଜମୀଁ

**ନୀଚମନା ଓ ଦୁରାଚାରୀ ମନୁଷ୍ୟ ସେହି ନିର୍ଦ୍ଦୋଷଙ୍କ ଉପରେ ତୀର ଚାଳନା କରୁଛି । ଆକାଶ ଏହା ଦେଖି ଧରିତ୍ରୀ ଉପରେ ପଥର ବର୍ଷା କରିବା ଉଚିତ୍ ।**

ପେଶ୍ ଚଶ୍‌ମାନେ ଶମା ଇସଲାମ୍ ଦର୍ ଖାକ ଉ'ଫଂତାଦ୍
ଚୀସ୍ତ ଉଜ୍‌ରେ ପେଶ୍ ହକ୍ ଅଏ ମୁଜ୍‌ମଆଲ୍ ମୁତ୍‌ନା ଅମୀନ୍

**ତୁମ ଚକ୍ଷୁ ସମ୍ମୁଖରେ ଇସଲାମ ମାଟିରେ ମିଶିଗଲା । ଅତଃ ହେ ଧନୀମାନି ଲୋକ ସମୁହ ! ତୁମେମାନେ ଈଶ୍ୱରଙ୍କ ସମ୍ମୁଖରେ କ'ଣ ବାହାନା କରିବ ?**

ହର ତରଫ କୁଫ୍‌ରସ୍ତ୍ ଯୋଶାଁ ହମ୍‌ଚୁଁ ଅଫ୍‌ଓ୍ୱାଜେ ୟଜିଦ୍
ଦୀନେ ହକ୍ ବିମାର ଓ ବେକସ୍ ହମ୍‌ଚୁ ଜଏନୁଲ୍ ଆବେଦୀନ୍

**ୟଯିଦ୍‌ର ସେନା ପରି ପ୍ରତ୍ୟେକ ଆଡୁ ଅମାନ୍ୟକାରୀତା ପ୍ରଚଣ୍ଡ ପ୍ରଭାବର ସୁଅ ଛୁଟିବାରେ ଲାଗିଛି । ଏବଂ ସତ୍ୟ ଧର୍ମ ଜେନୁଲ୍ ଆବିଦିନ୍ ସଦୃଶ ପୀଡ଼ିତ ଓ ଅସହାୟ ହୋଇ ପଡ଼ିଛି ।**

ମର୍‌ଦମେ ଜୀ ମକଦରତ୍ ମଶ୍‌ଗୁଲେ ଇଶ୍‌ରତ ହାଏ ଖ୍ୱେଶ୍
ଖୁର୍‌ରମ ଓ ଖନ୍‌ଦାଁ ନଶସ୍‌ତା ବାବୁତାନେ ନାଜନୀନ୍

**ଧନାଢ୍ୟ ବ୍ୟକ୍ତିଗଣ ଭୋଗବିଳାସରେ ମାତିଛନ୍ତି ଏବଂ ସୁନ୍ଦରୀ ମହିଳାଙ୍କ ସହିତ ଆନନ୍ଦ ଉପଭୋଗ କରୁଛନ୍ତି ।**

ଆଲମା ରା ରୋଜା ଓ ଶବ୍ ବାହମ୍ ଫସାଦ୍ ଅଯ୍ ଜୋଶ୍ ନଫସ୍
ଜାହେଦାଁ ଗାଫିଲ୍ ସରାସର୍ ଅଜ୍ ଜରୁରତ ହାଏ ଦୀଁ

**ବିଦ୍ୱାନମାନେ ଦିବାନିଶି କାମ, କ୍ରୋଧ, ହିଂସା ଓ ଲୋଭର ଅବେଗରେ ପରସ୍ପର ମଧ୍ୟରେ ଲଢେଇ କରୁଛନ୍ତି । ଏବଂ ତପସ୍ୱୀ ଧର୍ମର କର୍ତ୍ତବ୍ୟ ଠାରୁ ବିମୁଖ ହୋଇ ଯାଇଛନ୍ତି ।**

ହର କସେ ଅଜ୍ ବହରେ ନଫ୍‌ସେ ଦୁନେ ଖୁଦ୍ ତରଫେ ଗିରଫ୍‌ତ
ତରଫେ ଦୀଁ ଖାଲି ଶଦୁ ହର୍ ଦୁଶ୍‌ମନେ ଜିସ୍ତ ଅଜ୍ କମୀଁ

**ପ୍ରତ୍ୟେକ ବ୍ୟକ୍ତି ନିଜର ନୀଚ ମନବୃତ୍ତି ପାଇଁ ଏକ ନିଆରା ରୂପ ଆପଣାଇ ନେଇଛି । ଯାହାହେଯାଗୁଁ ଧର୍ମର ଦିଗଟି ଶୂନ୍ୟ ପଡ଼ିଛି । ତେଣୁ ପ୍ରତ୍ୟେକ ଶତ୍ରୁ ଆକ୍ରମଣ ସ୍ଥାନରୁ ଡ଼େଇଁ ପଡ଼ିଲା ।**

ଆଏ ମୁସଲମାନାଁ ଚେ ଆସାରେ ମୁସଲମାନୀ ହମୀଁ ଅସ୍ତ୍
ଦୀଁ ଚୁନିଁ ଅବତର୍ ଶମା ଦର୍ ଜୈଫଏ ଦୁନିୟା ରହିଁ

**ହେ ମୁସଲାମାନଗଣ ! କ'ଣ ଏହା ମୁସଲମାନର ଲକ୍ଷଣ ? ଧର୍ମର ତ ଏପରି ଅବସ୍ଥା, ଅଥଚ ତୁମେମାନେ ନିର୍ଜୀବ ସଂସାର ଭିତରେ ବୁଡ଼ି ରହିଛ ?**

କାଖେ ଦୁନିଆ ରା ଚଏ ଇସ୍ତହକାମ୍ ଦର୍ ଚଶ୍ମେ ଶମାସ୍ତ୍
ୟା ମଗର୍ ଅୟ୍ ଦିଲ୍ ବରୁଁ କର୍ଦୀଦ୍ ମୌତେ ଅଓ୍ୱଲୀନ୍

**କ'ଣ ତୁମ ଦୃଷ୍ଟିରେ ସଂସାରର ରଙ୍ଗମହଲ ବହୁତ ମଜବୁତ୍ ? ସମ୍ଭବତଃ ପୂର୍ବବର୍ତ୍ତୀ ଲୋକମାନଙ୍କ ମୃତ୍ୟୁର ଭାବନା ତୁମ ହୃଦୟରୁ ଅପସରି ଯାଇଛି ।**

ଦୌରେ ମୌତ୍ ଆମଦ୍ କରୀବ୍ ଅଏ ଗାଫିଲାଁ ଫିରକଶ୍ କୁନେଦ୍
ଦୌରେ ମଏ ତାକେ ବଖୁବାନେ ଲତିଫ୍ ଓ ମାହ୍‌ଜବୀଁ

**ହେ ଅସାବଧାନ ଲୋକ ! ମୃତ୍ୟୁ ନିକଟତର ହୋଇଗଲାଣି, ତାହାର ଚିନ୍ତା କର । ସୁନ୍ଦରୀ ଓ ମନମୋହନୀ ପ୍ରେମୀକାମାନଙ୍କ ସହିତ ମଦିରା ନିଶାରେ ବୁଡ଼ି ରହିବା କେଉଁ ପର୍ଯ୍ୟନ୍ତ ଚାଲିଥିବ ?**

ନଫସେ ଖୁଦ୍ ରାବସ୍ତା ଦୁନିୟା ମଦାର ଅଏ ହୋଶମନ୍ଦ
ଓ୍ୱରନା ତଲ୍‌ଖୀହା ବେ ବଏନୀ ଓ୍ୱକତେ ଅନ୍‌ଫାସେ ପସାଁ

**ହେ ବୁଦ୍ଧିମାନ ଜନ ! ଆପଣା ମନକୁ ସଂସାରର ମାୟାରେ ବନ୍ଦୀ କରି ରଖ ନାହିଁ । ଅନ୍ୟଥା ମୃତ୍ୟୁ ଘଡ଼ି ଆସିଲେ ବହୁ କଠୋର କ୍ଳେଶ ସହନ କରିବାକୁ ପଡ଼ିବ ।**

ଦିଲେ ମଦେହ୍ ଇଲ୍ଲା ବଦଲ୍‌ଦାରେ କେ ହୁସନଶ୍ ଦାଇମିସ୍ତ
ତା ସର୍‌ଓ୍ୱରେ ଦାଇମୀ ୟାବୀ ଜେ ଖୈରୁଲ୍ ମୁହ୍‌ସିନୀନ୍

**ସେହି ପ୍ରେମୀକଙ୍କୁ ଛାଡ଼ି ଯାହାଙ୍କ ସୌନ୍ଦର୍ଯ୍ୟ ଅବିନାଶୀ ଅନ୍ୟ କାହାରିକୁ ନିଜ ହୃଦୟ ଦେଇ ବସ ନାହିଁ । ଯଦ୍ଦ୍ୱାରା ତୁ ପରମ ଦୟାଳୁ ଈଶ୍ୱରଙ୍କ ନିକଟରୁ ଶାଶ୍ୱତ ଆନନ୍ଦ ପ୍ରାପ୍ତ କରିବ ।**

ଆନ୍ ଖୁର୍‌ଦମନ୍ଦେ କେ ଅଓ୍ ଦିଓ୍ୱାନାଏ ରାହଶ୍ ବୁଦ୍
ହୋଶ୍‌ୟାରେ ଆନ୍‌କେ ମସ୍ତେ ରୁଏ ଆନ୍‌ୟାରେ ହସିଁ

**ସେହି ବ୍ୟକ୍ତି ବୁଦ୍ଧିମାନ ଯିଏ କି ତାହାଙ୍କ ମାର୍ଗର ପାଗଳ ଏବଂ ସେହି ବ୍ୟକ୍ତି ବହୁତ ହୁସିଆର ଥାଏ, ଯିଏ ସେହି ପରମ ଐଶ୍ୱର୍ଯ୍ୟମୟ ପ୍ରିୟତମଙ୍କ ମୁଖମଣ୍ଡଳ ପ୍ରତି ଆସକ୍ତ ଥାଏ ।**

ହସତ୍ ଜାମେ ଇଶକ୍ ଉ ଆବେ ହୟାତେ ଲାଜଓ୍ୱାଲ୍
ହର୍ କେ ନଓଶୀଦସ୍ତ ଉ ହରଗିଜ୍ ନମୀରଦ୍ ବାଦ୍ ଅଜିଁ

**ତାହାଙ୍କ ପ୍ରେମ ପିଆଲା ଅବିନାଶୀ ଅମୃତ । ଯେଉଁ ବ୍ୟକ୍ତି ତାକୁ ଥରେ ପାନ କରିବ । ପୁଣି ସେ କଦାପି ମୃତ୍ୟୁ ଲଭିବ ନାହିଁ ।**

ଅଏ ବରାଦର୍ ଦିଲ୍ ମନେ ଦର୍ ଦୌଲତେ ଦୁନୟାଏ ଦୁଁ
ଜହର ଖୁଁ ରେଜସ୍ତ ଦର୍ ହର୍ କତ୍ରାଃ ଇଁ ଅଙ୍ଗେବୀଁ

**ହେ ଭାଇ ! ଏହି ନିଛ ସଂସାର ଧନ ସମ୍ପତ୍ତିରେ ମନ ଲଗାଅ ନାହିଁ । ଏହି ମଧୁ ରସର ପ୍ରତ୍ୟେକ ବିନ୍ଦୁରେ ହଳାହଳ ବିଷ ଭରି ରହିଛି ।**

ତାତୱାନୀ ଜୋହଦ୍ କୁନ୍ ଅଜ୍ ବହରେ ଦାଁ ବାଜାନୋ ମାଲ୍
ତାଜେ ରବ୍ବୁଲ୍ ଅର୍ଶ୍ ୟାବୀ ଖୁଲ୍ଅତେ ସଦ୍ ଆଫରାଁ

**ଯେତେଦୂର ତୁମ ଦ୍ୱାରା ହୋଇପାରେ ମନପ୍ରାଣ ଲଗାଇ ଧର୍ମ ସକାଶେ ଉଦ୍ୟମ କର । ଯଦ୍ୱାରା ସ୍ୱର୍ଗରୁ ସିଂହାସନାଧି ପତି ଈଶ୍ୱରଙ୍କ ନିକଟକୁ ପ୍ରସନ୍ନତାର ଉପହାର ପ୍ରାପ୍ତ କର ।**

ଅଜ୍ ଅମଲ୍ ସାବିତ୍କୁନ୍ ଆଁ ନୁରେ କେଦର୍ ଇମାନେ ତୁସ୍ତ୍
ଦିଲ୍ ବୁ ଦାଦୀ ୟୁସୁଫେ ରା ରାହେ କିନାଆଁ ରାଗଜିଁ

**ସେହି ଜ୍ୟୋତି ଯାହା ତୁମ ଆସ୍ଥାରେ ରହିଛି, ତାହା ନିଜ କର୍ମ ଦ୍ୱାରା ପ୍ରମାଣ କର । ଯେତେବେଳେ ତୁମେ ୟୁସୁଫ ନବୀଙ୍କୁ ହୃଦୟ ଦେଇଥିଲ, କିନ୍ଆନ ମାର୍ଗ ଧାରଣ କଲ ।**

ୟାଦ୍ ଅୟାମି କେ ଇଁ ଦୀଁ ମରଜଏ ହର କେସ୍ ବୋଦ୍
ଆଲମେ ରା ଓରହାନୀଦ୍ ଅଜ୍ରହେ ଦୀୟୋ ଲଇଁ

**ସେହିଦିନ ମନେ ଅଛି ଯେତେବେଳେ ଏହି ଧର୍ମ (ଇସଲାମ) ସବୁ ଧର୍ମର ଅନୁଗାମୀମାନଙ୍କର କେନ୍ଦ୍ରରେ ପରିଣତ ହୋଇଥିଲା ଏବଂ ଅଭିଶପ୍ତ ଶୈତାନର ମାର୍ଗରୁ ତାହା ଏକ ଜଗତକୁ ଛଡ଼ାଇ ରଖିଥିଲା ।**

ବର୍ ଜମିଁ ଗୁସତରଦ୍ ଜିଲ୍ଲେ ତରବିୟତ୍ ଅଜ୍ ନୁରେ ଅଲମ୍
ପାଏ ଖୁଦ୍ ମଏ ଜଦ୍ ଜଅଙ୍କୋ ଯାହ୍ ବର୍ ଚରଖେ ବରିଁ

**ଜ୍ଞାନର ଜ୍ୟୋତି ଦ୍ୱାରା ଇସଲାମ ସଂସାରରେ ପବିତ୍ର ସଂସ୍କାରର ପ୍ରଶିକ୍ଷଣ ଛାୟା ବିସ୍ତାର କରିଥିଲା । ତଥା ଉଚ୍ଚମାନ ମର୍ଯ୍ୟାଦା ପ୍ରତିଷ୍ଠା କାରଣରୁ ତାହାର ପାଦ ଆକାଶ ଉପରେ ରହିଥିଲା ।**

ଇଁ ଜମାନେ ଅଁଚୁନାଁ ଆମଦ୍ କେ ହର୍ ଇବ୍ନ ଅଲ୍ ଜହ୍ଲୁଲ୍
ଅଜ୍ ସଫାହତ୍ ମୈକନ୍ଦ ତକ୍ଜୀବ ଇଁ ଦୀନେ ମତିଁ

ଏବେ ଏପରି ଯୁଗ ଆସିଛି ଯେ ପ୍ରତ୍ୟେକ ମୁର୍ଖ ନିଜର ଅଜ୍ଞାନତା କାରଣରୁ ଏହି ଦୃଢ ଓ ପ୍ରତିଷ୍ଠିତ ଧର୍ମକୁ ମିଥ୍ୟା ଅପବାଦ ଦେଇ ପ୍ରତ୍ୟାଖ୍ୟାନ କରିବାରେ ଲାଗିଛି ।

ସଦ୍ ହଜାରାଁ ଅବ୍‌ଲହାଁ ଅଜ୍ ଦାଁ ବୁରୋଁ ବର୍‌ଦନ୍ଦ୍ ରଖତ୍
ସଦ୍ ହଜାରାଁ ଯାହଲାଁ ଗଶ୍‌ତନ୍ଦ୍ ସୟଦୁ ଅଲ୍‌ମାକରିଁ

ଲକ୍ଷ ଲକ୍ଷ ନିର୍ବୋଧ ଲୋକ ଧର୍ମଛଡ଼ା ହୋଇ ବାହାରିଗଲେ ଏବଂ ଲକ୍ଷ ଲକ୍ଷ ଅଜ୍ଞାନୀ ଷଡ଼ଯନ୍ତ୍ରକାରୀଙ୍କ ଶିକାର ହୋଇଗଲେ ।

ବର ମୁସଲାମାନାଁ ହମା ଅଦ୍‌ବାରେ ଜାଁ ରହ୍ ଉଫତାଦ୍
କଜ୍ ପଏ ଦାଁ ହିମ୍ମତେ ଶାଆଁ ନେସ୍ତ୍‌ବା ଗୈରତ୍ କରିଁ

ମୁସଲାମାନମାନଙ୍କୁ ଏଥିପାଇଁ ନିନ୍ଦିତ ଓ ତିରସ୍କୃତ ହେବାକୁ ପଡ଼ିଲା ଯେ ଧର୍ମରକ୍ଷା ସଂକ୍ରାନ୍ତରେ ସେମାନଙ୍କ ଦାମ୍ଭିକତା ସେମାନଙ୍କର ସ୍ୱାଭିମାନକୁ ବଜାୟ ରଖିପାରିଲା ନାହିଁ ।

ଗର ବଗରୁଦଦ୍ ଆଲମେ ଅଜ୍ ରାହେ ଦୀନେ ମୁସ୍ତଫା
ଅଜ୍ ରହେ ଗୈସତ୍ ନୁମେ ଜନ୍‌ବନ୍ଦ୍ ହମ୍ ମସ୍‌ଲେ ଜନିଁ

ଯଦି ଗୋଟିଏ ଜଗତ ମୁସ୍ତଫାଙ୍କ ଧର୍ମ ମାର୍ଗରୁ ବିମୁଖ ହୋଇଯାଏ । ତା'ହେଲେ ଭ୍ରଣ ସମାନ ମଧ୍ୟ ସେମାନେ ସ୍ୱଭିମାନକୁ ଦୋହଲାଇ ଦିଅନ୍ତେ ନାହିଁ ।

ଫିକରେ ଏଶାଁ ଗର୍‌କ୍ ହର୍‌ଦମ୍ ଦର୍ ରାହେ ଦୁନିୟା ଏ ଦୁଁ
ମାଲ୍ ଏଶାଁ ଗାରତ୍ ଅନ୍ଦର୍ ରାହେ ନସ୍‌ୱାନ୍ ଓ ବୈନିଁ

ସେମାନେ ପ୍ରତିକ୍ଷଣ ଏହି ତୁଚ୍ଛ ସଂସାରର ଚିନ୍ତାରେ ବୁଡ଼ି ରହୁଛନ୍ତି ଏବଂ ସେମାନଙ୍କ ଧନ ପତ୍ନୀ ଓ ପୁତ୍ରମାନଙ୍କ ପଛରେ ଖର୍ଚ୍ଚ ହୋଇ ଚାଲିଥାଏ ।

ହର କିଜା ଦର୍ ମଜଲିସେ ଫିସ୍‌କ୍ ସତ୍ ଏଶାଁ ସଦ୍‌ରେ ଶାଁ
ହର କିଜା ହସ୍ତ୍ ଅଜ୍ ମାଆସୀ ହଲ୍‌କଏ ଏଶାଁ ନଗାଁ

ଯେଉଁ ସଭାରେ ମଧ୍ୟ ନିର୍ଲ୍ଲଜତା ଓ ଅଶ୍ଳୀଳତା ପ୍ରଦର୍ଶନ କରାଯାଉ ଥାଏ, ସେମାନେ ତାହାର ସଭାପତି ହୋଇଥାନ୍ତି ଏବଂ ଯେଉଁଠାରେ ପାପୀମାନେ ରୁଣ୍ଡ ହୋଇଥାନ୍ତି, ସେ ସେଠାକାର ଶୋଭାମଣ୍ଡନ କରିଥାନ୍ତି ।

ବା ଖରାବାତ୍ ଆଶ୍‌ନା ବେଗାନା ଅଜ୍ କୋଏ ହୁଦା
ନଫରତ୍ ଅଜ୍ ଅର୍‌ବାବେ ଦାଁ ବାମଏ ପର୍‌ସତାଁ ହମ୍‌ନଶାଁ

ଏଣେ ମଦର ରସିକ କିନ୍ତୁ ସତ୍‌ଶିକ୍ଷା ପ୍ରତି ବିତୃଷ୍ଣା ଭାବ । ଧାର୍ମିକମାନଙ୍କୁ ଘୃଣା ଏବଂ ମଦିରା ପାନ କରୁଥିବା ବ୍ୟକ୍ତିଙ୍କ ସହିତ ବସାଉଠା ଓ ମିଳାମିଶା ସମ୍ପର୍କ ।

ରୁ ବଗର୍ ଦାନୀଦ୍ ଦିଲ୍‌ଦାରେ କେ ସଦ୍ ଇଖଲାସ୍ ଦା
ଚୁଁ ନଦୀଦ୍ ଅନ୍ଦର୍ ଦିଲ୍ ଇଁ କୌମ୍ ସିଦ୍‌କ ଅଲ୍ ମୁଖଲେସିନ୍

ସେମାନଙ୍କ ଶାସନ ଓ ମାନ ମର୍ଯ୍ୟାଦାର ଯୁଗ ତ ବିତିଗଲା ଏବେ ସେମାନଙ୍କ କୁକର୍ମର କଳଙ୍କ ଏପରି ଦିନ ନେଇ ଆସିଲା ।

ଅଜ୍ ରାହେ ଦାଁ ପରଓ୍ୱରୀ ଆମଦ୍ ଓରୁଜ୍ ଅନ୍ଦର ନୁଖସ୍ତ
ବାଜ୍ ଚୁଁ ଆୟଜ୍ ବିୟାୟଦ୍ ହମ୍ ଆଜେଁ ରହ୍ ବିଲ୍‌ୟକିଁ

ପ୍ରଥମ କାଳରେ ଯେଉଁ ବିକାଶ ସାଧିତ ହୋଇଥିଲା, ତାହା ଧାର୍ମିକ ପ୍ରଗତିର ମାର୍ଗରେ ହୋଇଥିଲା । ପୁନର୍ବାର ଯେତେବେଳେ ଏହା ହେବ ନିଃସନ୍ଦେହରେ ଏହି ମାର୍ଗରେ ହିଁ ହେବ ।

ୟା ଏଲାହୀ ବାଜ୍ କେ ଆୟଦ୍ ଜେ ତୁ ଓ୍ୱକେ ମଦଦ୍
ବାଜ୍ କେ ବୈନୀମ୍ ଆଁ ଫରଖନ୍ଦାହ୍ ଅୟାମ ଓ ସୁନିଁ

ହେ ଈଶ୍ୱର ! ପୁଣି କେବେ ତୁମ୍ଭ ନିକଟରୁ ସହାୟତାର ସମୟ ଆସିବ ଏବଂ ଆମେ ପୁଣି କେବେ ସେହି ମଙ୍ଗଳମୟ ଦିନ ଓ ବର୍ଷ ଦେଖିବୁ ?

ଇଁ ଦୋ ଫିକ୍ରେ ଦୀନେ ଅହମଦ୍ ମଗ୍‌ଜେ ଯାନେ ମା ଗଦାଖତ୍
କସରତେ ଆଦାଏ ମିଲ୍ଲତ୍ କିଲ୍ଲତେ ଅନ୍‌ସାରେ ଦୀଁ

ଧର୍ମର ଶତ୍ରୁ ବଢିଗଲେ ଓ ଧର୍ମର ସହଯୋଗୀ କମିଗଲେ ଅହମଦଙ୍କ ଧର୍ମ (ଇସଲାମ୍) ସମ୍ବନ୍ଧରେ ଏହି ଦୁଇଟି ଘୋର ଚିନ୍ତା ମୋର ପ୍ରାଣକୁ ସମ୍ପୂର୍ଣ୍ଣ ରୂପେ ଆନ୍ଦୋଳିତ କରୁଛି ।

ଅଏ ଖୁଦା ଜୋଦ୍ ଆଓବର୍‌ମା ଆବେ ନୁସରତ୍ ହା ବବାର
ୟା ମରା ବର୍‌ଦାର୍ ୟା ରବ୍‌ବେ ଜାଁ ମୁକାମେ ଆତଶିଁ

ହେ ପରମେଶ୍ୱର ! ଶୀଘ୍ର ଆସ ଏବଂ ଆମ ଉପରେ ନିଜର ସହାୟତାର ବର୍ଷା କର । ଅନ୍ୟଥା ହେ ଆମର ପାଳନକର୍ତ୍ତା ! ଅଗ୍ନିରେ ହୁତ ହୁତ ହୋଇ ଜଳୁଥିବା ଏହି ଭବ ସଂସାରରୁ ମୋତେ ଉଠାଇ ନିଅ ।

ଆଏ ଖୁଦା ନୁରେ ହୁଦା ଅଜ୍ ମଶ୍‌ରିକ୍ ରହମତ୍ ବରାର୍
ଗୁମର୍ ହାଁ ରା ଚଶମ କୁନ୍ ରୌଶନ ଜଆୟାତେ ମୁବିଁ

ହେ ଜଗଦୀଶ୍ୱର ! କରୁଣାର ଉଦୟ ସ୍ଥଳରୁ ସତ୍‌ଶିକ୍ଷାର ଜ୍ୟୋତି ଉଦୟ କର । ଅଲୌକିକ ନିଦର୍ଶନର ଚମକ ଦେଖାଇ ପଥଭ୍ରଷ୍ଟମାନଙ୍କ ଚକ୍ଷୁ ଆଲୋକିତ କର ।

ଚୁଁ ମରା ବଖଶିଦ୍‌ହୀ ସିଦ୍‌କ ଅନ୍‌ଦରିଁ ସୋଜୋ ଗୁଦାଜ୍
ନେସ୍ତ୍ ଉମିଦମ୍ କେ ନାକାମମ୍ ବମିରାନୀ ଦରିଁ

ଯେବେ କି ତୁମ୍ଭେ ମୋତେ ଏହି ଉଜ୍ଜ୍ୱଳ ଓ ଉଦବିଗ୍ନ ସମୟରେ ସତ୍ୟ ପ୍ରଦାନ କରିଛ, ସେଥିପାଇଁ ମୁଁ ଆଶା କରୁ ନାହିଁ ଯେ ତୁମ୍ଭେ ଏହି କାର୍ଯ୍ୟରେ ମୋତେ ଅସଫଳତାର ମୃତ୍ୟୁ ଦେବ ।

କାରୋବାର ସାଦକାଁ ହର୍‌ଗିଜ୍ ନୁମାନ୍ଦ୍ ନା ତମାମ୍
ସାଦକାଁ ରା ଦସ୍ତେ ହକ୍ ବାଶଦ୍ ନହାଁ ଦର୍ ଆସ୍ତିଁ

ସତ୍ୟନିଷ୍ଠମାନଙ୍କ କାରବାର କଦାପି ଅଧୁରା ହୋଇ ରହେ ନାହିଁ । ସତ୍ୟବାଦୀମାନଙ୍କ ପାଖରେ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଈଶ୍ୱରଙ୍କ ହସ୍ତ ଲୁଚି ହୋଇ ରହିଥାଏ ।

# ଅଭିଯୋଗକାରୀଙ୍କ ଗୋଚାରାର୍ଥେ ଖୋଲା ବିଜ୍ଞାପନ

ଆମେ ମନସ୍ଥ କରିଛୁ ଯେ ବର୍ତ୍ତମାନ ଯୁଗରେ ଯେପରି ଭାବରେ ବିଭିନ୍ନ ଧାର୍ମିକ ଗୋଷ୍ଠୀ ଓ ଭିନ୍ନ ଭିନ୍ନ ମତପୋଷଣ କରୁଥିବା ବ୍ୟକ୍ତିମାନେ ଇସଲାମ ଉପରେ କିମ୍ବା କୁରଆନର ଶିକ୍ଷା ପ୍ରତି ଅଥବା ଆମର ମହାନ ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ଅଭିଯୋଗ କରୁଛନ୍ତି । ତତ୍‌ସହିତ ଆମର ବ୍ୟକ୍ତିଗତ ବିଷୟ ସଂକ୍ରାନ୍ତରେ ମସାଲୋଚନା କରୁଛନ୍ତି ଏବଂ ଯାହା କିଛି ଆମ ପ୍ରତି ହୋଇଥିବା ଦୈବୀବାଣୀ ଓ ଆମର ଐଶୀ ପ୍ରକଟିତ ଦାବି ସମ୍ବନ୍ଧରେ ସେମାନଙ୍କ ହୃଦୟରେ ଶଙ୍କା ଓ ସନ୍ଦେହ ରହିଛି, ସେ ସମସ୍ତ ଅଭିଯୋଗକୁ ଏକ ପତ୍ରିକା ଆକାରରେ କ୍ରମାନୁଯାୟୀ ଉଲ୍ଲେଖ କରି ଛପାଇ ଦେବୁ ଏବଂ ସେହି କ୍ରମରେ ପ୍ରତ୍ୟେକ ଅଭିଯୋଗ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଆରମ୍ଭ କରିବୁ । ସୁତରାଂ ସାଧାରଣ ଉପରେ ସମସ୍ତ ଖ୍ରୀଷ୍ଟଧର୍ମୀ, ହିନ୍ଦୁ, ଆର୍ଯ୍ୟସମାଜୀ, ୟହୁଦୀ, ପାରସୀୟ ଧର୍ମାବଲମ୍ବୀ ତଥା ନାସ୍ତିକବାଦୀ, ବ୍ରହ୍ମ ସମାଜୀ, ବୈଜ୍ଞାନିକ, ଦାର୍ଶନିକ ଏବଂ ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ମୁସଲମାନମାନଙ୍କୁ ସମ୍ବୋଧିନ କରି ଏହି ବିଜ୍ଞାପନ ଦିଆଯାଉଛି ଯେ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଇସଲାମ ପ୍ରସଙ୍ଗରେ ଅଥବା ପବିତ୍ର କୁରଆନ, ପବିତ୍ର ରସୁଲ୍ କିମ୍ବା ସ୍ୱୟଂ ସଂକ୍ରାନ୍ତରେ ଆମର ଈଶ୍ୱର ପ୍ରଦତ୍ତ ସ୍ତର ଓ ପଦ ମର୍ଯ୍ୟାଦା ସଂକ୍ରାନ୍ତରେ ଆମର ଐଶୀବାଣୀ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ କରୁଛନ୍ତି । ତା'ହେଲେ ସଂପୃକ୍ତ ଅଭିଯୋଗକାରୀ ଯଦି ସତ୍ୟାଭିଳାଷୀ ହୋଇଥାନ୍ତି, ତେବେ ତାଙ୍କ ପାଇଁ ଏହା ଅନିବାର୍ଯ୍ୟ ହେବ ଯେ ସେ ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଓ ପରିଷ୍କାର ଉପରେ କଲମରେ ଲେଖି ଆମ ପାଖକୁ ପଠାଇ ଦିଅନ୍ତୁ । ଯଦ୍ଧାରା ସେ ସମସ୍ତ ଅଭିଯୋଗୁଡ଼ିକୁ ଗୋଟିଏ ସ୍ଥାନରେ ଏକତ୍ରିତ କରାଇ ଏକ ପତ୍ରିକାରେ କ୍ରମାନ୍ୱୟରେ ଲେଖି ମୁଦ୍ରଣ କରାଯିବ । ଏବଂ କ୍ରମଶଃ ପ୍ରତ୍ୟେକ ପ୍ରଶ୍ନର ବିସ୍ତାରପୂର୍ବକ ଉତ୍ତର ଦିଆଯିବ ।

ବିନୀତ

**ମିର୍ଜା ଗୁଲାମ ଅହମଦ କାଦିୟାନୀ**

ଜିଲ୍ଲା: ଗୁରଦାସପୁର (ପଞ୍ଜାବ)

୧୦ ଜମାଦିଉସ୍ ସାନୀ ୧୩୦୮ ହିଜ୍ରି

# ଘୋଷଣା

ଏହି ପୁସ୍ତକ ସହିତ ଆଉ ଦୁଇଟି ପୁସ୍ତକ ମଧ୍ୟ ରଚନା କରାଯାଇଛି । ଯାହାକି ଏହି ପୁସ୍ତକର ଅଂଶବିଶେଷ । ଅତଃ ଏହି ପୁସ୍ତକର ନାମ **'ଫତେହ୍ ଇସଲାମ'** ଓ ଦ୍ୱିତୀୟ ପୁସ୍ତକର ନାମ **'ତୌଜିହ୍ ମରାମ୍'** ଏବଂ ତୃତୀୟ ପୁସ୍ତକର ନାମ **'ଇଜାଲାଃ ଅଓହାମ୍'** ।

ଘୋଷଣାକାରୀ
ବିନୀତ
**ମିର୍ଜା ଗୁଲାମ ଅହମଦ କାଦିୟାନୀ**